# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 12/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 316 | ମୂଲ୍ୟ₹୭/-


# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର

**ପଶ୍ଚିମବଙ୍ଗର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୧୪ ମାସ ତଳେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ମନରୁ ଲିଭିନାହିଁ, ଶନିବାର ପୁଣି ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ପଶ୍ଚିମ ବର୍ଦ୍ଧମାନ ଜିଲା ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଛାତ୍ରୀ ଜଣକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର। ସେ ଉକ୍ତ ମେଡିକାଲ କଲେଜରେ ପାଠ ପଢ଼ନ୍ତି। ଶୁକ୍ରବାର ରାତିରେ ପୁରୁଷବନ୍ଧୁଙ୍କ ସହ ଛାତ୍ରୀ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ କ୍ୟାମ୍ପସ୍ ଗେଟ୍ ନିକଟକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୁରୁଷବନ୍ଧୁଙ୍କ ଫୋନ୍ କଲ୍ ପାଇବା ପରେ ପୀଡ଼ିତାଙ୍କ ବାପା ଜଳେଶ୍ୱରରୁ ଦୁର୍ଗାପୁର ଯାଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ତେବେ ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଆଦୌ ସହଯୋଗ କରୁ ନ ଥିବା ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଆନ୍ତା ବୋଲି ସେ କହିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଦୃଢ଼ନିନ୍ଦା କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟରେ ଦାବି କରିଛନ୍ତି। ଭାଜପା ମଧ୍ୟ ଘଟଣାକୁ ନେଇ ମମତା ସରକାରଙ୍କୁ ଘେରିଛି। ପଶ୍ଚିମବଙ୍ଗ ଏବେ ବଳାତ୍କାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭାଜପା ସମାଲୋଚନା କରିଛି।**

## ପଶ୍ଚିମବଙ୍ଗରେ ପୁଣି ଲଜ୍ଜା



- **ଘଟଣାରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି ପୋଲିସ: ପୀଡ଼ିତାଙ୍କ ବାପା**
- **ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କ ନିକଟରେ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ ମାଝୀ**

**ଦୁର୍ଗାପୁର(ପି.ଟି./ଏଜେନ୍ସି)/ ଜଳେଶ୍ୱର (ନବୀନ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର), ୧୧।୧୦**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଯୁବତୀ ଜଣକ ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଶୋଭାପୁରର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ ପଢ଼ନ୍ତି। ଏହି ଦ୍ୱିତୀୟ ବର୍ଷ ଛାତ୍ରୀ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁପ୍‌ଚୁପ୍ ଖାଇଯିବାକୁ ବାହାରିଥିଲେ। ସେହି ସମୟରେ ୪ରୁ ୫ ଜଣ ବ୍ୟକ୍ତି ଆସି କଲେଜ ଗେଟ୍ ନିକଟରେ ଉଭୟଙ୍କୁ କାବୁ କରିନେଇଥିଲେ। ସେମାନେ ଛାତ୍ରୀଙ୍କୁ ହସ୍ପିଟାଲ ବିଲ୍ଡିଂର ଏକ ନିଛାଟିଆ ସ୍ଥାନକୁ ଘୋଷାଡ଼ିନେଇ ଜଣ ଜଣ କରି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପୁରୁଷବନ୍ଧୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏନେଇ ତାଙ୍କ ଘରଙ୍କୁ ଫୋନ୍ କରି ସବୁକଥା ଜଣାଇଥିଲେ। ପୀଡ଼ିତାଙ୍କ ବାପା ଏହି ବିଷୟ ଜାଣିବା ପରେ ଦୁର୍ଗାପୁର ଯାଇ ଝିଅଙ୍କୁ ଭେଟିଛନ୍ତି।

ପଶ୍ଚିମ ବର୍ଦ୍ଧମାନ ନ୍ୟୁ ଥାନା ପୋଲିସ ଛାତ୍ରୀଙ୍କ ବାପାଙ୍କଠାରୁ ଅଭିଯୋଗ ପାଇବା ପରେ ବିଏନ୍‌ଏସ୍ ଦଫା ୭୦(୧), ୩(୫) ବଳରେ ମାମଲା (ନଂ.୧୩୧/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଟିମ୍ ଆଖପାଖର ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ସାକ୍ଷୀ, କଲେଜର ସୁରକ୍ଷା କର୍ମଚାରୀ ଓ ପୀଡ଼ିତାଙ୍କ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ପରେ କ୍ୟାମ୍ପସ୍‌ରେ ଅଶାନ୍ତି ଦେଖାଦେଇଛି। ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏହି ଘଟଣାକୁ ସଂଜ୍ଞାନକୁ ନେଇ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ସିଡବ୍ଲ୍ୟୁର ଏକ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ପୋଲିସ ତଦନ୍ତର ଅଗ୍ରଗତି ସମୀକ୍ଷା କରିଛି। ପଶ୍ଚିମବଙ୍ଗର ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟର ସମସ୍ତ ☞ପୃଷ୍ଠା-୯

# ବଦଳିଲା ନୂଆପଡ଼ା ଅଙ୍କ, ଭାଜପାରେ ଢୋଲକିଆ

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଅଙ୍କ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ଜୟଙ୍କ ଯୋଗଦାନ ବିଜେଡିର ଅକଲ ଗୁଡୁମ୍ କରିଦେଇଛି।



ଜୟ ଢୋଲକିଆ

**ଉପନିର୍ବାଚନରେ ପ୍ରମୁଖ ଭୂମିକା ନେବେ ଜୟ: ମୁଖ୍ୟମନ୍ତ୍ରୀ**

ଶୁକ୍ରବାର ପର୍ଯ୍ୟନ୍ତ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଦଳୀୟ ନେତାମାନେ ଯୁକ୍ତି ବାଢୁଥିଲେ। ହେଲେ ଗୁରୁବାର ଜୟ ନୂଆଦିଲ୍ଲୀ ଗସ୍ତରେ ଯିବା ସମ୍ପର୍କିତ ଖବର ଆସିବା ଏବଂ ☞ପୃଷ୍ଠା-୨










## ଦିଲ୍ଲୀରେ ଆଜି



ସୁପ୍ରିମକୋର୍ଟରେ ସିଜେଆଇଙ୍କୁ ଆକ୍ରମଣ ଓ ହରିୟାଣାରେ ଜାତିଭିତ୍ତିକ ଉତ୍ପୀଡ଼ନର ଶିକାର ହୋଇ ଆଇପିଏସ୍ ୱାଇ. ପୁରନ କୁମାରଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତର ଅଭିମୁଖେ ସମ୍ବିଧାନ ସମ୍ମାନ ଯାତ୍ରା ରାଲି। (ଫଟୋ-ଚମନ ଗୌତମ)

# ୩୫,୪୪୦ କୋଟିରେ ୨ କୃଷି ଯୋଜନା ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩୫,୪୪୦ କୋଟି ଟଙ୍କା ବ୍ୟୟରେ ୨ଟି ବୃହତ୍ କୃଷି ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଦେଶରେ ଡାଲି ଉତ୍ପାଦନ ବଢ଼ାଇବା ସହ ୧୦୦ଟି ଖରାପ ପ୍ରଦର୍ଶନକାରୀ ଜିଲାରେ କୃଷି ସେକ୍ଟରର ଉନ୍ନତିରେ ସହାୟକ ହେବ। ଦେଶର ଆମଦାନୀ ନିର୍ଭରଶୀଳତା କମାଇ ରପ୍ତାନି ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ କୃଷକମାନଙ୍କୁ ଆହ୍ୱାନ କରିଛନ୍ତି।

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍‌ଆଇ) ପୁସା କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ୨୪,୦୦୦ କୋଟି ଟଙ୍କାର 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' (ପିଏମ୍-ଡିଡିକେୱାଇ) ଶୁଭାରମ୍ଭ କରିବା ସହ ୧୧,୪୪୦ କୋଟି ଟଙ୍କାର 'ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ' ଲଞ୍ଚ କରିଛନ୍ତି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ୫,୪୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଓଡ଼ିଶାର ସମ୍ବଲପୁରରେ ୧୦୦ କୋଟି ଟଙ୍କାର ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ୫୯.୧୩ କୋଟି ଟଙ୍କାରେ ମତ୍ସ୍ୟ ବଜାରର ଶିଳାନ୍ୟାସ କରିଛନ୍ତି। ପିଏମ୍-ଡିଡିକେୱାଇ ଏବଂ ପଲ୍ସ ମିଶନ ଅନେକ ହଜାର କୃଷକଙ୍କ ଭାଗ୍ୟ ବଦଳାଇଦେବ। ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମୋଦି କହିଛନ୍ତି।

### ଆମଦାନୀ ନିର୍ଭରଶୀଳତା କମାଇବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ


ନରେନ୍ଦ୍ର ମୋଦି

## ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ ସିଜେଆଇ

ନୂଆଦିଲ୍ଲୀ, ୧୧।୧୦

ପ୍ରଧାନ ବିଚାରପତି (ସିଜେଆଇ) ବି. ଆର୍. ଗବଇ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ୟୁନିସେଫ୍ ଇଣ୍ଡିଆ ଏବଂ ଜୁଭେନାଇଲ ଜଷ୍ଟିସ୍ କମିଟି ପକ୍ଷରୁ ମିଳିତ ଭାବେ ଆୟୋଜିତ ନ୍ୟାଶନାଲ ଆନୁଆଲ ଷ୍ଟେକ୍ ହୋଲ୍ଡର୍ସ କନ୍‌ସଲ୍‌ଟେଶନ କାର୍ଯ୍ୟକ୍ରମରେ 'କନ୍ୟା ସନ୍ତାନର ସୁରକ୍ଷା: ଭାରତରେ ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଗଠନ' ଶୀର୍ଷକ ବିଷୟବସ୍ତୁ ଉପରେ ସମ୍ବୋଧନ କରି ସିଜେଆଇ ଏପରି କହିଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ଡିଜିଟାଲ ଯୁଗରେ ଅନ୍‌ଲାଇନ ଉତ୍ପୀଡ଼ନ, ସାଇବର ଆକ୍ରମଣ, ଡିପ୍‌ଫେକ୍, ବ୍ୟକ୍ତିଗତ ଡେଟାର ଦୁରୁପଯୋଗ ଆଦି


ଜଷ୍ଟିସ୍ ବି. ଆର୍. ଗବଇ

ସମସ୍ୟା ଯୋଗୁ ସମାଜରେ ବାଳିକାମାନଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଆଇନ ଏବଂ ତାଲିମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କିଛି ରାଜ୍ୟରେ ଲିଙ୍ଗ ଅନୁପାତ କମିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଚିନ୍ତା ପ୍ରକଟ କରିଛନ୍ତି। କିଛି ରାଜ୍ୟରେ କନ୍ୟା ଭ୍ରୂଣ ହତ୍ୟା ଯୋଗୁ ଲିଙ୍ଗ ଅନୁପାତ ହ୍ରାସ ପାଉଛି। ଏ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟିପଡୁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।


# ଚାଇନା ଉପରେ ୧୦୦% ଟ୍ରମ୍ପ୍ ଟାରିଫ୍

### ପ୍ରଭାବିତ ହୋଇପାରେ ଭାରତୀୟ ରପ୍ତାନି

ୱାଶିଂଟନ,୧୧।୧୦

ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆସନ୍ତା ନଭେମ୍ବର ୧ରୁ ଆମେରିକା ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଘୋଷଣା କରିଛି। ପୂର୍ବ ଟାରିଫ୍‌କୁ ମିଶାଇ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ମୋଟ ୧୩୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯାଉଛି। ଆମେରିକା-ଚାଇନା ବାଣିଜ୍ୟରେ ଦେଖାଦେଇଥିବା ଉତ୍ତେଜନା ଭାରତର ରପ୍ତାନି ସମ୍ଭାବନାରେ ନୂଆ ଅନିଶ୍ଚିତତା ସୃଷ୍ଟି କରିବାକୁ ଯାଉଛି। ଏହା ଭାରତୀୟ ରପ୍ତାନିକାରୀମାନଙ୍କ ଚିନ୍ତା


ଡୋନାଲ୍ଡ ଟ୍ରମ୍ପ୍


ଶି.ଜିନ୍‌ପିଙ୍ଗ୍

ବଢ଼ାଇଥିବାବେଳେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ନେଇ ଚାଲିଥିବା ଆଲୋଚନା ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବାଣିଜ୍ୟ ବିଶେଷଜ୍ଞମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଅଭିଯୋଗ କରିଛନ୍ତି, ବାଣିଜ୍ୟରେ ଚାଇନା ଏକ ଅସାଧାରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖୁଥିଲା। ୱାଶିଂଟନ ଏହାର ଦୃଢ଼ ଜବାବ ଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା, ବିଦ୍ୟୁତ୍‌ଚାଳିତ ଯାନ ଏବଂ ସ୍ୱଚ୍ଛ ଇନ୍ଧନ ଶିଳ୍ପ ପାଇଁ ଜରୁରୀ ବିରଳ ମୃତ୍ତିକା ରପ୍ତାନି ଉପରେ କଟକଣା ଲଗାଇବା ପାଇଁ ଗତ ୯ ତାରିଖରେ ବେଜିଂ ନିଷ୍ପତ୍ତି ନେବା ପରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ସହ କୌଣସି ଚୁକ୍ତିନାମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଚଳିତ ବର୍ଷର ବହୁଚର୍ଚ୍ଚିତ ଭାରତ-ଚାଇନା ଫେଜ୍ ୱାନ୍ ଟ୍ରେଡ୍ ଡିଲ୍ ଯାହା ଚାଇନା ସାମଗ୍ରୀ ଉପରେ ଆମେରିକା ଟାରିଫ୍ ୩୦ ପ୍ରତିଶତ ଏବଂ ଆମେରିକା ସାମଗ୍ରୀ ଉପରେ ଚାଇନା ଟାରିଫ୍ ୧୦ ପ୍ରତିଶତରେ ସୀମିତ ରଖିବ ବୋଲି କୁହାଯାଉଥିଲା, ତାହା ଉପରେ ନୂଆ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ ହୋଇଛି। ତେଣୁ ଭାରତକୁ ସାବଧାନତାର ସହିତ ଆମେରିକା ସହ ଚୁକ୍ତି କରିବାକୁ ପଡ଼ିବ। ସମାନ ସର୍ତ୍ତରେ ପାରସ୍ପରିକତା ଓ ରଣନୈତିକ ସ୍ୱତନ୍ତ୍ରତାର ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ହେବ ବୋଲି ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି।

ଆମେରିକା ନୂଆ ଟାରିଫ୍ ଲଗାଇବାର ଦିନକ ପୂର୍ବରୁ ଚାଇନା ବିଦେଶୀ ପ୍ରତ୍ୟକ୍ଷ ଉତ୍ପାଦ ନୀତି ଲାଗୁ କରିଥିଲା। ଉକ୍ତ ନୀତି ଅନୁଯାୟୀ, ଚାଇନା ରେୟାର ଆର୍ଥର ୦.୧%ରୁ ଅଧିକ ଥିବା ଉତ୍ପାଦ କିମ୍ବା ଚାଇନା ରିଫାଇନିଂ ବ୍ୟବହାର କରି ଉତ୍ପାଦନ କରିଥିବା ଅଥବା ଚୁମ୍ବକ ତିଆରି ପ୍ରଯୁକ୍ତି ପାଇଁ ବେଜିଂର ରପ୍ତାନି ଅନୁମୋଦନ ହାସଲ ଜରୁରୀ। ବିଶ୍ୱ ରେୟାର ଆର୍ଥ ରିଫାଇନିଂର ପାଖାପାଖି ୭୦% ଚାଇନା ନିୟନ୍ତ୍ରଣରେ ରହିଛି।

## ଦଳ ଛାଡ଼ିଲେ ବିହାର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ

ପାଟନା, ୧୧।୧୦

ଆସନ୍ତା ନଭେମ୍ବର ୬ ଏବଂ ୧୧ରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ରାଜ୍ୟରେ ଭାଜପାକୁ ଝଟକା ଲାଗିଛି। ଦରଭଙ୍ଗା ଜିଲା ଅଲିନଗରର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ଭାଜପା ଶୀର୍ଷ ନେତୃତ୍ୱ ଦଳିତ ଏବଂ ପଛୁଆବର୍ଗର ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ସେ କହିଛନ୍ତି। ୨୦୨୦ ନିର୍ବାଚନରେ ମିଶ୍ରିଲାଲ ବିକାଶଶୀଳ ଇନ୍‌ସାନ ପାର୍ଟିରୁ ଜିତି ପରେ ଭାଜପାରେ ଯୋଗଦେଇଥିଲେ। ଅଲିନଗରରୁ ଗାୟିକା ମୈଥିଲୀ ଠାକୁରଙ୍କୁ ଭାଜପା ଟିକେଟ୍ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ମିଶ୍ରିଲାଲ ଦଳରୁ ଇସ୍ତଫା ଦେଇଛନ୍ତି।

## ପାକିସ୍ତାନରେ ଇସ୍ରାଏଲ ବିରୋଧୀ ଶୋଭାଯାତ୍ରା ବେଳେ ହିଂସା: ପୋଲିସ ଗୁଳିରେ ୧୧ ମୃତ

ଲାହୋର,୧୧।୧୦

ଲାହୋରରେ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି) ଇସ୍‌ଲାମୀୟ ସଂଗଠନର ଶୋଭାଯାତ୍ରା ବେଳେ ପୋଲିସ ସହ ସଂଘର୍ଷ ଘଟିଥିଲା। ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲି କରିବା ପାଇଁ ସେମାନେ ରାଜଧାନୀ ଅଭିମୁଖେ ଯିବାକୁ ଥିବାବେଳେ ସୁରକ୍ଷା ବଳ ଅଟକାଇବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଆଖିବୁଜା ଗୁଳି ଚଳାଇବାରୁ ଟିଏଲ୍‌ପିର ୧୧ ସଦସ୍ୟ ନିହତ ହେବା ସହ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗାଜାରେ ଇସ୍ରାଏଲ୍‌ର ଗଣହତ୍ୟା ପ୍ରତିବାଦରେ ଗୁରୁବାରଠାରୁ ପାକିସ୍ତାନରେ ବିକ୍ଷୋଭ ଜାରି ରହିଛି। ଶନିବାର ବିଭିନ୍ନ ସ୍ଥାନରେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ଅନେକ ପୋଲିସ ଆହତ ହୋଇଛନ୍ତି। ତେବେ ଲାହୋରର ଆଜାଦି ଚୌକରେ ଶୋଭାଯାତ୍ରା ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ବିକ୍ଷୋଭକାରୀ ଅନେକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ।

## ପାଲେଷ୍ଟିନୀୟ ନେତା ବାର୍‌ଘୌଟିଙ୍କୁ ଜେଲରୁ ମୁକ୍ତ କରିବନି ଇସ୍ରାଏଲ୍

ରାମାଲ୍ଲା(ୱେଷ୍ଟବ୍ୟାଙ୍କ),୧୧।୧୦

ନୂଆ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ହମାସ୍ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ଜେଲରେ ଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରାଯିବା ସର୍ତ୍ତ ରହିଛି। ତେବେ ଇସ୍ରାଏଲ୍ ମୁକ୍ତ କରିବାକୁ ଥିବା ବନ୍ଦୀମାନଙ୍କ ମଧ୍ୟରେ ପାଲେଷ୍ଟିନୀୟମାନଙ୍କ ସବୁଠୁ ଲୋକପ୍ରିୟ ନେତା ମାରୱାନ ବାର୍‌ଘୌଟି ନାହାନ୍ତି। ଏଥିସହିତ ହମାସ୍ ଦାବି କରିଆସୁଥିବା ଅନ୍ୟ କେତେଜଣ ହାଇପ୍ରୋଫାଇଲ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆବେଦନକୁ ମଧ୍ୟ ଇସ୍ରାଏଲ୍ ଖାରଜ କରିଦେଇଛି।


ମାରୱାନ ବାର୍‌ଘୌଟି

ଇସ୍ରାଏଲ୍ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ପ୍ରାୟ ୨୫୦ ଜଣ ବନ୍ଦୀଙ୍କ ତାଲିକା ଚୂଡ଼ାନ୍ତ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ବାରଘୌଟି ଓ ଅନ୍ୟ ହାଇପ୍ରୋଫାଇଲ୍ ବନ୍ଦୀଙ୍କୁ ମୁକ୍ତ କରାଯିବା ନେଇ ହମାସ୍ ମଧ୍ୟସ୍ଥମାନଙ୍କ ସହ ଆଲୋଚନା କରିଥିଲା। ତେବେ ଇସ୍ରାଏଲ୍ ବାରଘୌଟିଙ୍କୁ ଆତଙ୍କବାଦୀଙ୍କ ନେତା ଭାବେ ଦେଖୁଛି। ୨୦୦୪ ଇସ୍ରାଏଲ୍ ଆକ୍ରମଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହେବା ପରେ ଅନେକ ଥର ଆଜୀବନ ଜେଲଦଣ୍ଡ ଭୋଗିଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅନ୍ୟ କାରଣ ପାଇଁ ଇସ୍ରାଏଲ୍ ବାର୍‌ଘୌଟିଙ୍କୁ ମୁକ୍ତ କରିବାକୁ ଡରୁଛି। କାରଣ ୨ ରାଷ୍ଟ୍ର ସମାଧାନ ସୂତ୍ରର ପ୍ରବକ୍ତା ବାର୍‌ଘୌଟି ପାଲେଷ୍ଟିନୀୟମାନଙ୍କୁ ଏକାଠି କରିପାରନ୍ତି ବୋଲି ଇସ୍ରାଏଲ୍ ଆଶଙ୍କା କରୁଛି। ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ହମାସ୍ ପ୍ରାୟ ୨୦ ଜଣ ଜୀବନ୍ତ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିବ। ଏଥିସହିତ ଯୁଦ୍ଧବେଳେ ବିନା କାରଣରେ ଗାଜାରୁ ଇସ୍ରାଏଲ୍ ଅଟକ ରଖିଥିବା ପ୍ରାୟ ୧,୭୦୦ ଲୋକଙ୍କୁ ମୁକ୍ତ କରିବା ସର୍ତ୍ତ ରହିଛି। ତେବେ ଅଧିକାଂଶ ବନ୍ଦୀଙ୍କୁ ଇସ୍ରାଏଲ୍ ଆତଙ୍କବାଦୀ ଏବଂ ଆତ୍ମଘାତୀ ବିସ୍ଫୋରଣକାରୀ ଭାବେ ଦେଖୁଥିଲାବେଳେ ପାଲେଷ୍ଟିନୀୟମାନେ ସେମାନଙ୍କୁ ରାଜନୈତିକ ବନ୍ଦୀ ବା ସ୍ୱାଧୀନତା ସଂଗ୍ରାମୀ ବିବେଚନା କରିଥାନ୍ତି।

## ଫୁର୍‌ସତ୍

# ୨,୨୫୩ ଶବ୍ଦର ସବୁଠୁ ଲମ୍ବା ନାଁ

ଅକ୍‌ଲାଣ୍ଡ

ସବୁଠୁ ଲମ୍ବା ନାଁର ରେକର୍ଡ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ନିବାସୀ ଲରେନ୍ସ ୱାଟ୍‌କିନ୍ସଙ୍କ ନାମରେ ରହିଛି। ତାଙ୍କ ନାମରେ ୨,୨୫୩ ଶବ୍ଦ ଥିବାରୁ ୧୯୯୦ ମାର୍ଚ୍ଚରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ସେତେବେଳେ ତାଙ୍କ ବୟସ ୨୪ ବର୍ଷ ଥିଲା। ବିଶ୍ୱର ସବୁଠାରୁ ଲମ୍ବା ନାଁର ରେକର୍ଡ ଲରେନ୍ସଙ୍କ ନାମରେ ରହିଥିବା ନେଇ କିଛିଦିନ ତଳେ ଜିଡବ୍ଲ୍ୟୁଆର୍ ପକ୍ଷରୁ ୱେବ୍‌ସାଇଟରେ ଅପ୍‌ଡେଟ୍ ଦିଆଯାଇଥିଲା। ଏହାପରେ ଲରେନ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି।

ଲରେନ୍ସଙ୍କ ଜନ୍ମ ସମୟର ନାମ 'ଲରେନ୍ସ ଗ୍ରେଗୋରୀ ୱାଟ୍‌କିନ୍ସ' ଥିଲା। ୧୯୮୯ରେ ସେ ତାଙ୍କ ନାମକୁ ଏକ ବଡ଼ ନାମରେ ପରିବର୍ତ୍ତନ କରି ଜିଡବ୍ଲ୍ୟୁଆର୍ ରେକର୍ଡ ହାତେଇବା ପାଇଁ ସ୍ଥିର କରିଥିଲେ। ସେତେବେଳେ ନ୍ୟୁଜିଲାଣ୍ଡରେ ନାମର ଲମ୍ବ ଉପରେ କୌଣସି ପ୍ରତିବନ୍ଧକ ନ



ଥିଲା। ଲରେନ୍ସ ସେତେବେଳେ ସିଟି ଲାଇବ୍ରେରିରେ କାର୍ଯ୍ୟ କରୁଥିବାରୁ ନିଜର ଲମ୍ବା ନାମ ପାଇଁ ସେ ପୁସ୍ତକରୁ ଖୋଜି ବିଭିନ୍ନ ଶବ୍ଦ ବାଛିଥିଲେ। ଏଥିପାଇଁ ସେ ତାଙ୍କ ସହକର୍ମୀଙ୍କଠାରୁ ମଧ୍ୟ ପରାମର୍ଶ ଲୋଡ଼ିଥିଲେ। ସେ ତାଙ୍କ ନାମରେ ସମସ୍ତ ୨,୨୫୩ ଶବ୍ଦକୁ ବର୍ଣ୍ଣାନୁକ୍ରମିକ ଭାବେ ସଜାଇଥିଲେ। ତାଙ୍କ ନାମରେ ଇଂଲିଶର 'A'ଠାରୁ 'Z' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣମାଳାର ଶବ୍ଦ ରହିଛି।

ନାମ ପରିବର୍ତ୍ତନ କରିବା ଲରେନ୍ସଙ୍କ ପାଇଁ ସହଜ ନ ଥିଲା। ତାଙ୍କ ନାମ ପରିବର୍ତ୍ତନ ଆବେଦନକୁ ଜିଲା କୋର୍ଟ ମଞ୍ଜୁର କରିଥିଲେ। ତେବେ ଯେତେବେଳେ ଲରେନ୍ସ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଅପ୍‌ଡେଟ୍ କରିବାକୁ ଯାଇଥିଲେ, ତାଙ୍କର ଲମ୍ବା ନାମକୁ ଦେଖି ସେଠାକାର କିରାଣି ଚକିତ ହୋଇଯାଇଥିଲେ। ଏତେ ସଂଖ୍ୟାରେ ଶବ୍ଦ ଥିବା ନାମକୁ ଦେଖି ଡ୍ରାଇଭିଂ ଲାଇସେନ୍ସ ଅପଡେଟ୍ କରିବା ପାଇଁ ଲରେନ୍ସ କରିଥିବା ଆବେଦନକୁ ରେଜିଷ୍ଟ୍ରାର ଜେନେରାଲ ଖାରଜ୍ କରିଦେଇଥିଲେ। ଲରେନ୍ସ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, ଯେଉଁଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ତେବେ ଲରେନ୍ସଙ୍କ ଏହି ବିଜୟ ପରେ ନ୍ୟୁଜିଲାଣ୍ଡ ସରକାର ଦେଶରେ ଥିବା ଆଇନକୁ ପରିବର୍ତ୍ତନ କରିଥିଲେ। କୌଣସି ବ୍ୟକ୍ତିଙ୍କ ନାମକୁ ୭୦ ଅକ୍ଷର ମଧ୍ୟରେ ସୀମିତ ରଖିବାକୁ ନ୍ୟୁଜିଲାଣ୍ଡରେ ଆଇନ ଆସିଥିଲା। ଏହାଫଳରେ ଲମ୍ବା ନାଁକୁ ନେଇ ଲରେନ୍ସଙ୍କ ଏହି ଅନନ୍ୟ ରେକର୍ଡକୁ ନ୍ୟୁଜିଲାଣ୍ଡର ଆଉ କେହି ଭାଙ୍ଗି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ସମ୍ପ୍ରତି ୬୦ ବର୍ଷୀୟ ଲରେନ୍ସ ଅଷ୍ଟ୍ରେଲିଆର ସିଡ୍‌ନୀରେ ରୁହନ୍ତି। ତାଙ୍କର ପୂରା ନାମ ଏତେ ଲମ୍ବା ଯେ, ତାହାକୁ ଉଚ୍ଚାରଣ କରିବାକୁ ପ୍ରାୟ ୨୦ ମିନିଟ୍ ସମୟ ଲାଗିଥାଏ।


ଅଜୟ ଦେବ୍‌ଗନ୍

# ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ମୁମ୍ବାଇ

୨୦୧୯ରେ ରୋମାନ୍ସ କମେଡି ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ଅଭିନେତା ଅଜୟ ଦେବ୍‌ଗନ୍, ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ଏବଂ ତବୁ ନଜରକୁ ଆସିଥିଲେ। ଏହାର ପ୍ରାୟ ୬ ବର୍ଷ ପରେ 'ଦେ ଦେ ପ୍ୟାର୍ ଦେ'ର ସିକ୍ୱେଲ 'ଦେ ଦେ ପ୍ୟାର୍ ଦେ ୨' ରିଲିଜ୍ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଶନିବାର ଅଜୟ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଫିଲ୍ମର ପ୍ରଥମ ଭାଗରେ ଅଜୟ ଓ ରକୁଲଙ୍କ ମଧ୍ୟରେ ପରକୀୟା ପ୍ରୀତି ଥିବା ନେଇ ଦେଖିବାକୁ ମିଳିଥିଲା। ତେବେ ସିକ୍ୱେଲରେ ବିବାହ ପାଇଁ ରକୁଲଙ୍କ ମା'ବାପାଙ୍କୁ ଅଜୟ କିପରି ମନାଉଛନ୍ତି, ତାହାକୁ ନେଇ କାହାଣୀ ଗତି କରିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଆର୍. ମାଧବନ, ଜାଭେଦ ଜାଫରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ ଫିଲ୍ମର ପ୍ରଥମଭାଗରେ ଥିବା ଅଭିନେତ୍ରୀ ତବୁଙ୍କୁ ଏହି ସିକ୍ୱେଲରେ ଦେଖିବାକୁ ମିଳିବ ନାହିଁ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ | Bhubaneswar, Sunday, October 12/2025 



କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ତିନି ଧାରିଆ ଟାପୁରେ ଫସିରହିଥିବା ହାତୀପଲ। (ରିପୋର୍ଟ: ପୃଷ୍ଠା-୩)




# ହାରିବାକୁ ଚାହୁଁଛି ବିଜେଡି

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଓଡିଶାରୁ ୪ ରାଜ୍ୟ ସଭା ଆସନ ଖାଲି ହେବ। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ(ମୁନା), ନିରଞ୍ଜନ ବିଶି, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। ତେଣୁ ଏହି ୪ ଆସନ ପାଇଁ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଯାହା ଆକଳନ କରାଯାଉଥିଲା ସେହି ଅଙ୍କରେ ଶୁକ୍ରବାର ପରିବର୍ତ୍ତନ ହୋଇଯାଇଛି। ଖାଲି ହେବାକୁ ଥିବା ଏହି ୪ ଆସନର ନିର୍ବାଚନକୁ ନେଇ ଗତ ଜୁଲାଇ ୧୧ ତାରିଖରେ ଧରିତ୍ରୀରେ 'ନବୀନ ବିକିବେ ନା ନେତା ଚେତିବେ' ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ସେହି ଖବରରେ ମୁଖ୍ୟତଃ ଖାଲି ହେବାକୁ ଥିବା ରାଜ୍ୟ ସଭାର ଚାରୋଟି ଆସନ ମଧ୍ୟରୁ ୪ର୍ଥ ସିଟ୍‌କୁ ନେଇ ରାଜନୀତି ରୋଚକପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରାଯାଇଥିଲା। ରାଜ୍ୟ ସଭା ଭୋଟିଂର ଗଣିତକୁ ମଧ୍ୟ ଅତି ସରଳ ଭାବରେ ସେହି ଖବରରେ ବୁଝାଇ ଦିଆଯାଇଥିଲା। ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି ଉଭୟ ବିଜେଡି ଏବଂ ଭାଜପା ପାଖରେ ସମାନ ସଂଖ୍ୟକ ଭୋଟ ରହିବ ବୋଲି ଆଶା କରାଯାଉଥିଲା। ହେଲେ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ବିଜେଡିର ଗୋଟିଏ ସଂଖ୍ୟା ଖସିଯାଇଛି। ଉପନିର୍ବାଚନ ଫଳ ବାହାରିବା ପରେ ହିଁ ବିଜେଡି ତା'ର ପୁରୁଣା ସଂଖ୍ୟା ରଖିପାରିଲା କି ନାହିଁ ଜଣାପଡିଯିବ। ହେଲେ ଶନିବାର ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ମିଶିଯିବା ପରେ ବିଜେଡି ତା'ର ପୂର୍ବ ସଂଖ୍ୟା ରଖିବାକୁ ଚାହୁଁ ନ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ମାସ ୭ରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯାଇ ଶୁକ୍ରବାର(ଗତକାଲି) ଫେରିଛନ୍ତି। ଜୟ ଗତ ଗୁରୁବାର ନୂଆଦିଲ୍ଲୀ ଗସ୍ତରେ ଯାଇ ଶନିବାର ଫେରିବା ପରେ ଭାଜପାରେ ଯୋଗ ଦେଇଛନ୍ତି। ଏହା ଭିତରେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଏବଂ ଭାଜପାର କେନ୍ଦ୍ରୀୟ ନେତାଙ୍କ ଭିତରେ ବୁଝାମଣା ହୋଇଗଲା ବୋଲି କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ବିଧାନସଭାରେ ଭାଜପା ପାଖରେ ୭୮ ବିଧାୟକ ରହିଛନ୍ତି। ୩ ଜଣ ସ୍ୱାଧୀନ ବିଧାୟକ ଭାଜପାକୁ ସମର୍ଥନ ଦେଇ ଶାସକ ଦଳ ସାଙ୍ଗରେ ଅଛନ୍ତି। ଏହିପରି ବିଧାନସଭାରେ ଭାଜପା ସଂଖ୍ୟା ୮୧ ରହିଛି। ବିଜେଡିର ୫୧ ବିଧାୟକ ଗତ ନିର୍ବାଚନରେ ଜିତିଥିବାବେଳେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ସଂଖ୍ୟା ୫୦ରେ ପହଞ୍ଚିଛି। କଂଗ୍ରେସର ୧୪ ବିଧାୟକ ଥିବାବେଳେ ଜଣେ ସିପିଆଇ(ଏମ୍) ସଦସ୍ୟ ରହିଛନ୍ତି। ଗଣିତ ଅନୁଯାୟୀ ହେବାକୁ ଥିବା ଆଗାମୀ ରାଜ୍ୟ ସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ ଆବଶ୍ୟକ। ସେହି ଦୃଷ୍ଟିରୁ ଦେଖିଲେ ଦୁଇଟି ଆସନରେ ଭାଜପା ନିଶ୍ଚିତ ବିଜୟୀ ହେଇଯିବ। ବିଜେଡି ମଧ୍ୟ ଗୋଟିଏ ଆସନରେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ୪ର୍ଥ ଆସନ ଲାଗି ବର୍ତ୍ତମାନ ସ୍ଥିତିରେ ଭାଜପା ପାଖରେ ୨୧ ସଂଖ୍ୟା ଥିବାବେଳେ ବିଜେଡି ସଂଖ୍ୟା ୨୦ରେ ପହଞ୍ଚିଛି। ନୂଆପଡା ଆସନକୁ ବିଜେଡି ପୁନର୍ବାର ଦଖଲ କରିବା ପାଇଁ ଜୟଙ୍କୁ ପ୍ରାର୍ଥୀ କରିବ ବୋଲି ତାଙ୍କ ଦଳର ବହୁ ନେତା କାମରେ ଲାଗିଥିଲେ। ଏହା ହୋଇଥିଲେ ବିଜେଡି ଅନୁକମ୍ପାମୂଳକ ଭୋଟ ପାଇ ବିଜୟୀ ହେବାର ସମ୍ଭାବନା ରହିବ ବୋଲି ଦଳୀୟ ନେତାମାନେ ଚିନ୍ତା କରୁଥିଲେ। ହେଲେ ଗୁରୁବାର ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିବା ଅଙ୍କ ନବୀନ ଫେରିବାର ପରଦିନ କିପରି ବଦଳିଗଲା ତାକୁ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

ଦୁଇଟି ପଥ

## ଆଜିର ମନ୍ତବ୍ୟ

"ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମକୁ ଖାଦ୍ୟରେ ଆତ୍ମନିର୍ଭର ହେବା ସହ ବିଶ୍ୱ ବଜାର ପାଇଁ ଉତ୍ପାଦନ କରିବାକୁ ପଡ଼ିବ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ବିବାଦରେ ଆଫଗାନ ମନ୍ତ୍ରୀଙ୍କ ପ୍ରେସ୍ ମିଟ୍

## ମହିଳା ଖବରଦାତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ: ବିରୋଧୀ

**ନୂଆଦିଲ୍ଲୀ, ୧୧।୧୦**

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଶୁକ୍ରବାର ପ୍ରେସ୍ ମିଟ୍‌କୁ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବାରୁ ତାଲିବାନ୍‌ର ଲିଙ୍ଗଗତ ଭେଦଭାବକୁ କଡ଼ା ସମାଲୋଚନା କରାଯାଇଛି। ପ୍ରେସ୍ ମିଟ୍‌ରେ କେବଳ ପୁରୁଷ ଖବରଦାତାଙ୍କୁ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖବରଦାତା, ରାଜନେତା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅସନ୍ତୋଷ ପ୍ରକାଶ



ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି (ବାମ)ଙ୍କ ପ୍ରେସ୍ ମିଟ୍।

କରିଛନ୍ତି। ଏହାକୁ ମହିଳା ବିରୋଧୀ ମାନସିକତା ଓ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅପମାନ ବୋଲି ସେମାନେ ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟ ମହିଳାମାନଙ୍କ ପ୍ରତି ଅପମାନ ଓ ଏହା ଗ୍ରହଣୀୟ ☞ପୃଷ୍ଠା-୯

## ତାଲିବାନ୍‌ଙ୍କ ପାଇଁ ମହିଳା ମଣିଷ ନୁହନ୍ତି: ତସ୍‌ଲିମା

ନୂଆଦିଲ୍ଲୀରେ ଆଫଗାନିସ୍ତାନ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଅନୁମତି ନ ଦେବା ଘଟଣାକୁ ବାଂଲାଦେଶର ନିର୍ବାସିତ ଲେଖିକା ତସ୍‌ଲିମା ନାସ୍‌ରିନ୍ ନିନ୍ଦା କରିଛନ୍ତି। ତାଲିବାନ୍ ମହିଳାମାନଙ୍କୁ ମାନବାଧିକାର ଦେଇନାହିଁ, କାରଣ ସେମାନେ ମହିଳାଙ୍କୁ ମାନବ ବିବେଚନା କରନ୍ତି ନାହ ବୋଲି ତସ୍‌ଲିମା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରୁଷ ଖବରଦାତା ☞ପୃଷ୍ଠା-୯


# ମହାକାଶ ଯିବ ଓଡ଼ିଶା ନିର୍ମିତ 'ବ୍ୟୋମମିତ୍ର'

**ଭୁବନେଶ୍ୱର, ୧୧।୧୦ (ସୁଚିସ୍ମିତା ସାହୁ)**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଆସନ୍ତା ଡିସେମ୍ବରରେ 'ଗଗନୟାନ' ମିଶନରେ ହାପ୍ ହ୍ୟୁମାନଏଡ୍ ବା ଅର୍ଦ୍ଧମାନବୀୟ ରୋବୋକୁ ସାମିଲ କରିବାକୁ ଯାଉଛି। ପ୍ରଥମଥର ମହାକାଶ ଯିବ ମହିଳା ରୋବୋ 'ବ୍ୟୋମମିତ୍ର'। ତେବେ ବ୍ୟୋମମିତ୍ରର ମୁଣ୍ଡ, ୨ଟି ହାତ ସହ ଶରୀରର ୯୦ ପ୍ରତିଶତ ଅଂଶକୁ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍



ଟ୍ରେନିଂ ସେଣ୍ଟର(ସିଟିସି)ରେ ତିଆରି କରାଯାଉଛି। ଏହି ପରୀକ୍ଷଣ ସଫଳ ହେଲେ ୨୦୨୭ରେ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଯିବ। ସିଟିସିରେ ଚାଲିଥିବା ଏହି ବଡ଼ ପ୍ରକଳ୍ପରେ ୨୦୦ରୁ ଅଧିକ ବୈଜ୍ଞାନିକ ଓ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ଟିମ୍‌ର ଦାୟିତ୍ୱ ନେଇଛନ୍ତି ଓଡ଼ିଆ ବୈଜ୍ଞାନିକ। ଟାଇଟାନିୟମ ଧାତୁରେ ନିର୍ମିତ ଏହା ରୋବୋର ମୁଣ୍ଡଟି ଏଏଲ୍‌ଏସ୍‌ଆଇ-୧୦ଏମ୍‌ଜି ଧାତୁରେ ତିଆରି କରାଯାଇଛି, ଯାହାର ଓଜନ ୮୦୦ ଗ୍ରାମ। ୪ ମାସ ଭିତରେ ରୋବୋର ମୁଣ୍ଡ, ଦୁଇଟି ହାତ ଏବଂ ଶରୀରର ଅଧା ଅଂଶ ତିଆରି କରାଯାଇଛି। ରୋବୋଟିକ୍ସ ☞ପୃଷ୍ଠା-୯



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆହୋରଣ ଟ୍ରଷ୍ଟ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଏନ୍‌-୬, ରାମେଶ୍ୱର ମନ୍ଦିର, ଜୟଦେବ ବିହାର, ସମୟ: ସକାଳ ୯ଟା।
- ସେଣ୍ଟ୍ରାଲ୍ ବ୍ୟାଙ୍କ ରିଟାର୍ଡ ଆସୋସିଏଶନ୍ ପକ୍ଷରୁ ଜେନେରାଲ୍ ବଡି ମିଟିଂ, ସ୍ଥାନ: ହୋଟେଲ ଡ୍ରୁରେନ୍, କଟକ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ମାର୍ଟ ଗ୍ଲାସ୍ ଡିଷ୍ଟ୍ରିବ୍ୟୁଶନ୍ କ୍ୟାମ୍ପ, ସ୍ଥାନ: ରମାଦେବୀ ବିଶ୍ୱ ବିଦ୍ୟାଳୟ ଓଲ୍ଡ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୈଶିଷ୍ଟ୍ୟ ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଭାରତୀ ବିଦୁଷ ସଭା ଓ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଭୁବନେଶ୍ୱର ମହାନଗର ପକ୍ଷରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ, ସ୍ଥାନ: ସହିଦ ନଗର ଦୁର୍ଗାମଣ୍ଡପ, ଖାରବେଳ ନଗର ଖଦି ବୋର୍ଡ ସାମ୍ନା, ୟୁନିଟ୍ ୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ

- ମହିଳା ପତଞ୍ଜଳି ଯୋଗ ସମିତି ତରଫରୁ ନାରୀ ସୁରକ୍ଷା ସଂଗଠନ ଆଲୋଚନା ଚକ୍ର, ସ୍ଥାନ : ପ୍ରାଣଯୋଗ ପ୍ରତିଷ୍ଠାନ, ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମା' ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କର ମହାପ୍ରୟାଣ ଦିବସ, ସ୍ଥାନ: କୁପାରୀ ଅମ୍ବିକା ଆଶ୍ରମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍‌ର ୨ୟ ଦିବସ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୩୨ ଦଳର ମ୍ୟାନେଜରଙ୍କ ବୈଠକ, ସ୍ଥାନ: ସଖୀ କଲ୍ୟାଣ ମଣ୍ଡପ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଜିଲା ମୁକ ଓ ବଧିର ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା ।
- ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ଗିରି ରୋଡ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ମାନବସେବା ସମିତି ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ମା' ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡମ ଆସିକା, ସମୟ ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ୮ମ ଲୋକକଳା ମହୋତ୍ସବ ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳ ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ବାର୍ଷିକ ଭାଗବତ ପ୍ରବଚନ ଓ ଜ୍ଞାନଯଜ୍ଞ ଶୁଭାଧିବାସ, ସ୍ଥାନ: ତାରେଣୀ ଛକ, ଯୋରନ୍ଦା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀ ଷଷ୍ଠ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ସହିତ ସମସ୍ତ ବୁଥ୍, ସମୟ: ସକାଳ ୮ରୁ।
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ : ଆଠମଲ୍ଲିକ ସହର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପ୍ରଜ୍ଞାନ ମିଶନ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ଗୀତ ଜ୍ଞାନ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର ପାରାଦୀପ, ସମୟ: ସକାଳ ୮ଟା୩୦।
- ହସ୍ପିଟାଲ ସମ୍ମୁଖରୁ ମଦ ଦୋକାନ ହଟାଇବା ପାଇଁ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମାନବ ଶୃଙ୍ଖଳ ପ୍ରତିବାଦ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଜଗତ୍‌ସିଂହପୁର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ ଚାମ୍ପିୟନଶିପ୍, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ନୂତନ ଖେଳପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ୫ ନଂ.ୱାର୍ଡ ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନାଗପୁରା, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, ଗରାପୁର, ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡା, ନାରାୟଣପୁର, କୁହୁଡି, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ:ସଂଧ୍ୟା ୬ଟା ।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ଡାକ୍ତରଖାନା, କନ୍ଦେଇପୁର ଶିବ ମନ୍ଦିର ପରିସର, କଲେଜ ଓ ସ୍କୁଲ ପରିସର, ସମୟ: ସକାଳ ୮ଟା।
- ଯାଜପୁର ରୋଡ ଚାନ୍ଦମା ଲକ୍ଷ୍ମୀ ପୂଜା ମେଢ଼ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଚାନ୍ଦମା ଥାନା ପଛପଟ ପଥରଛକ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମ୍ ପ୍ରତିମୂର୍ତ୍ତି ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ତେନ୍ତୁଳିଆପଲ୍ଲୀ, ଇଟିରି, ନଛିପୁର, ଟିପୁରା, ନୂଆଗାଁ, ଅଦାବନ୍ଧ ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦ ।
- ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ୍, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୩ୟ ଦିବସରେ ରମଜନ୍ମ ଓ ଅହଲ୍ୟା ଉଦ୍ଧାରଣ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା ଭସାଣି, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା କୈଳାସ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟ ସମୂହ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କୋଷାଗୁମୁଡ଼ା ସରକାରୀ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝୀଙ୍କ ୧୦୩ ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ବାଟିବେଡା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପାଣ୍ଡରା ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ୧୦ ଟା।
- ଇପିଏଫ ପେନ୍‌ସନର୍ସ ସଂଘ ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଇଞ୍ଜିନିୟରିଂ କର୍ମଚାରୀ ଫୋରମ ବୈଠକ, ସ୍ଥାନ: ଦକ୍ଷତା ବିକାଶ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପୋଲିଓ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସ୍ଥାନ: ସକାଳ ୮ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ମୁଖ୍ୟଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରତିଯୋଗୀତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ପ୍ରଥମ ପୃଷ୍ଠାରୁ...

### ହାରିବାକୁ ଚାହୁଁଛି ...

ନେଇ ନାନା ଚର୍ଚ୍ଚା ହେବାରେ ଲାଗିଛି। ମନେ କରାଯାଉ, ନୂଆପଡା ଆସନ ଯଦି ବିଜେଡି ହାତରେ ରାଜ୍ୟ ସଭା ନିର୍ବାଚନ ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ଥାଆନ୍ତା ତାହାଲେ ୪ର୍ଥ ଆସନ ଜିତିବା ଲାଗି ସେମାନଙ୍କୁ ନିଶ୍ଚିତରୂପେ କଂଗ୍ରେସ ଏବଂ ସିପିଆଇ(ଏମ୍) ଦଳର ସହଯୋଗ ନେବା କିମ୍ବା ଦେବାକୁ ପଡିଥାଆନ୍ତା। ହେଲେ ଯେଉଁମାନେ ବିଧାନସଭାର ଗତ ମୌସୁମୀ ଅଧିବେଶନ ବେଳେ କଂଗ୍ରେସ ରାଜ୍ୟ ସରକାର ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ସମୟରେ ବିଜେଡି ଆଭିମୁଖ୍ୟ ଦେଖିଥିବେ ସେମାନେ ଅନେକ କିଛି ବୁଝିପାରିଥିବେ। ସରକାର ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ନ ଦେଇ ସମଦୂରତା କଥା କହି ଏଡାଇ ଯାଇଥିଲା। ସେହିପରି ଉପରାଷ୍ଟ୍ରପତି ଭୋଟିଂ ସମୟରେ ମଧ୍ୟ ବିଜେଡି ନିର୍ବାଚନରୁ ନିଜକୁ ବିରତ ରଖିଥିଲା। ଏହା ପରୋକ୍ଷରେ ଭାଜପା ପାଇଁ ସହାୟକ ହେଇଥିବା ଚର୍ଚ୍ଚା ହେଲା। ଏଥିରୁ ହିଁ ରାଜନୈତିକ ସମୀକ୍ଷକମାନେ ଆକଳନ କରିସରିଛନ୍ତି ରାଜ୍ୟ ସଭା ଭୋଟିଂରେ କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନ ରଖିବ ନାହିଁ। ଯଦି ରାଜେନ୍ଦ୍ରଙ୍କ ଦେହାନ୍ତ ନ ହୋଇ ସ୍ୱାଭାବିକ ଭାବେ ଏହି ସମୟ ଆସିଥାଆନ୍ତା ତେବେ ସେତେବେଳେ ବିଜେଡି ଲାଗି ଏକ ଅକଡିଆ ପରିସ୍ଥିତି ସୃଷ୍ଟି ହେଇଥାଆନ୍ତା। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସଂଖ୍ୟା ଥିବା ସତ୍ତ୍ୱେ ବିଜେଡି ସମର୍ଥନ କରି ଭାଜପା ପ୍ରାର୍ଥୀ ଭାବେ ଦୁଇ ଥର ରାଜ୍ୟ ସଭାକୁ ପଠାଇସାରିଛି। ଅର୍ଥାତ୍ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ କୌଣସି ମତେ କିପରି ଭାଜପା ହାତରୁ ନ ଖସିବ ସେଥିପାଇଁ ବିଜେଡି ସବୁ ପ୍ରକାର କାର୍ଯ୍ୟ କରିଥାଆନ୍ତା। ହେଲେ ବିଗତ ଦିନର ଭାଜପା ପ୍ରତି ରହି ଆସିଥିବା ଏହି ପ୍ରୀତି ବିଜେଡି ପାଇଁ ଏବେ ଯେତେବେଳେ କାଳ ହେଉଥିଲା, ରାଜେନ୍ଦ୍ରଙ୍କ ଦେହାନ୍ତ ବିଜେଡିଙ୍କୁ ଏକ ନୂଆ ସୁଯୋଗ ଦେଇଥିବା ଦେଇଥିବା ଦେଖାଯାଉଛି। ଏବେଠାରୁ ଯଦି ଗୋଟିଏ ଆସନ ଭାଜପା ହାତକୁ ଚାଲିଯିବ ତେବେ ସେତେବେଳେ ସମଦୂରତା କଥା କହି ପରୋକ୍ଷରେ ଭାଜପାକୁ ୪ର୍ଥ ରାଜ୍ୟ ସଭା ଆସନ ଟି ଦେଇଦେବାକୁ ବିଜେଡି ପାଇଁ ସହଜ ହେବ। ସୂଚନା ମୁତାବକ, କର୍ପୋରେଟ ଦୁନିଆରୁ ଆସିଥିବା ଜଣେ ବ୍ୟକ୍ତି ଯାହାଙ୍କୁ ବିଜେଡି ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ କରିବେ ବୋଲି ଚର୍ଚ୍ଚା ହେଉଛି ତାଙ୍କ ମାଧ୍ୟମରେ ଏହି ନୂଆ ରାଜନୈତିକ ଡିଲ୍ ହୋଇଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ହସ୍ତେ ଜିହ୍ୱା ଛେଦି**
**କେ ତା'ର ଅଛି ପ୍ରତିବାଦୀ !**

ଯେଉଁ ବ୍ୟକ୍ତି ଜାଣିଶୁଣି ନିଜ ଔଦ୍ଧତ୍ୟ ପ୍ରକଟ କରିବା ସହ ଭୁଲ ମାର୍ଗରେ ପରିଚାଳିତ ହେବ ଦିନେନା ଦିନେ ସେ ନିଶ୍ଚୟ ତା'ର ପରିଣତି ଭୋଗକରିବ। ଏପରିସ୍ଥଳେ ଅନ୍ୟକୁ ଦୋଷ ଦେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପେ ମାରେ ବଢେଇ**
**ଘର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବତାଶ ମାରେ କୁମ୍ଭାର ।**

ବଢେଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରୁଥିବା ବେଳେ ବାଆବତାଶ ହେଲେ ମାଟିପାତ୍ର ଓଦା ହୋଇ ନଷ୍ଟ ହୋଇଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଜୟ ଢୋଲକିଆ ଭାଜପାରେ ସାମିଲ ହେବାବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଦଳିଲା ନୂଆପଡ଼ା ...

- ଦଳ ଯାହା ଦାୟିତ୍ୱ ଦେବ ନିଷ୍ଠାର ସହ ତୁଲାଇବି: ଜୟ
- ଭାଜପା ପ୍ରାର୍ଥୀ ବିଜୟୀ ହେବେ: ମନମୋହନ
- ନୈତିକତାକୁ ଜଳାଞ୍ଜଳି ଦେବି ନାହିଁ: ବସନ୍ତ
- ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ, ସେ ପୋଷ୍ୟପୁତ୍ର: ବିଜେଡି

ଅନ୍ୟ ବିଶ୍ୱସ୍ତ ସୂତ୍ରରୁ ସେ ଭାଜପାରେ ଯୋଗଦେବା ସମ୍ଭାବନା ବାସ୍ତବ ରୂପ ନେଉଛି ବୋଲି ଧରିତ୍ରୀରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକ ଏକ ଖବର ଶୁକ୍ରବାର ପ୍ରକାଶ ପାଇସାରିଥିଲା। ଶନିବାର ଜୟ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପୂର୍ବରୁ ଭାଜପାରେ ତାଙ୍କର ଯୋଗଦାନ ନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିଲା। ସେ ଓଡ଼ିଶାରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କୁ ସ୍ୱାଗତ ଜଣାଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜୟଙ୍କୁ ସ୍ୱାଗତ କରିଥିଲେ। ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଜୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ତାଙ୍କୁ ଭାଜପାକୁ ସ୍ୱାଗତ କରିଛନ୍ତି। ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନରେ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଯିବା ନେଇ ଶୁଣିବାକୁ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ଭାଜପା ସରକାର କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି। ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସାମାଜିକ କର୍ମୀ ହିସାବରେ ମଧ୍ୟ ତାଙ୍କର ପରିଚୟ ଥିଲା। ତାଙ୍କ ଅବର୍ତ୍ତମାନରେ ନୂଆପଡ଼ା ଜିଲାର ବିକାଶ ପ୍ରକ୍ରିୟା ଜାରି ରହିବା ଜିଲାବାସୀଙ୍କ ଦାୟିତ୍ୱ ସେ ନେଇଛନ୍ତି। ଯେତେବେଳେ ଜିଲାବାସୀ ଚାହିଁବେ ତାଙ୍କୁ ଭେଟିପାରିବେ। ଜୟ ଢୋଲକିଆଙ୍କ ଯୋଗଦାନ ଭାଜପାକୁ ଆହୁରି ସଶକ୍ତ କରିବ। ଗତ ସରକାରରେ ମନ୍ତ୍ରୀମାନେ ନିଜକୁ ଅସହାୟ ମନେକରୁଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଦଳର ସମସ୍ତଙ୍କ ସହମତିରେ ଜୟଙ୍କୁ ଭାଜପା କୋଳେଇ ନେଇଛି। ସ୍ୱର୍ଗତ ରାଜୁବାବୁଙ୍କ ଅନେକ ଅଧୁରା ସ୍ୱପ୍ନ ରହିଯାଇଛି। ତାଙ୍କର ଅନେକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମାତ୍ର କେହି ଶତ୍ରୁ ନ ଥିଲେ। ରାଜୁବାବୁ ଅନେକ ସମସ୍ୟାର ସମାଧାନ ଲାଗି ନିଜକୁ ଅସହାୟ ମନେକରୁଥିଲେ। ତାଙ୍କ ଦଳର ସରକାର ଥାଇ ନିଜେ ଜଣେ ବରିଷ୍ଠ ନେତା ହୋଇ ସୁଦ୍ଧା ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଯାଇ ଅସହାୟ ହେଉଥିଲେ। ନୂଆପଡ଼ା ବିକାଶର ସ୍ୱପ୍ନ ଭାଜପା ପୂରଣ କରିବ। କୌଣସି ପ୍ରଲୋଭନ କିମ୍ବା ଜୋର ଜବରଦସ୍ତରେ ଜୟଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସେ ତାଙ୍କ ସ୍ୱଇଚ୍ଛାରେ ମିଶିଛନ୍ତି। କେନ୍ଦ୍ରର ସ୍ୱୀକୃତି ପରେ ଜଣେ ଯୁବ ନେତୃତ୍ୱରେ ଦଳକୁ ଆସିଛନ୍ତି। ରାଜୁବାବୁଙ୍କ ସହ ୩ଟି ଟର୍ମରେ ସେ କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ପୁଅ ଭାଜପାର ବିଚାରଧାରାରେ ଅନୁପ୍ରାଣିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛି। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ଓ ବିକଶିତ ଓଡ଼ିଶା'ର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଚେଷ୍ଟା କରିବେ। ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ନୂଆପଡ଼ା ଏକ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳର ବିକାଶ ପାଇଁ ବାପା ଅନେକ ସ୍ୱପ୍ନ ଦେଖିଥିଲେ। ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ବର୍ତ୍ତମାନ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡ଼ାକୁ ରାଜ୍ୟର ୧ ନମ୍ବର ଜିଲା ଭାବେ ଗଢ଼ି ତୋଳିବାକୁ ଶପଥ ନେଉଛି ବୋଲି ସେ କହିଛନ୍ତି। ବାପାଙ୍କ ଭଳି ସମାଜସେବା କରିବା ତାଙ୍କର ସଂକଳ୍ପ। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ମନମୋହନ ସାମଲ କହିଛନ୍ତି, ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ସାମିଲହେବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଦଳ ନୂଆପଡ଼ା ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହି ନିର୍ବାଚନରେ ଅଭିନନ୍ଦନ ତୃତୀୟ ସ୍ଥାନ ପାଇଥିଲେ। ଆସନ୍ତା ଉପନିର୍ବାଚନରେ ବସନ୍ତ ପୁଣି ଥରେ ତାଙ୍କ ପୁଅକୁ ପ୍ରାର୍ଥୀ କରିବାକୁ ଇଚ୍ଛା କରିଥିବା ଚର୍ଚ୍ଚା ହୋଇଥିଲା। ହେଲେ ଜୟ ଭାଜପା ଯୋଗ ଦେବା ପରେ ବସନ୍ତଙ୍କୁ ଦଳର ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବୁଝାଇଥିବା ଚର୍ଚ୍ଚା ହେଉଛି। ବସନ୍ତ ମଧ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଜୟଙ୍କୁ ସେ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କ ମନରେ କୋହ ନାହିଁ। ନୈତିକତାକୁ ଜଳାଞ୍ଜଳି ଦେବେ ନାହିଁ। ସେଥିଲାଗି ସେ ଅସନ୍ତୁଷ୍ଟ ନୁହନ୍ତି। ଜୟ ପ୍ରାର୍ଥୀ ହୋଇନାହାନ୍ତି। ଭାଜପା ଯାହାକୁ ପ୍ରାର୍ଥୀ କରିବ ସେ ସମର୍ଥନ କରିବେ। ଦଳ ପାଇଁ ସେ ପ୍ରଚାର କରିବେ। ସେ ଓ ତାଙ୍କ ପୁଅ ଦଳର କୌଣସି ପଦପଦବୀ ଲାଗି କାମ କରୁନାହାନ୍ତି। ମାଟିର ସେବା ଲାଗି ରାଜନୀତିକୁ ଆସିଛନ୍ତି, ମରିବା ପର୍ଯ୍ୟନ୍ତ କରିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରେ ଜୟଙ୍କ ଯୋଗଦାନ ପରେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଜୟଙ୍କ ଯୋଗଦାନକୁ ନେଇ ଦଳର ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି, ଜୟ କହିଥିଲେ ନବୀନ ତାଙ୍କ ନେତା, ହେଲେ ଭାଜପାରେ ମିଶିଲେ। ଏହାର କୌଣସି ପ୍ରଭାବ ନିର୍ବାଚନରେ ପଡ଼ିବ ନାହିଁ। ତାଙ୍କ ମୁଖା ଖୋଲିଗଲା। ରାଜେନ୍ଦ୍ର ଢୋଲକିଆଙ୍କ ଆତ୍ମା କେବେହେଲେ ଜୟଙ୍କୁ କ୍ଷମା ଦେବନାହିଁ। ଭାଜପାରେ ଜୟଙ୍କ ମିଶ୍ରଣ ଲୋକଙ୍କ ଦ୍ୱାରା ନାପସନ୍ଦ କରାଯାଇଛି। ଜୟ ଯଦି ପ୍ରକୃତରେ ରାଜେନ୍ଦ୍ରଙ୍କ ନିଜ ପୁଅ ହୋଇଥାଆନ୍ତେ ତେବେ ସେ ଭାଜପାରେ ମିଶି ନ ଥାଆନ୍ତେ। ଜୟ ଢୋଲକିଆ ପୋଷ୍ୟପୁତ୍ର ହୋଇଥିବାରୁ ଭାଜପାକୁ ଗଲେ। ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ ବୋଲି ପ୍ରତାପ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟାରେ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ** ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ ଆଜିର କାମ ଅଟକିବ ନାହିଁ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଆପଣ ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା, ତାହାକୁ କିଏ ଅଟକାଇ ପାରିବେ ନାହିଁ। ଯଦିଓ ଅର୍ଥର ଅଭାବ ରହିବ ନାହିଁ ତଥାପି ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ପୁଷ୍ୟା ନକ୍ଷତ୍ରର ବ୍ୟବସାୟ ଓ ପରିବହନରୁ ଅଶାନ୍ତି ବଢ଼ିବ।

**ସିଂହ** ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା କାମରେ ଆସିବ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା** ଆଜି କିଛି ପାଇବାର ଆଶା ରଖିଲେ ଦେବା ପାଇଁ ଚେଷ୍ଟା କରନ୍ତୁ। ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା** ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ଆଜି ହଁ କିମ୍ବା ନାହିଁ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧାର ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡ଼ୋଶୀମାନେ ବିଭିନ୍ନ ଝାମେଲା ସୃଷ୍ଟି କରିପାରନ୍ତି। କିନ୍ତୁ ଯାତ୍ରା ସମୟରେ ଅସାବଧାନତା ହେତୁ ଧନ ହାନି ଘଟିପାରେ।

**କୁମ୍ଭ** ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଏବଂ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ଅକ୍ଟୋବର ୧୨ ତାରିଖ, କାର୍ତ୍ତିକ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୦୧।୩୭ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ୦୬।୩୦ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୦ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୪ ଗତେ ଘ.୦୫।୨୨ ମଧ୍ୟେ ରାହୁକାଳ।




# ୧,୬୩୧ ମାମଲାରେ ବଳାତ୍କାର ପୀଡ଼ିତା, ନାବାଳକଙ୍କ ପରିଚୟ ପ୍ରଘଟ

**ଯାଜପୁର,୧୧।୧୦(ହର୍ଷବର୍ଦ୍ଧନ ବେହେରା)**

## ସିଏଜି ଧରିଲେ ତ୍ରୁଟି

### ପୋଲିସ ଅଧିକାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ

କ୍ରାଇମ୍ ଏବଂ କ୍ରିମିନାଲ ଟ୍ରାକିଂ ନେଟ୍ୱର୍କ ସିଷ୍ଟମ୍(ସିସିଟିଏନ୍ଏସ୍) ଅନୁଯାୟୀ କେତେକ ଆପରାଧିକ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ଏଥିରେ ବଳାତ୍କାର ଓ ଗଣବଳାତ୍କାର ପୀଡ଼ିତାଙ୍କ ସମେତ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍ସୋ) ଆଇନ ଏବଂ ନାବାଳକ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ସହିତ ଜଡ଼ିତ ମାମଲାଗୁଡ଼ିକରେ ଶିଶୁଙ୍କ ପରିଚୟ ପ୍ରକାଶ କରିବାକୁ ନାଗରିକ ପୋର୍ଟାଲରେ ନିଷେଧ କରାଯାଇଛି। ଏହିସବୁ ସମ୍ବେଦନଶୀଳ ମାମଲା ଚିହ୍ନଟ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟର ୩୯ ପୋଲିସ ଜିଲାରେ ୧,୬୩୧ଟି ସମ୍ବେଦନଶୀଳ ମାମଲାରେ ପୀଡ଼ିତା/ପୀଡ଼ିତଙ୍କ ନାମ ଓ ପରିଚୟ ଉକ୍ତ ନାଗରିକ ପୋର୍ଟାଲରେ ପ୍ରକାଶ କରାଯାଇଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ରିପୋର୍ଟରେ ପ୍ରକାଶ ପାଇଛି। ଯେଉଁଥିରେ ନାଗରିକମାନେ ବିବରଣୀ ଡାଉନଲୋଡ୍ କରିପାରିବେ ଏବଂ ମହିଳା ପୀଡ଼ିତା ଓ ନାବାଳକ ଅପରାଧୀଙ୍କ ପରିଚୟ ଜାଣିପାରିବେ। ଏପରି ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବା ଆଇପିସିର ଧାରା ୨୨୮(କ) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସିସିଟିଏନ୍ଏସ୍ ଡାଟାବେସ୍ର ଉପରୋକ୍ତ ସମ୍ବେଦନଶୀଳ ମାମଲାଗୁଡ଼ିକର ଅଡିଟ ହୋଇଥିଲା। ଏଥିରେ ଲକ୍ଷ୍ୟ କରାଯାଇଥିଲା ଯେ, ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ୧୫,୫୭୯ଟି ସମ୍ବେଦନଶୀଳ ମାମଲା ଥିଲା। ସେଥିମଧ୍ୟରୁ କେବଳ ୧୩,୯୪୯ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇଥିଲା ଏବଂ ସେମାନଙ୍କ ପରିଚୟ ପ୍ରକାଶରୁ ବାଦ୍ ଦିଆଯାଇଥିଲା। ତଥାପି ୪୦୫ ଥାନାରେ ବାକି ୧୬୩୧ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇ ନ ଥିଲା। ଏଥିରେ କେନ୍ଦ୍ରାପଡା ଜିଲାରେ ସର୍ବାଧିକ ୨୮୨ ମାମଲା, ଗଞ୍ଜାମ ଜିଲାରେ ୧୮୩ ମାମଲା, ଗଜପତି ଜିଲାରେ ୧୪୯ ମାମଲା, ଭୁବନେଶ୍ୱର ପୋଲିସ ଜିଲାରେ ୧୨୧ ମାମଲା, ସମ୍ବଲପୁର ଜିଲାରେ ୬୧ ମାମଲା, ପୁରୀ ଜିଲାରେ ୫୮ ମାମଲା, କଟକ ଜିଲାରେ ୬୧ ମାମଲା, ଯାଜପୁର ଜିଲାରେ ୪୧ଟି ସମ୍ବେଦନଶୀଳ ମାମଲାରେ ପରିଚୟ ପ୍ରକାଶ ପାଇଥିଲା।

# ହୀରାକୁଦରେ ୧୦୦ କୋଟିର ଆକ୍ୱା ପାର୍କ, ପାଣ୍ଡରାରେ ୫୯ କୋଟିର ମାଛ ମାର୍କେଟ

**ଭୁବନେଶ୍ୱର,୧୧।୧୦(ସୁନିତ୍ ମିଶ୍ର)**

## କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆରମ୍ଭ

### କୃଷକଙ୍କୁ ସ୍ୱାବଲମ୍ବୀ କରିବ: ମୁଖ୍ୟମନ୍ତ୍ରୀ

ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହିସବୁ ଯୋଜନା କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ୧୦୦ ଜିଲାରେ ଉକ୍ତ ଯୋଜନା ଆରମ୍ଭ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ ଜିଲା କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ରହିଛି। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ପ୍ରାୟ ୬୦ କୋଟି ଟଙ୍କାର ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା। ବର୍ତ୍ତମାନ ମଧ୍ୟ ଓଡ଼ିଶାର ୬୦%ରୁ ଅଧିକ ଏବଂ ଦେଶର ପ୍ରାୟ ୫୦% ଲୋକ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି। ତେଣୁ ମୋଦି ସରକାର ୨୦୧୪ରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଆସୁଛନ୍ତି। ଫଳରେ ବର୍ତ୍ତମାନ କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଭୁବନେଶ୍ୱରର ପାଣ୍ଡରା ହୋଲ୍ସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ। ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ଏବଂ ବିଏମ୍ସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲ୍ସେଲ୍ ମାଛ ବିକ୍ରୟ କେନ୍ଦ୍ର- ଏହି ୨ଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ଭାଲ୍ୟୁ ଚେନ୍ ସୃଷ୍ଟି କରିବ। ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସ୍ଥାନ ପାଇବ। ହୀରାକୁଦରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୯୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମୟୋପଯୋଗୀ ପଦକ୍ଷେପ, ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ। ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ। କେନ୍ଦ୍ର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ। ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ। ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ବର୍ତ୍ତମାନ ଧାନରେ ଆତ୍ମନିର୍ଭର ହୋଇସାରିଛୁ, କିନ୍ତୁ ଡାଲି ଓ ତୈଳବୀଜରେ ହେବାର ସମୟ ଏବେ ଉପନୀତ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଯୁଗାନ୍ତକାରୀ ଯୋଜନା। ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟିକରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଶ୍ରାରୁ ଆଭାସୀ ମାଧ୍ୟମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିବାବେଳେ କୃଷି ଶିକ୍ଷା ସଦନଠାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱପ୍ନର ଶକ୍ତି

ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାତ୍ର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି। ଦୁଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯହିଁରେ, ସେହି ହାଡ଼ ବିଭିନ୍ନ ଦିଗକୁ, ତଳୁଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ ବିଶ୍ୱ ଆଣ୍ଠୁଗଣ୍ଠି ବାତ ଦିବସ (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ') ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ସ୍ୱପ୍ନର ଶକ୍ତି'। ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗ ବିଷୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାମଚନ୍ଦ୍ର ରାଉତ କୁହନ୍ତି, ଏହି ବାତ ରୋଗ ପୁରୁଷଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୪୦% ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ।

ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଏକ ସର୍ଭେରୁ ଜଣାପଡିଛି, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ରୁମାଟଏଡ ଆର୍ଥ୍ରାଇଟିସ୍ରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠିବାତ ରୋଗରେ ପୀଡ଼ିତ। ଏଥିପାଇଁ ବୟସ ବଢିବା ସହିତ ସତର୍କ ରହିବାକୁ ହେବ। ଶରୀରରେ ଯଦି କ୍ୟାଲ୍ସିୟମ ଏବଂ ଭିଟାମିନ୍-ଡି'ର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏଥିସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହେବ। ତେବେ ଗୋଟିଏ ପୋଜିଶନ୍ରେ ଅଧିକ ସମୟ ବସିବା ଅନୁଚିତ। ଯଦି ଗଣ୍ଠିବାତ ଜନିତ ସମସ୍ୟା ଥାଏ ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ



# କୋମ୍ବିଂ ଅପରେଶନ ବେଳେ ଗୁରୁତର ଯବାନ ଶହୀଦ

**ରାଉରକେଲା,୧୧।୧୦(ସଙ୍ଗୀତା ଜେନା)**

### ୨ ଆହତଙ୍କୁ ଦିଲ୍ଲୀ ଏୟାର ଲିଫ୍ଟ କରାଗଲା


ମହେନ୍ଦ୍ର ଲଶ୍କର

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂଭୂମ ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଆଇଇଡି ବିସ୍ଫୋରଣରେ ଗୁରୁତର ଜଣେ ସିଆର୍ପିଏଫ୍ ଯବାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆସାମ ରାଜ୍ୟର ମୂଳନିବାସୀ ତଥା ସିଆର୍ପିଏଫ୍ ୬୦ ବାଟାଲିୟନର ହେଡ୍ କନ୍ଷ୍ଟେବଲ ମହେନ୍ଦ୍ର ଲଶ୍କର(୪୦)। ତାଙ୍କୁ ଶୁକ୍ରବାର ରାତି ୧ଟାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶନିବାର ସକାଳ ପ୍ରାୟ ୭ଟାରେ ମୃତଦେହକୁ ରାଞ୍ଚି ନିଆଯାଇ ସେଠାରେ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଆସାମକୁ ପଠାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏହି ବିସ୍ଫୋରଣରେ ଆହତ ରାମକୃଷ୍ଣ ଗାଗରାଇ ଏବଂ ସିଆର୍ପିଏଫ୍ ଇନ୍ସପେକ୍ଟର କୌଶଳ କୁମାର ମିଶ୍ରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶନିବାର ଅପରାହ୍ନ ୨ଟାରେ ରାଉରକେଲା ବିମାନ ବନ୍ଦରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ଶନିବାର ସକାଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍ପି ନୀତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ବିଷୟରେ ପଚାରି ବୁଝିଥିଲେ। ଆହତ ଗାଗରାଇଙ୍କ ଭାଇ ତଥା ଝାଡଖଣ୍ଡ ରାଜଖରସୁଆଁ ବିଧାୟକ ଦଶରଥ ଗାଗରାଇ ଓ ପରିବାର ଲୋକେ ମଧ୍ୟ ଆହତମାନଙ୍କୁ ଭେଟିବାକୁ ରାଉରକେଲାରେ ପହଞ୍ଚିଥିଲେ। ଅପରପକ୍ଷେ ଡିଆଇଜି ରାୟ କହିଛନ୍ତି, ମାଓବାଦୀ ଦମନ ପାଇଁ ୨ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ଶୁକ୍ରବାର ଜରେଇକେଲା ଅଞ୍ଚଳରେ ହୋଇଥିବା ଆଇଇଡି ବିସ୍ଫୋରଣରେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଏୟାରଲିଫ୍ଟ କରାଯାଇଛି ଓ ଅନ୍ୟ ଜଣେ ଶହୀଦ ହୋଇଛନ୍ତି। ତେବେ ମାଓବାଦୀ ସକ୍ରିୟତାକୁ ରୋକିବା ପାଇଁ ଡିଭିଏଫ୍ ଏବଂ ଅନ୍ୟ ସୁରକ୍ଷାବଳ ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ସୀମାନ୍ତରେ ସେଭଳି ଅପ୍ରୀତିକର ପରିସ୍ଥିତିର ସୂଚନା ନାହିଁ ବୋଲି ରାୟ କହିଥିଲେ। ସୂଚନାଯୋଗ୍ୟ, ସରଣ୍ଡା ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଆହତ କୌଶଳଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ମହେନ୍ଦ୍ର କାନ୍ଧରେ ବୋହି ଆଣି କ୍ୟାମ୍ପରେ ଛାଡିବା ପରେ ଅନ୍ୟ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ସେ ଏବଂ ଗାଗରାଇ ଗୁରୁତର ହୋଇଥିଲେ। ପ୍ରଥମେ କୌଶଲ ଓ ପରେ ଏହି ୨ଜଣଙ୍କୁ ରାଉରକେଲାକୁ ଅଣାଯାଇଥିଲା।

# ବୈତରଣୀ ଟାପୁରେ ୯ ଘଣ୍ଟା ଫସିଲେ ହାତୀପଲ

**ପାଟଣା,୧୧।୧୦(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ବିଟ୍ ଅଧୀନ ସୀମାନ୍ତ ବୈତରଣୀ ନଦୀର ଡୁରୁମୁଙ୍ଗା ୩ ଧାରିଆ ଟାପୁରେ ଶୁକ୍ରବାର ରାତିରୁ ୩୦ଟିକିଆ ହାତୀପଲ ଫସି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଲୋକେ ଘେରି ରହିଥିବାରୁ ହାତୀପଲ ୯ ଘଣ୍ଟା ଧରି ଟାପୁରେ ରହିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ହାତୀପଲ ମୟୂରଭଞ୍ଜ ସୀମା ତଥା ବୈତରଣୀ ନଦୀ ପାରହେଉଥିବା ସମୟରେ ଟାପୁରେ ଅଟକି ରହିଥିଲେ। ହାତୀପଲରେ ୧୧ ଦନ୍ତା, ୧୨ ମାଈ ଓ ୭ ଛୁଆହାତୀ ରହିଛନ୍ତି। ଛୁଆହାତୀ ସାଙ୍ଗରେ ଥିବାରୁ ଦନ୍ତା ଓ ମା'ହାତୀ ଘେରି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଖର ସ୍ରୋତ ସାଙ୍ଗକୁ ଲୋକଙ୍କ ଭିଡ଼ କାରଣରୁ ହାତୀ କୂଳକୁ ଆସିପାରି ନ ଥିଲେ। ଅପରାହ୍ନ ୩ଟାରେ ହାତୀପଲ ନଦୀ ପାରହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ରାଇକଳା ନିକଟରେ ପହଞ୍ଚିଥିବା ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଖୋଦ୍ ଡିଏଫ୍ଓ ଧନ୍ରାଜ ହନୁମନ୍ତ ଉପସ୍ଥିତ ରହିଛନ୍ତି।

# ମସ୍ତିଷ୍କରୁ ବାହାରିଲା ୪ ସେ.ମି.ର ମାଂସ

**ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

### ଏମ୍କେସିଜିରେ ପୁଣି ବିରଳ ଅସ୍ତ୍ରୋପଚାର



ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପାତି ସୁନାପୁର ଅଞ୍ଚଳର ଗୱାଲା ମାସେନୁ (୫୬ )ଙ୍କ ମସ୍ତିଷ୍କରୁ ୪ ସେ.ମି.ର ଟ୍ୟୁମର ବାହାର କରାଯାଇଛି। ଗୱାଲା ମାନସିକ ବିକାରଗ୍ରସ୍ତଙ୍କ ପରି ଆଚରଣ କରୁଥିଲେ। ମୁଣ୍ଡର ଉପର ଭାଗରେ ଘା ହୋଇ ପୁଜ ବାହାରୁଥିଲା ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି। ତାଙ୍କର ଚିକିତ୍ସା ପାଇଁ ପ୍ରଥମେ ଇଚ୍ଛାପୁରମ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ପରିବାର ଲୋକେ ନିରୁପାୟ ହୋଇ ଗତ ୨୦ ତାରିଖରେ ଏମ୍କେସିଜି ମେଡିକାଲକୁ ଆଣିଥିଲେ। ନ୍ୟୁରୋ ସର୍ଜରି ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ଗୱାଲାଙ୍କ ମସ୍ତିଷ୍କର ମଧ୍ୟଭାଗରେ ୪ ସେ.ମି.ର ମାଂସ ରହିଥିବା ଜଣାପଡିଥିଲା। ସେ ଉଚ୍ଚ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିରତା ଆସିବା ପରେ ଗତ ବୁଧବାର ଡା. ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୪ ଘଣ୍ଟା ଅସ୍ତ୍ରୋପଚାର କରି ମସ୍ତିଷ୍କରୁ ମାଂସ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ଖପୁରି ପାଖର ଏକ ହାଡ଼ ବାହାର କରି ପେଟ ପାଖରେ ରଖା ଯାଇଛି। ସୁସ୍ଥ ଅବସ୍ଥାକୁ ଫେରିଲେ ତାହାକୁ ପୁନଃ ସ୍ଥାପନ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ସାଧାରଣ ୱାର୍ଡରେ ଅଛନ୍ତି। ଡା.ଦେବଦତ୍ତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା.ତୁଷାର କାନ୍ତ ରଥ, ଡ଼ା ପି.ହରି ପ୍ରସାଦ ଓ ନିଶ୍ଚେତକ ବିଭାଗର ଡାକ୍ତର ମାନସ କୁମାର ନାହାକ ପ୍ରମୁଖ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।

# ବିବାହ ପ୍ରସ୍ତାବ ଦେଖିବାକୁ ଆସି ଯୁବତୀଙ୍କ ଗଳାକାଟି ଯୁବକ ଗିରଫ

**ରାଜକନିକା,୧୧।୧୦(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଞ୍ଚାୟତ କୁଜିପୁରୁ ଗାଁର ସୁଶାନ୍ତ କିଶୋର ଦାସଙ୍କ ଭାଣିଜୀ ପ୍ରିୟଙ୍କା ଦାସ(୨୦)ଙ୍କୁ ଗାରଡ଼ପୁର ଗାଁର ସୁବ୍ରତ ନାୟକ(୨୬) ଓ ତାଙ୍କ ମା' ମନୋରମା ନାୟକ ଶନିବାର ବିବାହ ପ୍ରସ୍ତାବ ନେଇ ଦେଖିବାକୁ ଆସିଥିଲେ। ସେଠାରେ ଦେଖାଚାହାଁ ଚାଲିଥିଲା। ପରେ ପୁଅ ସୁବ୍ରତ ଝିଅ ପ୍ରିୟଙ୍କା ସହ କିଛି କଥା ହେବା ଲାଗି କହିଥିଲେ। ଉଭୟ ଏକ କୋଠରିକୁ କଥା ହେବାକୁ ଯାଇଥିଲେ। ହେଲେ ସୁବ୍ରତ ଘର କବାଟ ବନ୍ଦକରି ଝିଅ ପ୍ରିୟଙ୍କାଙ୍କୁ ଏକ ଛୁରିରେ ଆକ୍ରମଣ କରି ଗଳାର ଦୁଇ ଜାଗାକୁ କାଟି ଦେଇଥିଲେ। ଝିଅର ଚିତ୍କାର ଶୁଣି ପରିବାର ଲୋକ କବାଟ ଭାଙ୍ଗି ଉଦ୍ଧାର କରିଥିଲେ। ଏହା ଜଣାପଡ଼ିବା ପରେ ଗାଁ ଲୋକମାନେ ଜମା ହୋଇ ସୁବ୍ରତଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁବ୍ରତଙ୍କୁ ଥାନାକୁ ଆଣିଥିଲା। ପ୍ରିୟଙ୍କାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସେଠାରେ ଚିକିତ୍ସା କରାଇ ଥାନାରେ ପ୍ରିୟଙ୍କାଙ୍କ ମାମୁ ସୁଶାନ୍ତ କିଶୋର ଦାସ ଅଭିଯୋଗ କରିଥିଲେ। ପୋଲିସ ନଂ: ୫୧୪/୨୫ରେ ମାମଲା ରୁଜୁ କରି ସୁବ୍ରତଙ୍କୁ ଗିରଫକରି ତଦନ୍ତ ଚଳାଇ ଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଏ ନେଇ ଉଭୟ ଝିଅ ଓ ପୁଅଙ୍କ ମଧ୍ୟରେ ବିବାହ ଲାଗି ନିଷ୍ପତ୍ତି ସହ ଦେଖାସାକ୍ଷାତ ଶେଷ ହୋଇଥିଲା। ଶନିବାର ପୁନର୍ବାର ସୁବ୍ରତ ଏବଂ ତାଙ୍କ ମା' ମନୋରମା ଝିଅ ପ୍ରିୟଙ୍କାଙ୍କୁ ଦେଖିବାକୁ ଆସି ଏଭଳି ଘଟଣା ଘଟିଛି। କିନ୍ତୁ ଆକ୍ରମଣର କାରଣ ଜଣାପଡ଼ି ନାହିଁ।


ଗିରଫ ଯୁବକ ସୁବ୍ରତ ନାୟକ




ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। – ଶ୍ରୀଅରବିନ୍ଦ



# ଦୁଇଟି ପଥ



ଆକାର ପଟେଲ

ପଇଁତିରିଶ ବର୍ଷ ପୂର୍ବେ ଭାରତ ଯେଉଁ ଦୁଇଟି ପଥରେ ଯିବାକୁ ବାଛିଥିଲା, ଏଯାବତ୍ ସେହି ଉଭୟ ରାସ୍ତାରେ ରହିଛି। ପ୍ରଥମ ପଥ ଥିଲା ଏକ ନୂତନ ରୂପର ଅର୍ଥନୀତିକୁ ଆପଣେଇବା, ଯାହାର ଔପଚାରିକ ଭାବେ ନାମ ଦିଆଯାଇଥିଲା ଉଦାରୀକରଣ। ଏହାର ଉଦ୍ଦେଶ୍ୟ ଥିଲା ଭାରତକୁ ବିଦେଶୀ ପୁଞ୍ଜି ଆଣିବା, ଲାଇସେନ୍ସରାଜକୁ ଭାଙ୍ଗିବା ସହ ସାର୍ବଜନୀନ କ୍ଷେତ୍ରର ଏକଚାଟିଆ ଅଧିକାରକୁ ସମାପ୍ତ କରିବା। ଏହାର ଲକ୍ଷ୍ୟ (ଅଘୋଷିତ)ଥିଲା ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ କରି ଭାରତକୁ ଶିଳ୍ପାୟନରେ ସମୃଦ୍ଧ କରିବା। ଆମ ଭଳି ସେହି ସମାନ ସମୟରେ ଚାଇନା ଉଦାରୀକରଣ ପାଇଁ ଚେଷ୍ଟା କରୁଥିଲା। ଆମେ ୨୪ ଜୁଲାଇ ୧୯୯୧ (ଯେତେବେଳେ ଅର୍ଥମନ୍ତ୍ରୀ ମନମୋହନ ସିଂହ ତାଙ୍କ ବଜେଟ ଉପସ୍ଥାପନ କରିଥିଲେ)ରେ ଉଦାରୀକରଣରେ ପାଦ ଥାପିଥିବାବେଳେ ଭାରତ ଏବଂ ଚାଇନାର ଅର୍ଥନୈତିକ ବିକାଶ ସମାନ ସ୍ତରରେ ରହିଥିଲା। ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୧୯୯୧ରେ ଉଭୟ ଦେଶର ମୁଣ୍ଡପିଛା ଜିଡିପି ୩୩୪ ଆମେରିକୀୟ ଡଲାର ଥିଲା। ଏହା ଦର୍ଶାଇଥିଲା ଯେ ଚାଇନା ଟିକେ ଆଗୁଆ ଥିଲା, କାରଣ ଭାରତଠାରୁ ପ୍ରାୟ ଏକ ଦଶନ୍ଧି କିମ୍ବା ତା'ପୂର୍ବରୁ, ମାଓ ସେ ତୁଙ୍ଗଙ୍କ ମୃତ୍ୟୁ ପରେ, ତାହାର ପ୍ରଗତି ଆରମ୍ଭ ହୋଇଥିଲା। କିନ୍ତୁ ଚାଇନା ଏକ ଅତ୍ୟନ୍ତ ଅବିକଶିତ ସ୍ତରରୁ ଉଠୁଥିଲା, ଯେଉଁଠି କୌଣସି ଘରୋଇ କ୍ଷେତ୍ର ନ ଥିଲା ଏବଂ ସାଂସ୍କୃତିକ ବିପ୍ଳବ ଓ ଏକକ ସନ୍ତାନ ନୀତି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ କୁହାଯାଇପାରେ ଯେ, ୧୯୯୧ରେ ଆମେ ପ୍ରକୃତରେ ତା' ସହ ସମାନ ଥିଲୁ। ସେହି ସମୟରୁ ଉଦାରୀକରଣ ପଥର ଘଟଣାଗୁଡ଼ିକୁ ଦେଖିଲେ ବୁଝିହେବ। ୧୯୯୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ଭାରତର ଦୁଇଗୁଣ ହୋଇଗଲା। ପରବର୍ତ୍ତୀ ଦଶନ୍ଧିରେ ଅଟଳ ବିହାରୀ ବାଜପେୟୀଙ୍କ ଶାସନ ଆମକୁ 'ଉଜ୍ଜ୍ୱଳ ଭାରତ'ର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୨୦୦୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ତିନିଗୁଣ ଆଗରେ ଥିଲା। ପରେ ମନମୋହନ ସିଂହଙ୍କ ଶାସନ କାଳରେ ଚାଇନା ଚାରିଗୁଣ ଆଗରେ ଥିଲା ଏବଂ ମୋଦିଙ୍କ ନୂତନ ଭାରତରେ ପାଞ୍ଚଗୁଣ ଆଗରେ ରହିଛି।

୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ପର୍ଯ୍ୟନ୍ତ ବୈଶ୍ୱିକ ଅର୍ଥନୀତି ଉପରେ ନଜର ରଖୁଥିବା ଦି ଇକୋନୋମିଷ୍ଟ, ଦି ୱାଲ ଷ୍ଟ୍ରିଟ ଜର୍ନାଲ ଏବଂ ଫାଇନାନ୍ସିଆଲ ଟାଇମ୍ସ ଆକଳନଭିତ୍ତିକ ଖବର ପ୍ରକାଶ କରିଥିଲେ ଯେ ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ଅର୍ଥନୈତିକ ପଥରେ ଭାରତ ସାମିଲ ହେବାକୁ ଯାଉଛି। କିନ୍ତୁ ତାହା କୋଭିଡ୍ ମହାମାରୀ ସମୟରେ ଶେଷ ହୋଇଗଲା। କିନ୍ତୁ ଏହା ସ୍ପଷ୍ଟ ଯେ, ଏସିଆର ଶକ୍ତିଶାଳୀ ଦେଶଗୁଡ଼ିକ ଯାହା କରୁଥିଲେ ଭାରତ ତାହା କରୁ ନ ଥିଲା ଏବଂ କରିପାରି ନ ଥିଲା। ଏହାର ଅନେକ କାରଣ ଥାଇପାରେ, କିନ୍ତୁ ମୁଖ୍ୟ କାରଣ ହେଉଛି ପ୍ରଭାବୀ ଢଙ୍ଗରେ ବିକାଶ ଏବଂ ନୀତି କାର୍ଯ୍ୟକାରୀ କରିବାରେ ଅକ୍ଷମତା। ଏବେ ଭାରତର ମୁଣ୍ଡପିଛା ଜିଡିପି ୨୬୯୬ ଆମେରିକୀୟ ଡଲାର ଥିବାବେଳେ ବାଂଲାଦେଶର ୨୫୯୩, ପାକିସ୍ତାନର ୧୪୮୪ ଏବଂ ଚାଇନାର ୧୩,୩୦୩ ଆମେରିକୀୟ ଡଲାର ରହିଛି। ଏହା ସ୍ପଷ୍ଟ ଯେ, ଭାରତ ଲକ୍ଷ୍ୟ ଅନୁଯାୟୀ କାମ କରୁ ନ ଥିବାରୁ ସେହି ସ୍ଥିତିରେ ରହିଛି। ୧୯୯୦ରେ ଭାରତ ଯେଉଁ ଦ୍ୱିତୀୟ ପଥ ବାଛିଥିଲା ତାହା ମଧ୍ୟ ଜାରି ରହିଛି। ଏହା ଥିଲା ବିବିଧତାର ସହାବସ୍ଥାନ ଏବଂ ଧର୍ମନିରପେକ୍ଷତାରୁ ଦୂରେଇ ଯାଇ ଭାଜପା ବିଚାରଧାରା ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଏକ ଭିନ୍ନ ସ୍ୱର୍ଗ ଆଡ଼କୁ ଯିବା, ଯାହାକୁ ୧୯୯୬ର ଇସ୍ତାହାରରେ ହିନ୍ଦୁତ୍ୱ ବୋଲି କୁହାଯାଇଥିଲା। ବାବ୍ରୀ ମସ୍‌ଜିଦ ବିରୋଧରେ ଦଳର ସଫଳ ଅଭିଯାନ ଏବଂ ପରବର୍ତ୍ତୀ ହତ୍ୟାକାଣ୍ଡ ଭାରତକୁ ଏକ ନୂତନ ଦିଗକୁ ନେଇଯାଇଥିଲା। ୧୯୫୧ରେ ଗଠିତ ଦଳର ୧୯୯୦ ପର୍ଯ୍ୟନ୍ତ ନିଜସ୍ୱ ମୁଖ୍ୟମନ୍ତ୍ରୀ ନ ଥିଲା ଏବଂ ସମସ୍ତ ଦଶନ୍ଧିରେ ଏହାର ଜାତୀୟ ଭୋଟ ହାର ଏକକ ସଂଖ୍ୟାବିଶିଷ୍ଟ ରହିଥିଲା। ଲାଲକୃଷ୍ଣ ଆଡ୍‌ଭାନୀଙ୍କ ନେତୃତ୍ୱରେ ହୋଇଥିବା ବାବ୍ରୀ ମସ୍‌ଜିଦ ଘଟଣା ପରେ ଏହା ଦୁଇଗୁଣ ବୃଦ୍ଧି ପାଇ ପାଖାପାଖି ୧୮% ପହଞ୍ଚିଥିଲା। ନରେନ୍ଦ୍ର ମୋଦିଙ୍କ ଅଧୀନରେ ପୁନର୍ବାର ଦ୍ୱିଗୁଣିତ ହୋଇ ୩୬% ହୋଇଥିଲା।

ବିକାଶର ପ୍ରଥମ ପଥ ଧୀମା ହୋଇଥିବାବେଳେ ଦ୍ୱିତୀୟ ପଥର ଗତି ଅଧିକ ଦ୍ରୁତ ହୋଇଛି। ବାଜପେୟୀଙ୍କ ସମୟରେ ଏବକାର ସଂଖ୍ୟାଲଘୁ ବିରୋଧୀ ରାଜନୀତିର ସ୍ୱର ଏତେ ଦୃଢ଼ ନ ଥିଲା। ଏହାର କାରଣ କିଛି ଲୋକ ଅନୁଭବ କରୁଥିଲେ ଯେ, ବାଜପେୟୀ ଉଦାର ଥିଲେ ଏବଂ ଏହା ସତ୍ୟ। ସେ ସରକାରରେ ଥିବା ସହଯୋଗୀଙ୍କ ଉପରେ ନିର୍ଭରଶୀଳ ଥିଲେ, ତେଣୁ ଦ୍ୱନ୍ଦ୍ୱରେ ରହିବାକୁ ବାଧ୍ୟ ହୋଇଥିଲେ। ୨୦୦୨ର ଘଟଣାବଳୀ ଏହାକୁ ପରିବର୍ତ୍ତନ କରିଦେଲା। ଭାଜପା ତାହାର ନୂତନ ନେତା ପାଇଲା। ୧୯୯୧ର ଅର୍ଥନୈତିକ ସଂସ୍କାରରୁ ସର୍ବାଧିକ ଲାଭ ପାଇଥିବା ଏକ ରାଜ୍ୟରୁ ଆସି ସେ ଦାବି କଲେ ଯେ, ଏହାର ତୁଳନାତ୍ମକ ପ୍ରଗତି ତାଙ୍କ ଯୋଗୁ ଘଟିଥିଲା। ଏବଂ ୨୦୦୨ର ନରସଂହାର ପରେ ତାଙ୍କୁ ହଟାଇବାରେ ବାଜପେୟୀଙ୍କ ଅକ୍ଷମତା ତାଙ୍କୁ ଭବିଷ୍ୟତର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଥିଲା, ଯେଉଁଥିପାଇଁ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରିଥିଲେ। ୧୯୯୦ରେ ଭାରତ ବାଛିଥିବା ଉଭୟ ପଥରେ ସେ ପ୍ରଗତି ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କେବଳ ଗୋଟିଏ ରାସ୍ତାରେ ଆଗେଇ ଗଲେ। ଏବେ ଚାଇନା ସହ ଭାରତ ତୁଳନୀୟ ନୁହେଁ ଏବଂ ସରକାର ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ନିଜକୁ ତୁଳନା କରୁ ନାହାନ୍ତି। ଏହା ବଦଳରେ ଆମେ ଆଭ୍ୟନ୍ତରୀଣ ନିର୍ଯାତନା, ପାକିସ୍ତାନୀ ସେନା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସହିତ ଲଢ଼ି ନିଜକୁ ସାନ୍ତ୍ୱନା ଦେଉଛୁ। ୧୯୯୦ ପରେ ଭାଜପାର ନିର୍ବାଚନୀ ସଫଳତାରୁ ବୁଝାପଡୁଛି ଯେ, ଏହି ରାସ୍ତା ଛାଡ଼ିବା ତା' ପାଇଁ କଷ୍ଟକର ହେବ, କାରଣ ଏହି ନୀତିଗୁଡ଼ିକୁ ଗ୍ରହଣ କରିଛି। ଯୁବ ପାଠକଙ୍କ ପାଇଁ ୧୯୯୦ ବହୁତ ପୁରୁଣା ମନେହେବ, କିନ୍ତୁ ଆମ ମଧ୍ୟରୁ ଅନେକଙ୍କ ପାଇଁ ଏହା ଏବକାର ସ୍ମୃତି। ଆମେ ସେହି ଦଶନ୍ଧିଗୁଡ଼ିକୁ ଦେଖିଲେ ଜାଣିପାରିବା ଯେ, ସେତେବେଳେ ଏସବୁ କାହିଁକି ଘଟିଥିଲା ଏବଂ ପରବର୍ତ୍ତୀ ଦଶନ୍ଧିଗୁଡ଼ିକ ସମାନ ଘଟଣା ଘଟିବ। ଏକ ସମୃଦ୍ଧ ଏବଂ ସମାନତାର ସମାଜ ଗଢ଼ିବା ପଥରେ ଦ୍ୱିଧା ଏବଂ ଧୀମା ଯାତ୍ରା ଦେଖିବାକୁ ମିଳିବ। ଅନ୍ୟପଟେ ଆତ୍ମବିଶ୍ୱାସର ସହିତ ଦ୍ରୁତଗତିରେ ହିନ୍ଦୁତ୍ୱ ବିଚାରଧାରା ପଥରେ ଆଗେଇ ଚାଲିବ।

Email:aakar.patel@gmail.com


# ବଡ଼ ମାଛ ଧର



ଡ. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ଖୋଲିଲେ ବା ଟିଭି ଦେଖିଲେ ବିଭିନ୍ନ ଶ୍ରେଣୀର ଲୋକ ବିଶେଷକରି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତିକରି ଆୟ ବହିର୍ଭୂତ ବହୁ କୋଟି ଟଙ୍କାର କଳା ସମ୍ପତ୍ତି ଠୁଳକରିବା ଖବର ପଢ଼ିବାକୁ ବା ଶୁଣିବାକୁ ମିଳେ। ବେଶି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ନାମ ପଢ଼ିବାକୁ ମିଳେ, ଯେଉଁମାନେ ଚାକିରି ପୂର୍ବରୁ ଜନତାଙ୍କ ସେବା କରିବେ ବୋଲି କହିଥାନ୍ତି। ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ବ୍ୟକ୍ତି ମଧ୍ୟ ଏହି କଳାକାରନାମାରୁ ମୁକ୍ତ ନୁହନ୍ତି। ବାସ୍ତବରେ ଦୁର୍ନୀତିରେ ଲିପ୍ତ କିଛି ହାତଗଣତି ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଧରିପକାଇଲେ ଦୁର୍ନୀତି ଦୂରହେବନାହିଁ। ଏହାର ମୂଳ କାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ଅର୍ଥାତ୍ ଛୋଟ ମାଛ ଧରୁଛନ୍ତି, ବଡ଼ ମାଛ ଧରିବାକୁ ପ୍ରୟାସ କରିବା ଉଚିତ। ନିକଟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିଗ୍ରସ୍ତଙ୍କୁ କେବଳ ଦଣ୍ଡ ଦେଇଦେଲେ ଦୁର୍ନୀତି ରୋକିହେବନାହିଁ ଏବଂ ଦୁର୍ନୀତିର ମୂଳ କାରଣ ଖୋଜି ପ୍ରଶାସନିକ, ଆଇନଗତ,ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂରକରିବାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି।

ବାସ୍ତବରେ ଦୁର୍ନୀତି ଆଜି ଜୀବନଶୈଳୀରେ ପରିଣତ ହୋଇଛି। ଦୁର୍ନୀତିର ଏକ ବଡ଼ କାରଣ ହେଉଛି ଅବକ୍ଷୟମୁଖୀ ସମାଜ ଏବଂ ଜୀବନଚର୍ଯ୍ୟାରେ ନୈତିକତା, ମାନବିକତା ଓ ମୂଲ୍ୟବୋଧର ଦ୍ରୁତ ହ୍ରାସ ଘଟିବା ଓ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା। ସରକାର ଦେଶର ପ୍ରଗତିକୁ ଜିଡିପିରେ ଏବଂ ଲୋକ ଜୀବନର ସଫଳତାକୁ ଅର୍ଥ ଓ ସମ୍ପତ୍ତିରେ ମାପିବା ଆଜିର ଦୁର୍ନୀତିର ଏକ ବଡ଼ କାରଣ। ନବ୍ୟ ଉଦାରୀକରଣ ଅର୍ଥନୀତି ଓ ତଜ୍ଜନିତ ଉଗ୍ର ଉପଭୋକ୍ତାବାଦ; ଜୀବନଚର୍ଯ୍ୟାରେ ତ୍ୟାଗ, ସେବା, ବଳିଦାନ ଅପେକ୍ଷା ଉପଭୋଗ, କଳେବଳେ ସମ୍ପତ୍ତି ଠୁଳ କରିବା ମାନସିକତାରୁ ଦୁର୍ନୀତି ବୃଦ୍ଧି ପାଉଛି। ଦୁର୍ନୀତିକରି ଦଣ୍ଡିତ ହେବା ଦେହସୁଆ ହୋଇଗଲାଣି। ଲାଜ, ସରମ ଟିକେ ବି ଲାଗୁନାହିଁ। ଆଜି ଦୁର୍ନୀତିର ମାନସିକତା ଅଧିକାଂଶଙ୍କୁ ଗ୍ରାସକରିବାର କାରଣ ହେଉଛି ସମାଜ ଦିନକୁ ଦିନ ଅଧିକ କଳୁଷିତ ହେଉଛି ଏବଂ ଭଲ ଲୋକଙ୍କୁ ଓ ଭଲ କାର୍ଯ୍ୟର ହତାଦର କରାଯାଉଛି। ଅର୍ଥ, କ୍ଷମତା ଓ ପ୍ରତିପତ୍ତି ନ ଥିଲେ କେହି ପଚାରିବେନାହିଁ। ଉଦାହରଣ ସ୍ୱରୂପ ଯଦି ଜଣେ କଳାଟଙ୍କାରୁ କେଉଁଠି ଚାନ୍ଦା ଦେଲେ, ଲୋକ ପ୍ରଶଂସାରେ ପୋତିଦେବେ, ନ ଦେଲେ କାମ୍ପି କହି ଘୃଣାକରିବେ। ଅନେକସମୟରେ ଦୁର୍ନୀତିଗ୍ରସ୍ତ ହୋଇ ଦଣ୍ଡିତହେବା ପରେ ମଧ୍ୟ ଅନେକଙ୍କୁ ଗୌରବମଣ୍ଡିତ କରାଯାଉଛି। ଯଦି ଶାସକ ଦଳରେ ଯୋଗଦେଲା ବା ସମର୍ଥନ କଲା ତେବେ ସବୁ ଦୋଷ ମାପ।



ଦୁର୍ନୀତିର ମୂଳ ଉତ୍ସ ହେଉଛି ରାଜନୀତିର ଅପରାଧୀକରଣ, ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା ଓ କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ। ଆଜିର ସମାଜରେ ବିତ୍ତଶାଳୀ, କ୍ଷମତାଶାଳୀଙ୍କୁ ବେଶି ସମ୍ମାନ ମିଳୁଛି। ଅଧିକ କ୍ଷମତାଶାଳୀ ହେବାର ବଡ଼ ମାଧ୍ୟମ ହେଲା ରାଜନୀତିକରି ଜନପ୍ରତିନିଧି, ନେତା, ମନ୍ତ୍ରୀ ହେବା। ଏଥିପାଇଁ ନିର୍ବାଚନରେ ଜିତିବା ଦରକାର ଓ ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ। ଏଣୁ ସେଇଠୁ ଆରମ୍ଭ ହୁଏ କଳାଟଙ୍କା ଠୁଳକରିବା, ଲାଞ୍ଚ ନେବା ଓ ଚାନ୍ଦା ଆଦାୟ କରିବା, ଯାହା ଉପରୁ ତଳସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ। ନିର୍ବାଚନରେ ବିଭିନ୍ନ ଦଳ ଓ ପ୍ରାର୍ଥୀ ପ୍ରଚୁର କଳାଟଙ୍କା ଖର୍ଚ୍ଚ କରୁଛନ୍ତି। ବିନା କଳାଟଙ୍କାରେ ଜିତିବା ଅସମ୍ଭବ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୫ଟି ଜାତୀୟ ଏବଂ ୨୭ଟି ଆଞ୍ଚଳିକ ରାଜନୈତିକ ଦଳ ଦ୍ୱାରା ସଂଗୃହୀତ ମୋଟ ପାଣ୍ଠି ପରିମାଣ ୭୪୪୫.୫୬୬ କୋଟି ଟଙ୍କା ଥିଲା। ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ମୋଟ ଖର୍ଚ୍ଚ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିଲା। ପ୍ରାର୍ଥୀମାନେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ହାରାହାରି ୨୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ ଯାହା ବର୍ତ୍ତମାନ ୭୫.୯୫ ଲକ୍ଷ ଟଙ୍କା(୩୦୦ ଗୁଣ ବୃଦ୍ଧି)କୁ ବୃଦ୍ଧିପାଇଛି। ସରପଞ୍ଚ ନିର୍ବାଚନରେ ଜଣେ ପ୍ରାର୍ଥୀ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଆଜି ଲୋକମାନେ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି। ଟଙ୍କା ନ ଦେଲେ କେହି ନେତାଙ୍କ ରାଲିରେ, ସଭାକୁ ଯିବେନାହିଁ। ଭୋଟ ଦେବା ପାଇଁ ନେତା ଅର୍ଥ ଦେଲାବେଳେ ଲୋକ ମଧ୍ୟ ଅର୍ଥ ଚାହୁଁଛନ୍ତି। ସାମୂହିକ ସ୍ୱାର୍ଥ ଆଉ ଗୁରୁତ୍ୱ ପାଉନାହିଁ। ଏଣୁ ନିର୍ବାଚନ ବ୍ୟୟ ଭରଣା ପାଇଁ ଏବଂ ନିଜ ଅନୁଗାମୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅଧିକାଂଶ ନେତା ଅସତ୍ ଉପାୟରେ ପ୍ରଚୁର ଅର୍ଥ ଠୁଳ କରୁଛନ୍ତି। ପୁନଶ୍ଚ କ୍ଷମତା ଚାଲିଗଲେ କେହି ପଚାରିବେ ନାହିଁ। ଜଣେ ନିର୍ବାଚନରେ ସବୁବେଳେ ଟିକେଟ ପାଇବ ବା ଜିତିବ ବୋଲି କେହି ଗାରେଣ୍ଟି ଦେଇପାରିବେ ନାହିଁ। ଭବିଷ୍ୟତର ଅନିଶ୍ଚିତତା ଯୋଗୁ ମଧ୍ୟ ଥରେ ନେତା ଓ ମନ୍ତ୍ରୀ ହେଲେ ଅଧିକାଂଶ ସାତପୁରୁଷ ପାଇଁ ସମ୍ପତ୍ତି ଠୁଳ କରିଦେଉଛନ୍ତି। ସେମାନେ ସିଧା ଲାଞ୍ଚ ନେବେନାହିଁ। ଅନ୍ୟ ପ୍ରଶାସନିକ ଅଧିକାରୀ, ମନ୍ତ୍ରୀ ତଥା ଅନ୍ୟମାନଙ୍କ ଜରିଆରେ ନେଉଛନ୍ତି। ଯିଏ ଉପରସ୍ତର ଲୋକଙ୍କୁ ଲାଞ୍ଚ ଦେବ, ସେ ଅନ୍ୟମାନଙ୍କଠାରୁ ଆଦାୟ କରିବ ଏବଂ ନିଜ ପାଇଁ ମଧ୍ୟ ରଖିବ, ଯାହା ସ୍ୱାଭାବିକ। ଫଳରେ ଦୁର୍ନୀତି ବ୍ୟାପୁଛି।

ପୁନଶ୍ଚ ଅଧିକାଂଶ ବଡ଼ କମ୍ପାନୀ, ବ୍ୟବସାୟୀ ଓ ଉଦ୍ୟୋଗୀ ନିଜ ବ୍ୟବସାୟ ପ୍ରତିଷ୍ଠା ଓ ସମ୍ପ୍ରସାରଣ ସାଙ୍ଗକୁ ଟିକସ ରିହାତି ଆଦି ସୁବିଧା ପାଇଁ ବିଭିନ୍ନ ରାଜନୈତିକ ନେତା, ପ୍ରଶାସକ ଓ ବିଭିନ୍ନ ଦଳୀୟ ପାଣ୍ଠିକୁ ବିଶେଷକରି କ୍ଷମତାରେ ଥିବା ଦଳକୁ ପ୍ରଚୁର ଅର୍ଥ ଦେଇଥାନ୍ତି। ଯେତିକି ଦିଅନ୍ତି, ତାହାର ୧୦୦୦ଗୁଣ ଫାଇଦା ଉଠାନ୍ତି। ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ଆଇନରେ ପରିବର୍ତ୍ତନ କରାଯିବା ସହ ଟିକସ ହ୍ରାସ କରାଯାଏ। ସେମାନେ ବହୁ କୋଟି ଟଙ୍କା ଟିକସ ଫାଙ୍କିଲେ ବା ବ୍ୟାଙ୍କ ଋଣ ନ ଶୁଝିଲେ ମଧ୍ୟ ଆଇନ ତାଙ୍କୁ ସ୍ପର୍ଶ କରିପାରେନାହିଁ। ବରଂ ସହଜରେ ବିଦେଶକୁ ପଳାନ୍ତି ଓ ଅୟସ କରନ୍ତି। ୨୦୨୩-୨୪ ସୁଦ୍ଧା ଅନାଦାୟ ଟିକସ ପରିମାଣ ୩୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ୧୦ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ରାଇଟ୍ ଅଫ୍ ପରିମାଣ ୧୬.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ମାତ୍ର ୧୬ ପ୍ରତିଶତ ଆଦାୟ ହୋଇଛି। ଯେଉଁମାନେ ଏତେ ମାତ୍ରାରେ ଟିକସ ଫାଙ୍କୁଛନ୍ତି ବା ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ସେମାନଙ୍କୁ କାହିଁକି ଦଣ୍ଡିତ କରାଯାଉନାହିଁ? ପୁନଶ୍ଚ ବିଶ୍ୱରେ ଅନେକ ଟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ରହିଛି, ଯେଉଁଠି ଟଙ୍କା ରଖିଲେ ଟିକସ ବହୁତ କମ୍ ପଡ଼େ ଏବଂ ନାମ ଲୁକ୍କାୟିତ ରୁହେ। ପାନାମା ପେପର୍ସ ଏବଂ 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି, ଭାରତୀୟମାନେ କିପରି କଳାଟଙ୍କା ଟିକସ ଭୂସ୍ୱର୍ଗରେ ରଖିଛନ୍ତି ଏବଂ ଟିକସ ଫାଙ୍କୁଛନ୍ତି। କର୍ପୋରେଟମାନେ ସେଠି ପଞ୍ଜୀକୃତ ହୋଇ ଟିକସ ମଧ୍ୟ ଫାଙ୍କୁଛନ୍ତି। କଳାଟଙ୍କା ଆମ ଦେଶରୁ ଯାଇ ବିଭିନ୍ନ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଆମ ଦେଶକୁ ଏଫ୍ ବା ଷ୍ଟକ୍ ମାର୍କେଟରେ ବିଦେଶୀ ଆନୁଷ୍ଠାନିକ ନିବେଶକ ଭାବେ ଆସୁଛନ୍ତି। ଏହାଦ୍ୱାରା କଳାଟଙ୍କା ଧଳା ହେଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମ୍‌ର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁ ଅର୍ଜନ କରି ନ ଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଏଣୁ ଦୁର୍ନୀତି ବିଲୋପ ପାଇଁ ଉପର ସ୍ତରରୁ ପ୍ରକ୍ରିୟା ଆରମ୍ଭ ହେବା ଉଚିତ।

ମୋ:୯୪୩୭୨୦୮୭୬୨

# ଭେନେଜୁଏଲାର ଲୌହ ମାନବୀ

ବ୍ୟକ୍ତିତ୍ୱ



ମାରିଆ କୋରିନା ମାଚାଡୋ

'ଶାନ୍ତି କ୍ଷମତା କିମ୍ବା ପ୍ରଚାର ମାଧ୍ୟମରେ ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଜରିଆରେ ଅର୍ଜନ କରାଯାଏ'। ନରୱେଜିଆନ୍ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା କରିବା ଅବସରରେ ଉପରଲିଖିତ ମନ୍ତବ୍ୟ ବାଢ଼ି ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଦେଖାଦେଇଥିବା ଅନେକ ଯୁଦ୍ଧକୁ ରୋକିଥିବା ଦାବି କରି ଆସୁଥିବାରୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି କହିଆସୁଥିଲେ। ୧୦ ଅକ୍ଟୋବରରେ ମାରିଆଙ୍କ ନାମ ଘୋଷଣା ପରେ ଭେନେଜୁଏଲାର ଏକଚ୍ଛତ୍ରବାଦୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ଏହି ଲୌହ ମାନବୀ ୩୩୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଏକମାତ୍ର ତାରକା ହେବାର ଗୌରବ ଅର୍ଜନ କରିଛନ୍ତି। ଆଲୋଚନାର ବିଷୟ ଏହା ପାଲଟିଛି ଯେ, ମାରିଆଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ଘୋଷଣା ହେବା ପରେ ସେ ଟ୍ରମ୍ପ୍, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ, ଗଣତନ୍ତ୍ର ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ଯନ୍ତ୍ରଣା ଭୋଗୁଥିବା ଭେନେଜୁଏଲାବାସୀଙ୍କ ସହ ଟ୍ରମ୍ପ୍ ତାଙ୍କୁ ସମର୍ଥନ ଦେଇଥିବାରୁ ମାରିଆ ଏହି ପୁରସ୍କାରକୁ ସେମାନଙ୍କ ସକାଶେ ଉତ୍ସର୍ଗ କରିଛନ୍ତି। ଏଠି ମଧ୍ୟ ମାରିଆଙ୍କ ମହାନତାର ପରିଚୟ ମିଳିଛି।

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ମାରିଆ ୧୯୬୭ ମସିହାରେ କାରାକାସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତା ଜଣେ ମନୋବିଜ୍ଞାନୀ ଥିବାବେଳେ ପିତା ଇସ୍ପାତ ବ୍ୟବସାୟୀ। ସେ ଇଞ୍ଜିନିୟରିଂ ଓ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ କିଛି ସମୟ ପାରିବାରିକ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ। କିନ୍ତୁ ସାମାଜିକ ନେତୃତ୍ୱ ନେବା ପାଇଁ ତାଙ୍କ ମନ ଟାଣିବାରୁ ପ୍ରାରମ୍ଭିକ ଅବସ୍ଥାରେ ୧୯୯୨ରେ ସେ 'ଆଟେନିଆ ଫାଉଣ୍ଡେଶନ' ଗଢ଼ି ରାଜଧାନୀ କାରାକାସ୍‌ର ଦୁଃଖୀରଙ୍କୀଙ୍କୁ ସହାୟତା ଯୋଗାଇଥିଲେ। ପରେ ୨୦୦୨ରେ 'ସୁମାଟେ' ନାମକ ଭୋଟର ଅଧିକାର ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଏହାରି ମାଧ୍ୟମରେ ପରବର୍ତ୍ତୀ ସମୟରେ ସେ ରାଜନୀତି ଆଡ଼କୁ ଢଳିଥିଲେ ଓ ୨୦୧୧ରେ ରେକର୍ଡ ସଂଖ୍ୟକ ଭୋଟ ପାଇ ଭେନେଜୁଏଲାର ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ସରକାରଙ୍କ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ୨୦୧୪ରେ ତାଙ୍କୁ ବହିଷ୍କାର କରାଯାଇଥିଲା। ମାରିଆ ଭେଣ୍ଟ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ ଅଛନ୍ତି। ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୩ରେ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିକୋଲାସ ମଦୁରୋ ଷଡ଼ଯନ୍ତ୍ର କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତେଣୁ ମାରିଆ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ। ହେଲେ ଏକଚ୍ଛତ୍ରବାଦୀ ଶାସକଙ୍କ ଆଗରେ ଗଣତନ୍ତ୍ରର ଅର୍ଥ କିଛି ନ ଥାଏ। ଭୋଟରେ ବ୍ୟାପକ କାରସାଦି କରିବାରୁ ମଦୁରୋ ପୁଣି ରାଷ୍ଟ୍ରପତି ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ୧୯୯୦ ଦଶକ ଯାଏ ଭେନେଜୁଏଲା ଲାଟିନ୍ ଆମେରିକାରରେ ସର୍ବାଧିକ ସମୟ ପାଇଁ ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଥିଲା। କିନ୍ତୁ ଏବେ ସେହି ଭୂଖଣ୍ଡରେ ଭେନେଜୁଏଲା ଏକଚ୍ଛତ୍ରବାଦୀ ଶାସକଙ୍କ କବଳକୁ ଚାଲିଯାଇଛି। ହୁଗୋ ଚାଭେଜ ଗଣତନ୍ତ୍ରକୁ ମୋଡ଼ିମକଚି ଏକଚ୍ଛତ୍ରବାଦର ଧ୍ୱଜା ଉଡ଼ାଇଲା ପରେ ତାଙ୍କ ପଥ ଅନୁସରଣ କରିଚାଲିଛନ୍ତି ନିକୋଲାସ ମଦୁରୋ। ଏଭଳି ପରିପ୍ରେକ୍ଷୀରେ ଦେଶରେ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା କରିବା ଲାଗି ମାରିଆ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଛନ୍ତି।

ମାରିଆଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଜଣେ ଦୃଢ଼ମନା, ନୀତିବାନ୍ ଓ ନ୍ୟାୟ ପାଇଁ ଲଢୁଥିବା ମହୀୟସୀ ମହିଳା ପାଲଟିଯାଇଛନ୍ତି। ଏକଚ୍ଛତ୍ରବାଦ ବିରୋଧରେ ସେ ଯେଉଁଭଳି ଭାବେ ଲଢ଼ିଚାଲିଛନ୍ତି, ତାଙ୍କୁ ସମର୍ଥକମାନେ ଦେଶର 'ଆଇରନ୍ ଲେଡି' ଭାବେ ଆଖ୍ୟା ଦେଇଛନ୍ତି। ଏପରି କି ତାଙ୍କୁ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ସହ ତୁଳନା କରାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ 'ଟାଇମ୍ସ ୨୦୨୫'ର ସବୁଠାରୁ ପ୍ରଭାବଶାଳୀ ୧୦୦ ତାଲିକାରେ 'ଦୃଢ଼ତା, ଅଦମ୍ୟ ସାହସୀ ଓ ଦେଶପ୍ରେମର ପ୍ରତୀକ' ଭାବେ ଅଭିହିତ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମାରିଆ କରୁଥିବା ଉଦ୍ୟମକୁ ଉଚ୍ଚପ୍ରଶଂସା କରିଛନ୍ତି। ମାରିଆଙ୍କୁ ଦେଖିଲେ ମ୍ୟାନ୍‌ମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ବ୍ୟକ୍ତିତ୍ୱ ଆଖିଆଗକୁ ଆସିଥାଏ। ସୁ ଚୀ ମଧ୍ୟ ତାଙ୍କ ଦେଶରେ ଗଣତନ୍ତ୍ରକୁ ଏକପ୍ରକାର ସଫଳ କରିଆଣିଥିଲେ। ହେଲେ ଏକଚ୍ଛତ୍ରବାଦୀମାନେ ପୁନଶ୍ଚ ଲେଉଟି ପଡ଼ିଲେ। ତେବେ ସୁ ଚୀଙ୍କ ସଂଘର୍ଷ ତାଙ୍କୁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦେଇଥିଲା। ଭେନେଜୁଏଲା ତୈଳ ଭଣ୍ଡାରରେ ଭରପୂର ଏକ ଦେଶ, ଯାହାର ସୁଦୃଢ଼ ଅର୍ଥନୀତିକୁ ଏକଚ୍ଛତ୍ରବାଦୀ ଓ ତାଙ୍କ ସମର୍ଥକମାନେ କୋରି ଖାଇଚାଲିଛନ୍ତି। ମାରିଆଙ୍କ ଆଶା ରହିଛି ଦେଶକୁ ଗଣତନ୍ତ୍ର ଫେରିଆସିଲେ ସେଠାକାର ଜନସାଧାରଣ ତାହାର ସୁଫଳ ପାଇପାରିବେ। ଯେତେବେଳଯାଏ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ନ ହୋଇଛି ସେବେ ଯାଏ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ମାରିଆ କହିଛନ୍ତି।

ବ୍ୟକ୍ତିଗତ ଜୀବନ ଦେଖିଲେ ମାରିଆ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି। ତାଙ୍କର ତିନିସନ୍ତାନ। ନିଜ ଦେଶରେ ଜୀବନ ପ୍ରତି ବିପଦ ଥିବାରୁ ପିଲାମାନେ ବିଦେଶରେ ଅଛନ୍ତି। ମାରିଆ ମାଚାଡୋ ଜଣେ କ୍ୟାଥୋଲିକ୍।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଶ୍ମୀରରେ ପୁରୁଣା ଚିନାର ଗଛଗୁଡ଼ିକର ସୁରକ୍ଷା ପାଇଁ ଏକ ଅଭିନବ ଉପାୟ ଆପଣାଇ ସେଠାକାର ବନ ବିଭାଗ ଗଛଗୁଡ଼ିକରେ କ୍ୟୁଆର୍ ଆଧାର ଟ୍ୟାଗ ଲଗାଇଛି। ବସନ୍ତଋତୁରେ ଏହି ଗଛର ସୌନ୍ଦର୍ଯ୍ୟ ଆକର୍ଷଣୀୟ। ଏହା ଭଲ ଛାଇ ଦେଇଥାଏ ଏବଂ ଏକ ପୂର୍ଣ୍ଣାଙ୍ଗ ଉଚ୍ଚତା ବିଶିଷ୍ଟ ଗଛ ଅର୍ଥାତ୍ ୩୦ମିଟର ଉଚ୍ଚ ଓ ୧୦ରୁ ୧୫ ମିଟର ଗୋଲେଇର ଗଣ୍ଡି ହେବା ଲାଗି ୧୫୦ ବର୍ଷ ଲାଗିଯାଏ। ଏହି ଗଛକୁ ସ୍ଥାନୀୟ ଅଞ୍ଚଳରେ ବୋଉନି ବୋଲି କୁହାଯାଏ, ଯାହା ସଂସ୍କୃତ ଶବ୍ଦ ଭୱାନି(ଦେବୀ)ରୁ ଆସିଛି। ଉଲ୍ଲେଖନୀୟ ଯେ, କଶ୍ମୀରୀରେ ମୋଗଲ ଓ ଡୋଗ୍ରା ରାଜତ୍ୱ ସମୟରେ ଏହି ସବୁ ଗଛ ଲଗାଯାଇଥିଲା। କୁହାଯାଏ, ଆକବର ମଧ୍ୟ ୧୨୦୦ ଚିନାର ଗଛ ଲଗାଇଥିଲେ। ହେଲେ ଏହାକୁ କାଟିବା ଯୋଗୁ ଗଛ ସଂଖ୍ୟା ଆଶାତୀତ ଭାବେ କମିଯାଇଛି। ୧୯୭୦ ମସିହା ସୁଦ୍ଧା ମୋଟ ଗଛ ସଂଖ୍ୟା ୪୨,୦୦୦ ଥିବାବେଳେ ଏବେ ତାହା ୧୭,୦୦୦ରୁ ୩୪,୦୦୦ ମଧ୍ୟରେ ରହିଛି। ତେବେ ବନ ବିଭାଗ ପାଖାପାଖି ୧୦,୦୦୦ ଗଛରେ କ୍ୟୁଆର୍ ଆଧାର ଲଗାଯିବା ପରେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୬

- ଲେବାନନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମିତ୍ତ ସିରିୟା, ଲେବାନନ ଓ ପାଲେଷ୍ଟାଇନ ପ୍ରତିନିଧିମାନେ ଏକ ନୂତନ ଉଦ୍ୟମର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି।
- ଭାରତ ଓ ମୋଜାମ୍ବିକ ମଧ୍ୟରେ ଏକ ଅର୍ଥନୈତିକ, ବୈଷୟିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।
- ବିହାରର ଜନୈକ ଏମ୍.ଏଲ୍.ଏ. ଶ୍ରୀ ଭୋଲା ସିଂହ କମ୍ୟୁନିଷ୍ଟ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦେଇଛନ୍ତି।

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | |
| | 6 | | 9 | | | 7 | 3 | |
| | | | | | 5 | | | 4 |
| | | | 5 | | | | 8 | |
| | | 2 | | 4 | 1 | | | 3 |
| | | 8 | | | | | 7 | |
| | 5 | | 3 | | | | | 8 |
| | 4 | | | 6 | | | | |
| | 3 | 9 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 4 | 8 | 6 | 1 | 9 | 2 |
| 9 | 4 | 8 | 3 | 1 | 2 | 5 | 6 | 7 |
| 1 | 6 | 2 | 9 | 7 | 5 | 4 | 8 | 3 |
| 5 | 3 | 1 | 6 | 4 | 9 | 2 | 7 | 8 |
| 4 | 7 | 9 | 8 | 2 | 3 | 6 | 5 | 1 |
| 8 | 2 | 6 | 7 | 5 | 1 | 3 | 4 | 9 |
| 6 | 8 | 5 | 2 | 3 | 7 | 9 | 1 | 4 |
| 2 | 1 | 4 | 5 | 9 | 8 | 7 | 3 | 6 |
| 3 | 9 | 7 | 1 | 6 | 4 | 8 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ଦୁର୍ଗାପୂଜା କାହିଁକି

ମହାଶୟ,
ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଓଡ଼ିଶାର ସର୍ବମୋଟ ଏକ ହଜାର ପଞ୍ଚାଅଶୀ ଗୋଟି ଦୁର୍ଗା ମେଢ଼କୁ କ, ଖ, ଓ ଗ ଶ୍ରେଣୀରେ ବିଭକ୍ତ କରି ଯଥାକ୍ରମେ ୧ ଲକ୍ଷ ୧ ହଜାର, ୭୫ହଜାର ଏବଂ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆମର କହିବାର କଥା କେବଳ ଦୁର୍ଗାମେଢ଼ କାହିଁକି? ଓଡ଼ିଶାର ଜଟଣୀ ଗଣେଶ ପୂଜା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ତଥା ଭଦ୍ରକ କାଳୀ ପୂଜା ଭାରତ ପ୍ରସିଦ୍ଧ। ଏହି ସବୁ ପୂଜା ଅନୁଷ୍ଠାନରୁ ଅନେକ ହୁଏତ ୧୦୦ ବର୍ଷ ପୂରଣ କରିସାରିଥିବେ। ସରକାର ଦୁର୍ଗାପୂଜା ବା ଦୁର୍ଗାମେଢ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଉପରୋକ୍ତ ପୂଜାଗୁଡ଼ିକୁ ଦିଅନ୍ତୁ। ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ।

– ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମ ଶୁଭାରମ୍ଭ

ମାଲକାନଗିରି, ୧୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦ ସଭା ଗୃହରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇଛି। ଏଠାରେ ୨୫୦ରୁ ଊର୍ଦ୍ଧ୍ୱ କୃଷି, ମତ୍ସ୍ୟ ଓ ପ୍ରାଣୀପାଳକଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪୨୦୦୦ କୋଟିରୁ ଊର୍ଦ୍ଧ୍ୱ ରାଶିରେ ଏହି ଯୋଜନାକୁ ଦେଶବାସୀଙ୍କୁ ସମର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଜିଲା କୃଷି ଅଧିକାରୀ ଦିଲ ରଞ୍ଜନ ମହାଲିକ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ. ଦେବୀପ୍ରସାଦ ଦାଶ, ଉପଖଣ୍ଡ ପ୍ରାଣୀ ଚକିତ୍ସାଧିକାରୀ ଡ. ରାଜେଶ କୁମାର କୁଅଁର, ଜିଲା ମତ୍ସ୍ୟାଧିକାରୀ ସୁଶାନ୍ତ ଗୌଡ, ଏମ୍ପିଙ୍କ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ସତ୍ୟସରଣ ପାଲ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ, ଯୋଜନା ବିକାଶ, ମାଲକାନଗିରି ଗୋଲକ ଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଡକାୟତି ମାମଲାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

## ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୪ ଲକ୍ଷ ଲୁଟ୍ ଘଟଣା

ପଡ଼ିଆ, ୧୧।୧୦
(ଭାସ୍କର ରାଓ)

ଏକ ଡକାୟତି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ମାଲକାନଗିରି ପଡ଼ିଆ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରବି ଦଳପତି ଓ ରବୀନ୍ଦ୍ର ଦଳପତି। ଉଭୟ ଓର୍କେଲ ଥାନା ଅଧୀନ ମହେଶ୍ୱରପୁର ଓ ଗୋପାଳପୁରର ବୋଲି ଜଣାପଡିଛି। ପ୍ରକାଶ ଯେ, ଗତବର୍ଷ ଉଣ୍ଡୁରୁକୋଣ୍ଡା ଜଙ୍ଗଲ ଦେଇ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ପ୍ରାୟ ୪ ଲକ୍ଷ ଟଙ୍କା ନେଇ କାଲିମେଳାସ୍ଥିତ କାର୍ଯ୍ୟାଳୟକୁ ଫେରୁଥିଲେ। ଏହି ସମୟରେ ସମୟରେ ଯୋଜନାବଦ୍ଧ ଭାବେ ଉକ୍ତ ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କ ସମେତ ଓର୍କେଲ ଥାନା ଅଧୀନ ମହେଶ୍ୱରପୁର, ଗୋପାଳପୁର କେତେଜଣ ଯୁବକ ମିଳିତ ଭାବେ ଛୁରୀ ଦେଖାଇ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଟଙ୍କା ନେଇ ଯାଇଥିଲେ। ଶୁକ୍ରବାର ପଡ଼ିଆ ପୋଲିସ ଉଭୟଙ୍କୁ ବାଲିମେଳା ଅଞ୍ଚଳରୁ ଗିରଫ କରିଥିଲା। ଶନିବାର ଅଭିଯୁକ୍ତମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ କୋର୍ଟ ଚାଲାଣ କରିଥିବା ପଡ଼ିଆ ଥାନାଧିକାରୀ ଡିଏସ୍‌ପି ରମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।



ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

# ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଡାକସେବକ ଗିରଫ

କୋରୁକୋଣ୍ଡା,୧୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ବାଲିମେଳା ସହରର ଦୈନିକ ବଜାରରେ ଥିବା ଏକ ପୂଜା ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଶୁକ୍ରବାର ଜବତ କରି ଜଣେ ଡାକ ସେବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲିମେଳା ସହରର ଦୈନିକ ବଜାରର ଜଣେ ବ୍ୟବସାୟୀ ତଥା ଡାଇକ-୩ ଅଞ୍ଚଳର ଗ୍ରାମୀଣ ଡାକ ସେବକ କେ.ପ୍ରଶାନ୍ତ କୁମାର ମହାପାତ୍ର। ସୂଚନାନୁଯାୟୀ, ଡାକ ସେବକ ପ୍ରଶାନ୍ତଙ୍କ ଦୈନିକ ବଜାରରେ ଏକ ପୂଜା ଦୋକାନ ରହିଛି। ସେ ବିନା ଲାଇସେନ୍ସରେ ଓ ବିଲରେ ବେଆଇନ ଭାବେ ତାଙ୍କ ଦୋକାନରେ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ଗୁଟଖା ରଖି ବିକ୍ରି କରୁଥିଲେ। ଦୈନିକ ସେଗୁଡିକୁ ବାଇକରେ ନେଇ ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ। ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାନ୍ତଙ୍କ ଦୋକାନ ଓ ଘରେ ଚଢ଼ାଉ କରିଥିଲେ। ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ଗୁଟଖା ଜବତ କରିଥିଲେ। ଜବତ ପ୍ରଶାନ୍ତଙ୍କ ପାଖରେ କୌଣସି ଲାଇସେନ୍ସ ଓ ଗୁଟ୍‌ଖାର ବିଲ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ଥାନାରେ ନଂ. ୨୭୨/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏସ୍‌ଆଇ ମନୋହର ସାହୁ ଘଟଣାର ତଦନ୍ତ ଜାରୀ ରଖିଥିବା ଥାନାଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଗୁଟ୍‌ଖା।

# ଦଳର ବିକାଶ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ




ବିଜେଡି ପକ୍ଷରୁ ପଦଯାତ୍ରା କରାଯାଉଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କୋରୁକୋଣ୍ଡା,୧୧।୧୦(ଶିବଦତ୍ତ ସାହୁ)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜେଡି ରାଜ୍ୟରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ତୃତୀୟ ଦିବସରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସଦର ମହକୁମାରେ ବିଜେଡି ବ୍ଲକ୍ ସଭାପତି ତ୍ରିଲୋଚନ ଚୌଧୁରୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ସହ ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି। ପୂର୍ବ ସରକାରଙ୍କ ସଫଳତା ଏବଂ ଭାଜପା ସରକାରର ବିଭିନ୍ନ ବିଫଳତା ନେଇ ଅବଗତ କରାଇଛନ୍ତି। ପୋଲାଭରମ ପ୍ରକଳ୍ପକୁ ନେଇ ସରକାରଙ୍କ ଦୋମୁହାଁ ନୀତି, ମହିଳାଙ୍କୁ ୫୦ହଜାର ଟଙ୍କା ଦେବାକୁ କହି ଭଣ୍ଡାଇବା, ପ୍ରତି ପରିବାରକୁ ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇବା ଆଦି ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶାବାସୀଙ୍କୁ ଭାଜପା ଠକୁଥିବା ନେତାମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ସର୍ବଦା ଆଗରେ ବୋଲି କୁହାଯାଇଛି। ଏହି ଅବସରରେ ବରିଷ୍ଠ ନେତା ଗୋପାଳ ପଣ୍ଡା,ଘନଶ୍ୟାମ ମାଡକାମୀ, ବିଜେଡି ଜିଲା ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ,ପୂର୍ବତନ ବ୍ଲକ୍ ସଭାପତି ସତ୍ୟ ପାଣିଗ୍ରାହୀ, ବଂଶୀଧର ମୁଦୁଲି,ଜିତୁ ବୁରୁଡି,ଲମ୍ବୋଦର ଡୁରୁକୁ,ସର୍ବ କୁମାର ବିଷୋୟୀ,ରାଜେନ୍ଦ୍ର କୁଲଦୀପ,ଉମା ଶଙ୍କର ସାହୁ ଓ ମାଧବ ସାବତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଇଓଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

ମାଲକାନଗିରି, ୧୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଶିକ୍ଷାଧିକାରୀ (ଡିଇଓ) ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଇଓଙ୍କ କାର୍ଯ୍ୟାଳୟରେ ଶନିବାର ମାଲକାନଗିରି ଜିଲା ସଦର ବ୍ଲକ ଶିକ୍ଷାଧିକାରୀ(ବିଇଓ) ରବୀନ୍ଦ୍ରନାଥ ଧରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଡିଇଓ ମଞ୍ଜୁଲତା ଭୋଇ, ମାଲକାନଗିରି ଏବିଇଓ ଗୌରାଙ୍ଗ ସଜନ ଓ ଅଶ୍ୱିନୀ କୁମାର ମାଝୀ ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥଇବା ବିଇଓ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦାୟୀ ବିଇଓ ଧରଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘ ୩୭ବର୍ଷ ଧରି ଶିକ୍ଷକଭାବେ କାର୍ଯ୍ୟକରିବା ପରେ ପଦୋନ୍ନତି ପାଇ ବିଇଓଭାବେ ଅବସର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ବନ୍ଧିତ କାର୍ଯ୍ୟ"।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।


ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର

# ନିର୍ମାଣକୁ ବିତିନି ବର୍ଷେ, ଏକଲବ୍ୟ ସ୍କୁଲ କାନ୍ଥରେ ଫାଟ



ବିଦ୍ୟାଳୟ କାନ୍ଥ ଫାଟି ଆଁ ହୋଇଛି।

ମାଥିଲି, ୧୧।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅଧୀନ ଦଳପତିଗୁଡା ପଞ୍ଚାୟତ ମେଣ୍ଟୁ କୁଲରେ ଆଦିବାସୀ ପିଲାଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏକଲବ୍ୟ ସ୍କୁଲ ନିର୍ମାଣ କରାଯାଇଛି। ନିର୍ମାଣକୁ ବର୍ଷେ ପୂରି ନ ଥିବା ବେଳେ ସ୍କୁଲ କାନ୍ଥ ଫାଟି ଆଁ କରିଛି। କାମ ଚାଲିଥିବା ବେଳେ ପ୍ରଶାସନିକ ଅଧିକାରୀ କାହିଁକି ଚୁପ୍ ଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର ଓ ପ୍ରଶାସନିକ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକାରେ ଠିକ୍‌ହୋଇ ନ ଥିବା ସ୍ଥାନୀୟ ଆଦିବାସୀ ନେତା ହଳଧର ପୂଜାରୀ କହିଛନ୍ତି। କାନ୍ଥରେ ଫାଟହୋଇ ପିଲାଙ୍କ ଉପରେ ପଡ଼ିଯିବା ସମ୍ଭାବନା ଥିବା କହିଛନ୍ତି। ଏଥିପ୍ରତି ପ୍ରଶାସନ ଧ୍ୟାନଦେଲେ ଛାତ୍ରୀଛାତ୍ରଙ୍କ ପ୍ରତି ସାହାଯ୍ୟ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଅଭିଯୁକ୍ତ ଗିରଫ

ବୈପାରୀଗୁଡା,୧୧।୧୦(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡା ପୋଲିସ୍ ପକ୍ଷରୁ ଏକ ଭ୍ୟାନ୍‌ରେ ଚୋରା ଚାଲାଣ କରାଯାଉଥିବା ଗଞ୍ଜେଇ ଜବତ କରି ୩ ଆନ୍ତଃ ରାଜ୍ୟ ମାଫିଆଙ୍କୁ ଶନିବାର ଗିରଫ କରାଯାଇଛି। ୩ ଅଭିଯୁକ୍ତ ହେଲେ ଉତ୍ତର ପ୍ରଦେଶର କ୍ରିନ୍ତା ସିଂ(୫୧), ହ୍ରିତିକ ଚୌହାନ(୨୨) ଓ ନବରଙ୍ଗପୁର ଜିଲା ରାଇଘର ଥାନା ଡୁମୁରିମୁଣ୍ଡାର ରାଜୁମଣ୍ଡଲ(୨୧)। ଥାନାଧିକାରୀ ଡମ୍ବରୁଧର ବାତ୍ରିଆଙ୍କ ସୂଚନା ଅନୁସାରେ, ଶୁକ୍ରବାର ଦଶମନ୍ତପୁର-ବୈପାରୀଗୁଡା ରାସ୍ତା କୁର୍ଲୁଗାଡ ଛକ ନିକଟରେ ଏକ ଭ୍ୟାନ୍(ନଂ.ସିଜି-୦୪ଜେସି -୬୭୬୪)କୁ ଯାଞ୍ଚ କରିବାରୁ ସେଥିରେ ମୋଟ୍ ୧ କୁଇଣ୍ଟାଲ ୫୭ କିଲୋ ୮ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ୭ଟି ପଲିଥିନ୍ ପ୍ୟାକେଟ୍‌ରେ ଗଞ୍ଜେଇ ପ୍ୟାକ୍ ହୋଇଥିଲା। ଚାଲାଣରେ ବ୍ୟବହୃତ ଏକ ବାଇକ୍(ନଂ.ସିଜି୨୭ ଏଚ୍ ୭୬୦୩)କୁ ଜବତ କରାଯାଇଛି। ଗଞ୍ଜେଇ ମାଲକାନାଗିରି ଜିଲା କୁଡୁମୁଲୁଗୁମାରୁ ଉତ୍ତର ପ୍ରଦେଶ ଫତେପୁରଶିକ୍ରିକୁ ଚାଲାଣ କରାଯାଉଥିଲା। ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ କେସ ନଂ ୨୧୩/୨୫ରେ ମାମଲା ରୁଜୁ କରାଯାଇଛି।

# ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ

## ଓର୍କେଲ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

କୋରୁକୋଣ୍ଡା, ୧୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଓ ତା ଆଖ ପାଖ ଅଞ୍ଚଳରେ ବେଆଇନ ଗାଡ଼ି ଚାଳନା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ଶନିବାର ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ବାଲିମେଳା ସହରଠାରୁ ପ୍ରାୟ ୫ କିମି ଦୂର ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ଗାଡି ମୋଟର ଯାଞ୍ଚ କରିଛି। ଚାଳକମାନଙ୍କ ଲାଇସେନ୍ସ, ହେଲ୍‌ମେଟ, ସିଟବେଲ୍ଟ, ଗାଡ଼ିର ଆବଶ୍ୟକ ହେଉଥିବା ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଯେଉଁ ବାଇକ ଆରୋହୀମାନେ ହେଲମେଟ ପିନ୍ଧି ନ ଥିଲେ ଓ ସିଟ୍ ବେଲ୍ଟ ଦେଇ ନ ଥିଲେ ସେମାନଙ୍କୁ ବିଭିନ୍ନ ନିୟମ ସମ୍ପର୍କରେ ବୁଝାଯାଇଥିଲା। ସବୁବେଳେ ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ ଦିଆଯାଇଥିଲା।



ଓର୍କେଲ ଥାନା ପୋଲିସ ଜଣେ ବାଇକ ଚାଳକଙ୍କୁ ଯାଞ୍ଚ କରୁଛି।

**GOVERNMENT OF ODISHA** No.O-865

**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**

E-mail : ruralworksdivisioniimalkangiri@yahoo.in

INVITATION FOR BIDS

**NATIONAL COMPETITIVE BIDDING**

**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ONLINE_07 of 2025-26** | **13.10.2025 at 11.00 AM** | **24.10.2025 up to 05.30 PM** | **23.10.2025 up to 3.00 P.M.** | **27.10.2025 up to 11.00 A.M.** |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**Rural Works Division-II, Malkangiri**
**OIPR-25079/11/0033/2526**

**GOVERNMENT OF ODISHA** No.O-963

**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

E_Mail : eerw_kuchinda@yahoo.com

**"e" Procurement Notice for Roads Works**

**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| **Superintending Engineer, Rural Works Division, Kuchinda** | **Tender online - 04/RWD/KCD** | **15.10.2025 at 11 A.M.** | **23.10.2025 at 5.00 P.M.** | **22.10.2025 at 5.00 A.M.** | **24.10.2025 at 11.00 A.M.** | **To be Intimated Later** |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

**Sd./- Superintending Engineer**
**Rural Works Division**
**Kuchinda**
**OIPR-25151/11/0029/2526**

**GOVERNMENT OF ODISHA** No.O-951

**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

**e-Procurement for Building works**

**Bid Identification No. : EERWJYP - Online - 06/2025-26**

**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| **Executive Engineer, R.W. Division, Jeypore** | **Online Tender - 06/ RWD-JYP/2025-26** | **05 Nos.** | **13.10.2025 at 10.00 A.M.** | **23.10.2025 upto 05.00 P.M.** | **22.10.2025 at 1.30 P.M.** | **24.10.2025 at 10.00 A.M.** |

**For details can be seen from the website www.tendersodisha.gov.in/nicgep/app**
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

**Sd./- Executive Engineer**
**Rural Works Division, Jeypore**
**OIPR-25160/11/0024/2526**

**OFFICE OF THE CHIEF CONSTRUCTION ENGINEER** No.O-942
**RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

**"e" Procurement Notice for Road Work**

**Identification No.- Online Tender- Road N.C.B. No.392 for 2025-26.**

**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

**Sd./- Chief Construction Engineer,**
**R.W. Circle, Baripada**
**OIPR-25130/11/0058/2526**

**GOVERNMENT OF ODISHA** No.O-920

**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**

Email : rw_balliguda@yahoo.com

**GEPNIC e-Procurement Notice**

**Bid Identification No. : EERWBLG - Online - 04/2025-26**

**No. : 3561 / Date : 25.09.2025**

01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

**Sd./- Executive Engineer**
**Rural Works Division, Balliguda**
**OIPR-25150/11/0008/2526**

# ଆଭାସି ମାଧ୍ୟମରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ରାୟଗଡ଼ା,୧୧।୧୦(ଆଶିଷ ରଞ୍ଜନ ପଣ୍ଡା)

କୃଷି ଓ କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ ଆଭାସି ମାଧ୍ୟମରେ ହୋଇଯାଇଛି। ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସି ମାଧ୍ୟମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ରାଜ୍ୟସ୍ତରୀୟ ସମାରୋହର ରୂପରେଖ ଭୁବନେଶ୍ୱରସ୍ଥିତ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ସୁଧୀର ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.କେ ଏହେସାନ, ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାଷୀମାନଙ୍କୁ ଏହି ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅବଗତ କରାଇଥିଲେ। ଭାରତରେ ୧୦୦ଟି ଜିଲାରେ କୃଷକମାନଙ୍କର ଡାଲି ଜାତୀୟ ଫସଲର ଆତ୍ମନିର୍ଭରଶୀଳ କରାଇବା ପାଇଁ ଏହି ଯୋଜନାର ଶୁଭାରମ୍ଭ ଓ ଏହାର ଲକ୍ଷ୍ୟ ବିଷୟରେ ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ଓଡ଼ିଶାରେ ନୂଆପଡ଼ା,ମାଲକାନଗିରି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହେବା ବିଷୟରେ କୃଷକମାନଙ୍କୁ ଅବଗତ କରାଯାଇଥିଲା। ରାୟଗଡ଼ା ଜିଲାରେ ୧୧ଟି ବ୍ଲକରେ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଏହି ଯୋଜନା ବିଷୟରେ ଜାଣିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମସ୍ତ କ୍ଷେତ୍ର କର୍ମଚାରୀ, ଆତ୍ମାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅତିଥିମାନେ।

# ଯୁବକ ଗିରଫ, କୋର୍ଟଚାଲାଣ

ରାୟଗଡ଼ା,୧୧।୧୦(ଆଶିଷ ରଞ୍ଜନ ପଣ୍ଡା)

**ସୋସିଆଲ ମିଡିଆର ଅତିରିକ୍ତ ଜିଲାପାଳଙ୍କୁ ବଳି ଧମକ, ଚରିତ୍ର ସଂହାର ମାମଲା**

ଅତିରିକ୍ତ ଜିଲାପାଳ, ପୂର୍ବତନ ଜିଲାପାଳ, ସହକାରୀ କଲେକ୍ଟର ଓ ଅନ୍ୟ ମହିଳା ସରକାରୀ କର୍ମଚାରୀଙ୍କ ନାମରେ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ଲେଖିବା ସହିତ ଅଶାଳୀନ ଭାଷା ବ୍ୟବହାର ମାମଲାରେ ରାୟଗଡ଼ା ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦୀପକ ପାଢ଼ୀ।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ାରେ କାର୍ଯ୍ୟରତ ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁରଙ୍କ ନାମରେ କିଛି ମାସ ଧରି ଦୀପକ ଫେସବୁକ୍‌ରେ ବିଭିନ୍ନ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିଲେ। ଏହାସହ ବିଭାଗର ଜଣେ ମହିଳା କର୍ମଚାରୀ ଓ ସହକାରୀ କଲେକ୍ଟରଙ୍କ ନାମ ଯୋଡ଼ି ଅଶାଳନୀ ଶବ୍ଦ ଲେଖିଥିଲେ। ଅତିରିକ୍ତ ଜିଲାପାଳ କହଁରଙ୍କୁ ବକାସୁର, ଭଣ୍ଡାସୁର ବୋଲି ଲେଖିବା ସହିତ ପୂର୍ବତନ ଜିଲାପାଳ ପାରୁଲ ପଟାୱରିଙ୍କ ନାମରେ ମଧ୍ୟ ଖରାପ ମନ୍ତବ୍ୟ ଦେଇଥିଲେ। ଏଭଳିକି ଅତିରିକ୍ତ ଜିଲାପାଳ କହଁରଙ୍କୁ ମାଆଙ୍କ ନିକଟରେ ବଳି ଦିଆଯିବ ବୋଲି ସୋସିଆଲ ମିଡିଆରେ ଦୀପକ ଲେଖିଥିଲେ। ସେ ସମସ୍ତଙ୍କର ଚରିତ୍ର ସଂହାର କରିଥିବା ଏବଂ ଜାତିଆଣ ଆକ୍ଷେପ କରିଥିବା ନେଇ ଅତିରିକ୍ତ ଜିଲାପାଳ କହଁର ସେପ୍ଟେମ୍ବର ୨୬ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା କେସ ନଂ ୩୬୧/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ଭିତିରେ ଦୀପକଙ୍କୁ ପୋଲିସ ଗିରଫ କରିଥିବା ଆଇଆଇସି ବେହେରା ସୂଚନା ଦେଇଛନ୍ତି। ଦୀପକଙ୍କ ନାଁରେ ବିଏନଏସ ୨୯୬/୩୫୧(୨)(୩)/୩୫୬(୨)/୭୮/୭୯ ସମେତ ଅନୁସୂଚିତ ଜନଜାତି ଓ ଜାତି ସୁରକ୍ଷା ଆଇନ ମଧ୍ୟ ଲାଗିଛି। ତେବେ ସୋସିଆଲ ମିଡ଼ିଆରେ ଦୀପକ ଅତିରିକ୍ତ ଜିଲାପାଳ କହଁରଙ୍କୁ ଧମକ ଦେବା ପରେ କହଁର ପୋଲିସରେ ଏତଲା ଦେବା ସହିତ ନିଜର ସୁରକ୍ଷା ପାଇଁ ପୋଲିସକୁ ଲିଖିତ ଅନୁରୋଧ କରିଥିବା ଜଣାପଡ଼ିଛି।

# ପରିବେଶ ସ୍ୱଚ୍ଛତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

ପଦ୍ମପୁର, ୧୧।୧୦
(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶନିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମେଡିକାଲ ପରିସର ସଫା କରିଥିଲେ। ଏହାପରେ ପଦ୍ମପୁର ସିନେମା ହଲ୍ ଛକରୁ ମଲ୍ଲିକେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫା କରାଯାଇଥିଲା। ଏହି ସମୟରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ବାସିନ୍ଦାଙ୍କୁ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ରାୟଗଡ଼ା ଜିଲା ପ୍ରମୁଖ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଓ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଓ ପଦ୍ମପୁରବାସୀ ସାମିଲ ହୋଇଥିଲେ।

# ୧୭୭ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଗୁଡାରି, ୧୧।୧୦
(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ ଅଧୀନ ସର୍ଗିଗୁଡ଼ା ନିକଟରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ପୋଲିସ ୧୭୭ କିଲୋ ଗଞ୍ଜେଇ ଜବତ କରିଛି। ରାୟଗଡ଼ା ଏସପି ସ୍ୱାଥୀ ଏସ୍. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ବୀରେନ୍ଦ୍ର ରାୟ ଚଢ଼ାଉ କରି ଏହି ଗଞ୍ଜେଇ ଜବତ କରିଥିଲେ। ଘଟଣାରେ ସମ୍ପୃକ୍ତ ଗୁଡାରି ଥାନା ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଗୁଡାରି ଥାନାରେ କେସ୍ ନମ୍ବର ୧୦୭/୨୫ରେ ଏକ ମାମଲା ରୁଜୁ ହୋଇଛି। ଗୁଡାରି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣା ସ୍ଥଳରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଇନ୍ସପେକ୍ଟର ସଞ୍ଜୟ ଛତ୍ର ଏହି କେଶର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ରବିବାର ଗିରଫ ବ୍ୟକ୍ତିଙ୍କୁ ଗୁଣୁପୁର ଅଦାଲତ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶଯେ, ସେପ୍ଟେମ୍ବର ୨୩ରେ ସ୍ଥାନୀୟ ପୋଲିସ ଜଳନିଧି ଗ୍ରାମ ନିକଟରୁ ଏକ ବୋଲେରୋ ଗାଡି ସହ ୧୭୮ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ।


ଘଟଣାସ୍ଥଳରେ ମାଜିଷ୍ଟ୍ରେଟଙ୍କ ସହ, ପୋଲିସ ଓ ଗିରଫ ବ୍ୟକ୍ତି।

# ଜମୁଛି ଗଜଲକ୍ଷ୍ମୀ ପୂଜା, ମଣ୍ଡପ ବୁଲିଲେ ଉପଜିଲାପାଳ

ଗୁଣପୁର, ୧୧।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସହର ଉତ୍ସବ ମୁଖର ହୋଇପଡିଛି। ମା' ଙ୍କ ପୂଜା ଶନିବାର ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ସହରର ୩ ପୂଜା ମଣ୍ଡପରେ ଭକ୍ତଙ୍କ ଗହଳ ଚହଳ ଲାଗିଛି। ବ୍ଲକ୍ ଅଫିସ୍ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପୂଜା ପାଉଥିବା ମା ଗଜଲକ୍ଷ୍ମୀ ପୂଜା ୯ ଦିନ ଧରି ଚାଲିବ। ସେହିପରି ଷ୍ଟେସନ ରୋଡ୍ ଏବଂ ବିବିଏନ୍ ପୂଜା କମିଟି ପକ୍ଷରୁ ୭ ଦିନ ପୂଜା ଆୟୋଜିତ ହୋଇଛି। ପୂଜା ମଣ୍ଡପଗୁଡିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଉପଜିଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ ଏବଂ ତାଙ୍କ ସ୍ତ୍ରୀ ପୂଜା ମଣ୍ଡପ ବୁଲି ଦେଖିଥିଲେ। ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଆୟୋଜିତ ହେଉଥିବା ପୂଜାରେ ମୀନାବଜାର ପାଇଁ ଭକ୍ତଙ୍କ ଭିଡ଼ ଜମିବାରେ ଲାଗିଛି। ପୂଜା ମଣ୍ଡପରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ଶନିବାର ରାତିରେ ଜୟପୁରର କୋରାପୁଟିଆ ଟ୍ୟୁନ ମେଲୋଡି ହୋଇଥିଲା। ମା ଙ୍କ ପୂଜା ପାଇଁ ସହର ଉତ୍ସବମୟ ହୋଇପଡ଼ିଛି। ଆକର୍ଷଣୀୟ ତୋରଣ ସହ ରଙ୍ଗୀନ ଆଲୋକ ମାଳାରେ ପୂଜା ମଣ୍ଡପ ଝଲସି ଉଠୁଛି। ଶାନ୍ତି ଶୃଙ୍ଖଳା ପାଇଁ ମଣ୍ଡପଗୁଡିକରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।


ଜାଗୃତି ସାଂସ୍କୃତିକ ସଙ୍ଗଠନର ପୂଜା ମଣ୍ଡପରେ ଗୁଣପୁର ଉପଜିଲାପାଳ ।

**୧୦ ଦିନରେ ତୃତୀୟ ଘଟଣା**

# ନାଗାବଳୀ ନଦୀରେ ଭାସି ବୃଦ୍ଧ ନିଖୋଜ

ରାୟଗଡା,୧୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ନାଗାବଳି ନଦୀରେ ଭାସି ଜଣେ ବୃଦ୍ଧ ନିଖୋଜ ଅଛନ୍ତି । ସେ ହେଲେ ରାୟଗଡ଼ା ଜିଲା ମାଲିଗାଁର ପେଣ୍ଟେୟା ଜିଲାକାରା(୭୦)। ସୂଚନାନୁଯାୟୀ, ପେଣ୍ଟୟା ଶୁକ୍ରବାର ସନ୍ଧ୍ୟାରେ ମଇଁଷି ଚରାଇବାକୁ ଯାଇଥିଲେ। ମଇଁଷି ଦଳ ନଦୀ ଭିତରକୁ ଯିବାରୁ ସେ ମଧ ନଦୀ ଭିତରକୁ ଯାଇ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏ ନେଇ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇ ଖୋଜାଖୋଜି କରିଥିଲେ । ଶନିବାର ପୁଣି ଅଗ୍ନିଶମ ବିଭାଗ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଖୋଜ ପେଣ୍ଟୟାଙ୍କୁ ଖୋଜିଥିବା ବେଳେ ପତ୍ତା ମିଳିପାରିନ ଥିଲା। ୧୦ ଦିନ ମଧ୍ୟରେ ଏହା ୩ ୟ ଘଟଣା। ୨ ଦିନ ତଳେ ମଧ ରାୟଗଡା ସଦର ବ୍ଲକ ଗୁରୁମଗୁଡା ଗ୍ରାମର ଜଣେ ଯୁବକ ନାଗାବଳୀ ନଦୀରେ ଭାସି ନିଖୋଜ ହୋଇଥିଲେ। ଏଯାଏ ତାଙ୍କର କୌଣସି ସୂଚନା ମିଳିନାହିଁ। ଗତ ୨ ତାରିଖରେ ଜିଲାରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବଢ଼ିଛି। ସପ୍ତାହେ ତଳେ କୋତାପେଟା ଗ୍ରାମର ସୀମାଦ୍ରୀ ମିଣିଆକା ନାମକ ଯୁବକଙ୍କ ନାଗାବଳୀ ନଦୀରେ ବୁଡ଼ି ମୃତ୍ୟୁ ହୋଇଥିଲା।

# ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

କଲ୍ୟାଣସିଂହପୁର, ୧୧।୧୦
(ଦୀପକ୍ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇରେ ଶୁକ୍ରବାର ବିଳମ୍ବିତ ରାତିରେ ୨ ବାଇକ୍ ମୁହାଁମୁହିଁ ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ଅଛନ୍ତି। ମୃତକ ହେଲେ ଶିକରପାଇ ପଞ୍ଚାୟତ ଅଧୀନ ଡଙ୍ଗରିଆ ସାହି ନିବାସୀ ନିରୋଞ୍ଜନ ମିଣିଆକା (୨୫)। ୨ ଗୁରୁତରମାନଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରାୟଗଡ଼ାରେ ଚିକିତ୍ସିତ ହେଉଥିବା ଯୁବକ ଜଣଙ୍କ ନାରାୟଣପୁର ପଞ୍ଚାୟତ ଅଧୀନ କୁସମସିଲା ଗାଁର ନବୀନ ତିଆକ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଗ୍ରସ୍ତ ଗାଡ଼ି (ଓଡ଼ି-୧୮ଏନ୍-୦୮୭୩) ଓ (ଓଡ଼ି-୧୮ଏଟ୍-୦୩୪୮)କୁ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଦୁର୍ଗମ ଅଞ୍ଚଳରେ ଗମନାଗମନକୁ ସହଜ କରୁଛି ପିଏମ୍ ଜନମନ

ରାୟଗଡ଼ା,୧୧।୧୦(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ ଜନମନ୍) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତେଲଗୁଡୁରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ଯୋଗୁ ପ୍ରଥମଥର ପାଇଁ ସ୍ଥାନୀୟ ଲୋକଙ୍କୁ ନିରାପଦ ଓ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି। ଫଳରେ ସେମାନଙ୍କ ଜୀବନଯାପନରେ ଉନ୍ନତି ଦେଖାଦେଇଛି।

ରାୟଗଡ଼ା ଜିଲାରେ ଗତ ମେ ୩୦ ତାରିଖରେ ଶେଷ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁ ତେଲଗୁଡୁ ଗାଁରୁ ୨.୫ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି। ପୂର୍ବରୁ ଏହି ଗ୍ରାମକୁ ଯିବା ପାଇଁ ଏକମାତ୍ର ରାସ୍ତା କାଦୁଅ ଓ ବିପଦପୂର୍ଣ୍ଣ ଥିବାରୁ ବର୍ଷା ଋତୁରେ ଗ୍ରାମବାସୀମାନେ ବିଚ୍ଛିନ୍ନ ହୋଇ ରହୁଥିଲେ। ପିଲାମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଥିଲେ। ଚାଷୀମାନେ ଉଚିତ ସମୟରେ ସେମାନଙ୍କର ଫସଲ ବିକ୍ରି କରିପାରୁ ନଥିଲେ। ଯୋଗାଯୋଗ ଅଭାବରୁ ଜରୁରୀକାଳୀନ ଚିକିତ୍ସା ମଧ୍ୟ ମିଳିପାରୁନଥିଲା। ଏହି ରାସ୍ତା ନିର୍ମାଣ ପରେ ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଏହି ନୂତନ ରାସ୍ତା ଯୋଗୁ ବର୍ଷସାରା ଗାଁକୁ ଯାତାୟତ ସୁବିଧା ହେବ। ସ୍କୁଲରେ ପିଲାଙ୍କ ଉପସ୍ଥାନରେ ଉନ୍ନତି ଆସିବ, ଗର୍ଭବତୀଙ୍କୁ ଏବେ ସୁରକ୍ଷିତଭାବେ ଡାକ୍ତରଖାନାକୁ ନେଇ ହେବ ବୋଲି ଆଶା ପ୍ରକାଶ ପାଇଛି। ଗ୍ରାମବାସୀ ନିକଟସ୍ଥ ବଜାର ଓ ସରକାରୀ କାର୍ଯ୍ୟାଳୟକୁ ସହଜରେ ଯା ଆସ କରିପାରିବେ। ଚାଷୀମାନେ ଏବେ ପନିପରିବା, ଧାନ ଓ ଜଙ୍ଗଲଜାତ ଦ୍ରବ୍ୟକୁ ଗୁଣୁପୁର ମଣ୍ଡିକୁ ନେଇ ପାରିବେ। ଏହାଦ୍ୱାରା ସେମାନଙ୍କର ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ। ଏହି ପ୍ରକଳ୍ପ ଅଧିନରେ ରାସ୍ତାକୁ ଦୀର୍ଘସ୍ଥାୟୀ ଏବଂ ସୁରକ୍ଷିତ ରଖିବା ପାଇଁ ଚାରାରୋପଣ ସହ ଉପଯୁକ୍ତ ଜଳ ନିଷ୍କାସନ ଭଳି ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରାଯାଇଛି। ଏହି ରାସ୍ତା ପିଲାମାନଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତର ଦ୍ୱାର ଖୋଲିଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ଆଦିବାସୀ ଓ ଗରୀବ ସମ୍ପ୍ରଦାୟଙ୍କ ଜୀବନରେ ଏକ ଉଲ୍ଲେଖନୀୟ ଉନ୍ନତି ଆଣିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ କ୍ଷେତ୍ରସ୍ତରୀୟ ତଦାରଖ, ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଯୋଗୁ ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହୋଇଛି। ଲୋକଙ୍କ ଦୀର୍ଘକାଳୀନ ସ୍ୱପ୍ନ ବାସ୍ତବରେ ରୂପାନ୍ତରିତ ହୋଇଛି।


ତେଲଗୁଡୁରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା।

# ଅବହେଳିତ ଗାଁ ମୁନୁଷପଦର

- ଗାଁରେ ନାହିଁ ବିଦ୍ୟୁତ୍ ସଂଯୋଗ
- ପାନୀୟ ଜଳ ପାଇଁ ଝରଣା ପାଣି ଭରସା
- ରାସ୍ତା ନ ଥିବାରୁ ସ୍କୁଲ, ପଞ୍ଚାୟତ ଅଫିସକୁ ଯିବା କଷ୍ଟକର

ଟିକିରି, ୧୧।୧୦(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲାରେ ସରକାର ଗାଁକୁ ବିକାଶ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏବେ ମଧ ଅନେକ ଗାଁରେ ବିକାଶ ଅପହଞ୍ଚ। ଏଭଳି ଏକ ଗ୍ରାମ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନାନାଦି ଯୋଜନା କରି ଆଦିବାସୀଙ୍କ ଜୀବନ ଧାରାରେ ବଡ଼ ପରିବର୍ତ୍ତନ ଆଣିଥିବା କଥା କହୁଛନ୍ତି। କିନ୍ତୁ ଏଠାରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏବେବି ଅନେକ ଆଦିବାସୀ ବହୁଳ ଗାଁର ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣି ନାହାନ୍ତି। ଗ୍ରାମବାସୀ ରାସ୍ତା, ପାନୀୟ ଜଳ, ବିଜୁଳି, ଓ ଉତ୍ତମ ସ୍ୱାସ୍ଥ୍ୟସେବାଠାରୁ ଦୂରରେ। ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପାଖରେ ସମସ୍ୟା ଜଣାଇଲେ ମଧ କିନ୍ତୁ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସବୁଜିମା ଭରା ଘଞ୍ଚଜଙ୍ଗଲ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଛନ୍ତି ୪୦ ରୁ ୫୦ ଘରର ଆଦିବାସୀ ଜନଜାତି। କିନ୍ତୁ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ମିଳିନାହିଁ। ସୋଲାର ମାଧ୍ୟମରେ ବିଜୁଳିର ବ୍ୟବସ୍ଥା। ପିଇବାପାଣି ପାଇଁ ଗୋଟିଏ ଝରଣା ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ତାହାପୁଣି କାଦୁଅପଙ୍କ ପାଣି। ଦୂଷିତ ପାଣି ପିଇ ଏହି ମୁନୁଷପଦର ଗାଁରୁ ପୂର୍ବରେ ଡିପ୍ଥେରିଆ ରୋଗ ରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଖବର ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ଥିଲା। ଏହାପରେ ଗ୍ରାମକୁ ବିଭିନ୍ନ ଦଳର ରାଜନେତାଙ୍କ ସହ ସରକାରୀ ଅଧିକାରୀ ପହଞ୍ଚି ଗ୍ରାମକୁ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏଯାବତ୍ ପୂରଣ ହୋଇନି। ଶିକ୍ଷୟିତ୍ରୀ ଶିକ୍ଷକ ଜଙ୍ଗଲ ରାସ୍ତା ଦେଇ ପାଖାପାଖି ୪ କି.ମି. ଚାଲିକି ସ୍କୁଲକୁ ଯାଉଛନ୍ତି। ପଥୁରିଆ ରାସ୍ତା ଯୋଗୁଁ ବୟସ୍କମାନେ ବାର୍ଦ୍ଧକ୍ୟ ଭତା ପାଇଁ ଅନେକ କଷ୍ଟ କରି ପଞ୍ଚାୟତରେ ପହଞ୍ଚିଥିବା ଗ୍ରାମବାସୀ କହିଛନ୍ତି। ସରକାର ଦେଉଥିବା ପିଡିଏସ୍ ଚାଉଳ ପାଇଁ ଘାଟିପାର କରି ଡଙ୍ଗାସିଲ ପଞ୍ଚାୟତ ଯିବାକୁ ପଡୁଛି। ଗାଁ ସମସ୍ୟା ନେଇ କାଶୀପୁର ବିଡିଓ ବିଜୟ କୁମାର ସୋଏଙ୍କୁ ପଚାରିବାରୁ ଏ ନେଇ ଅବଗତ ରହିଛି। ବିଲ୍ ପାସ୍ ହେଲେ ରାସ୍ତା କାମ ଆରମ୍ଭ ହେବ ବୋଲି କହିଛନ୍ତି।


ଜଣେ ମହିଳା ପାଣି ସଂଗ୍ରହ କରୁଛନ୍ତି।


ଗାଁକୁ ସଂଯୋଗ କରୁଥିବା ରାସ୍ତା।

## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା, ଜଣେ ମୃତ

ଜୟପୁର,୧୧।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଉମୁରି ଏଫ୍‌ସିଆଇ ଗୋଦାମ ନିକଟରେ କାର ଓ ବାଇକ୍ ଧକ୍କା ହୋଇ ଶନିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡମଣ୍ଡା ପଦର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୁଅ ଧନପତି(୨୨)। ସୂଚନାନୁଯାୟୀ, ଶନିବାର ଏକ କାର୍ ଜୟପୁର ଅଭିମୁଖେ ଆସୁଥିବା ବେଳେ ଆମ୍ବାଗୁଡ଼ା ଯାଉଥିବା ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଧନପତିଙ୍କ ମୃତ୍ୟୁ ହୋଇଥିଲା। ଜୟପୁର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସଦର ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ଜଳିଗଲା କାର୍, ଅଳ୍ପକେ ବର୍ତ୍ତିଲେ ୩ ବ୍ୟକ୍ତି

ଲମତାପୁଟ/ନନ୍ଦପୁର, ୧୧।୧୦
(ଭକ୍ତରାମ ବାଙ୍କିଆ/ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଲମତାପୁଟସ୍ଥିତ ଏକ ଘରୋଇ ହସ୍ପିଟାଲ ବାହାରେ ଏକ କାର ଜଳିଯାଇଥିବା ବେଳେ ଏଥିରେ ଶୋଇଥିବା ୩ ବ୍ୟକ୍ତି ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ନନ୍ଦପୁର ବାହିରିପଡ଼ାର ସାବିତ୍ରୀ ମାଛଙ୍କୁ ତାଙ୍କ ସମ୍ପର୍କୀୟ ସୁରେନ୍ଦ୍ର ଖେମୁଣ୍ଡୁ, ଡ୍ରାଇଭର ଦିପୁ ବାହାଦୁର ଓ ହେମନ୍ତ ଖରା ଚିକିତ୍ସା ପାଇଁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତିତମାମ ଚିକିତ୍ସାଳୟରେ ରୋଗୀଙ୍କୁ ଜଗିଥିବାରୁ ବିଶ୍ରାମ ନେବାକୁ ଯାଇଥିଲେ। ଭୋର ସମୟରେ ଥଣ୍ଡା ଅନୁଭୂତ ହେବାରୁ କାର ଭିତରେ ହିଟର ଲଗାଇ ଶୋଇପଡ଼ିଥିଲେ। ଦୀର୍ଘ ସମୟ ହିଟର ଲାଗିଥିବାରୁ ସର୍ଟ ସର୍କିଟ ହୋଇ କାରରେ ନିଆଁ ଲାଗିଯାଇଥିଲା। ଗାଡି ଭିତରେ ଶୋଇଥିବା ୩ ବ୍ୟକ୍ତି ଅତ୍ୟାଧିକ ଗରମ ହେବାରୁ ଗାଡ଼ିରେ ନିଆଁ ଲାଗିଥିବା ଜାଣି ବାହାରକୁ ବାହାରି ପଡ଼ିଥିଲେ। କିନ୍ତୁ କାର ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଡାକ୍ତରଖାନା ପରିସରରେ ଏଭଳି ଘଟଣା ଘଟିଥିବାରୁ ବାହାରେ ଥିବା ରୋଗୀମାନଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇଯାଇଥିଲେ। ପରେ ମେଡିକାଲ କର୍ମଚାରୀ,ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଲମତାପୁଟ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ବିଳମ୍ବର ସତ୍ତ୍ୱେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏ ନେଇ ଗାଡ଼ି ମାଲିକ ଲମତାପୁଟ ଫାଣ୍ଡିରେ ସୂଚନା ଦେଇଛନ୍ତି।

### ଯୁବତୀ ନିଖୋଜ ଅଭିଯୋଗ

ଜୟପୁର,୧୧।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ କାଳିଆ ଗାଁର ଜଣେ ଯୁବତୀ ନିଖୋଜ ଥିବା ନେଇ ସ୍ଥାନୀୟ ସଦର ଥାନାରେ ଶନିବାର ଅଭିଯୋଗ ହୋଇଛି। ଯୁବତୀଙ୍କ ବୟସ ୧୯ ବର୍ଷ ବୋଲି ଜଣାପଡ଼ିଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତିକରି ସଦର ପୋଲିସ ୩୧/୨୫ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# କନ୍ୟାସନ୍ତାନଙ୍କ ଉନ୍ନତି, ସୁରକ୍ଷା ସୁସଭ୍ୟ ସମାଜର ମୂଳ ଆଧାର

**ନବରଙ୍ଗପୁରରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ**

ନବରଙ୍ଗପୁର,୧୧।୧୦(ସଦାଶିବ ପ୍ରହରାଜ)


କୃତୀ ଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନୂଆ ଚେତନା, ନୂଆ ଭାବନା, ନୂଆ ସୃଜନର ଧ୍ୱଜାଧାରିଣୀ ଆମ ଝିଅ – ଝିଅଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଶିକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଓଡ଼ିଶା ସରକାର ଏହି ବିଷୟକୁ ନେଇ ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ- ୨୦୨୫ ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଦୂରଦର୍ଶନର ଖବରଦାତା ପ୍ରଭାତୀ ବିଷୋୟୀ ଯୋଗ ଦେଇଥିଲେ। ଅତିଥିମାନେ ଉକ୍ତ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରତିବର୍ଷ ଅକ୍ଟୋବର ୧୧ରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଏ। ଏହି ଦିନଟି କନ୍ୟାମାନଙ୍କର ଅଧିକାର, ସମ୍ମାନ ଓ ସମାନତା ନିମନ୍ତେ ସଚେତନତା ସୃଷ୍ଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କନ୍ୟା ସନ୍ତାନ ଜାତିର ଭବିଷ୍ୟତ, ସେମାନଙ୍କ ଉନ୍ନତି ଓ ସୁରକ୍ଷା ହେଉଛି ଏକ ସୁସଭ୍ୟ ସମାଜର ମୂଳ ଆଧାର। ଏବେ ମଧ କନ୍ୟା ସନ୍ତାନମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାର ଅଭାବ, ଶାରୀରିକ ଓ ମାନସିକ ନିର୍ଯାତନା, ଶିଶୁ ଶ୍ରମିକ ଆଦି ମୂଳ ସମସ୍ୟା। ଗ୍ରାମାଞ୍ଚଳ ହେଉ କି ସହର, କନ୍ୟାମାନଙ୍କୁ ଅନେକ ସମୟରେ ଅନ୍ୟାୟ ଓ ଅସମାନ ବ୍ୟବହାର ସହିବାକୁ ପଡ଼େ। ଏହାକୁ ରୋକିବାକୁ ସରକାର ଓ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। କନ୍ୟାଶିଶୁଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, କନ୍ୟା ଶିକ୍ଷା ଯୋଜନା ପ୍ରମୁଖ। ସମାଜ ଓ ପରିବାର ମଧରେ ମନୋଭାବ ପରିବର୍ତ୍ତନ ଅତ୍ୟାବଶ୍ୟକ। ସମାଜର ପ୍ରତ୍ୟେକ ସ୍ତରରେ ଯଦି କନ୍ୟାଶିଶୁଙ୍କୁ ସମ୍ମାନ, ସୁଯୋଗ ଓ ସମାନ ଅଧିକାର ଦିଆଯିବ, ତେବେ ନିଶ୍ଚିତ ଭାବେ ଆଗାମୀ ଭବିଷ୍ୟତ ଶକ୍ତିଶାଳୀ, ସୁନ୍ଦର ଓ ଦେଶ ପ୍ରଗତିଶୀଳ ହେବ ବୋଲି ମତ ପ୍ରକାଶ ପାଇଛି। କନ୍ୟା ହେଉଛି ଜୀବନର ସୌନ୍ଦର୍ଯ୍ୟ, ତାଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ହେଉଛି ଆମ ସଭିଙ୍କ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକର ସିଡିପିଓ, ସୁପରଭାଇଜର, କିଶୋରୀ, ୱାନ୍‌ଷ୍ଟପ ସେଣ୍ଟର କର୍ମଚାରୀ ଓ ଶକ୍ତି ସଦନ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମାଜରେ ନାରୀ ସଚେତନତା ଓ ସଶକ୍ତୀକରଣ ବାର୍ତ୍ତା ପ୍ରସାର କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ଶୁଭାରମ୍ଭ**

ନବରଙ୍ଗପୁର,୧୧।୧୦
(ସଦାଶିବ ପ୍ରହରାଜ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦୁଇଟି ନୂତନ ଯୋଜନା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ପାଇଁ ଜାତୀୟ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ନବରଙ୍ଗପୁରରେ ଏହାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା ଖାନ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ଼, ସିଡିଏଓ ସୁଧୀର ରଞ୍ଜନ ବେହେରା, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲାସ୍ତରୀୟ ଅଧିକାରୀ,ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, ଜଳ ସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ବିଭାଗ ପକ୍ଷରୁ ୧୫୦ ଜଣ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଚାଷୀମାନଙ୍କୁ ସମ୍ବୋଧିତକରି ଏହି ଯୋଜନା ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଚାଷୀମାନଙ୍କ ପାଇଁ ଥିବା ଅନ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଯୋଜନା ସବୁ କୃଷକଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏହା ଦେଶରେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଇଛି। ବର୍ତ୍ତମାନ ଓଡ଼ିଶାର ମାଲକାନଗିରି, କନ୍ଧମାଳ, ନୂଆପଡ଼ା, ସୁନ୍ଦରଗଡ଼ରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି।

### ଗଞ୍ଜେଇ ଚାଲାଣ, ଜଣେ ଗିରଫ

ଜୟପୁର,୧୧।୧୦(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ କେରଳର ବାଇଜୁ ଜେ(୪୮)। ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅଧୀନ ରେଳ ଷ୍ଟେଶନ ନିକଟରେ ଅବକାରୀ ଥାନା ଚଢାଉ କରି ଟ୍ରେନରେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ୪ କେଜି ଶହେ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ଖଣ୍ଡାରେ ଆକ୍ରମଣ, ୨ ଆହତ

ଜୟପୁର,୧୧।୧୦(ପବନ ପାଣିଗ୍ରାହୀ)

ଖଣ୍ଡା ଆକ୍ରମଣରେ ୨ଜଣ ଆହତ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଶନିବାର ଅଭିଯୋଗ ହୋଇଛି। ଏ ନେଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବେଢ଼ାସାହିର ମୋହନ ନାୟକ(୪୪)। ସୁଚନାନୁଯାୟୀ, ଜୟପୁର ସହର ବେଢ଼ା ସାହିର ମୋହନ ଶନିବାର ୫ ଫୁଟ ୭ ଇଞ୍ଚର ଖଣ୍ଡାରେ ସିମାଞ୍ଚଳ ଗନ୍ତାୟତ ଓ ଚିନ୍ମୟ ସାହୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଥିଲେ। ଏ ନେଇ ଟାଉନ ଥାନାରେ ୩୭୧/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କଠାରୁ ଖଣ୍ଡା ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଧାରୁଆ ଅସ୍ତ୍ର ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ନନ୍ଦାହାଣ୍ଡି/ନବରଙ୍ଗପୁର,୧୧।୧୦
(ପ୍ରତୀପ କୁମାର ଦାଶ/ସଦାଶିବ ପ୍ରହରାଜ)

**ପାରିବାରିକ କଳହରୁ ହତ୍ୟା ସନ୍ଦେହରେ ଭାଇଙ୍କୁ ଅଟକ ରଖିଛି ପୋଲିସ**

ଘରେ ଏକା ଶୋଇଥିଲେ ଯୁବକ। ବାହାରକୁ କାମ କରିବାକୁ ଯାଇଥିଲେ ସ୍ତ୍ରୀ। ହଠାତ୍ ଘରକୁ ଫେରି ଦେଖିବାବେଳକୁ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଘର ଭିତରେ ପଡ଼ିଛି। ଶନିବାର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ସିନ୍ଧିଗୁଡ଼ା ଗ୍ରାମର ଲବ ହରିଜନଙ୍କ ପୁଅ ଧନୁର୍ଯ୍ୟୟ।

ସୂଚନାନୁଯାୟୀ, ଧନୁର୍ଯ୍ୟୟ ଶନିବାର ଦ୍ୱିପ୍ରହରରେ ନିଜ ଘରେ ଶୋଇଥିଲେ। ତାଙ୍କ ସ୍ତ୍ରୀ କମଳି ବୂନ ମାରିବା ପାଇଁ ଗ୍ରାମର ଅନ୍ୟ ଜଣଙ୍କ ଘରକୁ ଯାଇଥିଲେ। ତେବେ କାମ ସାରି କମଳି ଘରକୁ ଫେରିବା ପରେ ଧନୁର୍ଜୟଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସହ ତାଙ୍କର ମୃତ୍ୟୁ ହୋଇଥିବା ଦେଖିଥିଲେ। ସ୍ୱାମୀଙ୍କ ମୃତଦେହ ଦେଖି କମଳି ପାଟି କରିବାକୁ ସାହି ପଡ଼ିଶା ଲୋକେ ସେଠାରେ ପହଞ୍ଚି ଥିଲେ। ଘଟଣା ସମ୍ପର୍କରେ ନବରଙ୍ଗପୁର ପୋଲିସକୁ ଖବର ଦିଆଯାଇଥିଲା। ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା, ଥାନାଧିକାରୀ ସମ୍ବିତ କୁମାର ବେହେରା, ଏଏସ୍‌ଆଇ ଗୁଣନିଧି ବାଘ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ୨ ଦିନ ପୂର୍ବରୁ ଧନୁର୍ଯ୍ୟୟଙ୍କ ନିଜ ଭାଇଙ୍କ ସହିତ କିଛି ଝଗଡ଼ା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଏବେ ମୃତକଙ୍କ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି। ଧନୁର୍ଯ୍ୟୟଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ତେବେ ପ୍ରାଥମିକ ତଦନ୍ତରୁ ପାରିବାରିକ କଳହରୁ ଏହିଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଥିବା ପୋଲିସ କହିଛି। ମୃତଦେହ ଜବତ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

# ଚନ୍ଦାହାଣ୍ଡିର ପ୍ରଥମ ମାଟ୍ରିକ ପାସ୍‌ଙ୍କୁ ସମ୍ବର୍ଦ୍ଧନା


ସନ୍ତୋଷ କୁମାର ଜଗତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଚନ୍ଦାହାଣ୍ଡି, ୧୧।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପୂଜାରୀଗୁଡ଼ାରେ ପ୍ରଧାନଶିକ୍ଷକ ବାବୁଧର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ କରାଯାଇଛି। ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଉପନିବନ୍ଧକ ସନ୍ତୋଷ କୁମାର ଜଗତଙ୍କୁ ଫୁଲତୋଡ଼ା ଉପ ଢୌକନ ଦେଇ ସମ୍ମାନିତ କରାଯାଇଛି। ଅଭାବ ଅସୁବିଧା ବୟସ୍କଙ୍କୁ ଅନାଦର, ଅଲୋଡ଼ା ଓ ଅବହେଳା ନକରି ସ୍ନେହ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ବ୍ଲକର ପ୍ରଥମ ମାଟ୍ରିକ୍ ପାସ ହୋଇ କେମିତି ଆଗକୁ ବଢିଥିଲେ ସେ ନେଇ ଜଗତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଭଲ ପାଠ ପଢି ସମାଜ ଦେଶ ଜାତି ପାଇଁ ଲଢ଼ିବାକୁ ସେ ପରାମର୍ଶ ଦେଇଥିଲେ। ଜୁନିଅର ରେଡ୍‌କ୍ରସ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଅର୍ଡିନେଟର ସନ୍ତୋଷ କୁମାର ଖମାରୀ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ବିଶି, ଶିକ୍ଷକ ମଧୁ ମେହେର, ପୁରୁଷୋତ୍ତମ ନାୟକ, ଗଜେନ୍ଦ୍ର ମାଝୀ, ଚନ୍ଦ୍ରମଣି ସାମଲ, ରାଜେନ୍ଦ୍ର ମାଝୀଙ୍କ ସମେତ ସହକର୍ମୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କୋଲାବ ନଦୀରେ ବୁଡି ମାଛଧରାଳି ମୃତ

କୁନ୍ଦୁରା,୧୧।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ନିକଟ କୋଲାବ ନଦୀରେ ବୁଡ଼ି ମାଛ ଧରାଳିଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆସନା ପଞ୍ଚାୟତ ଦୁରୁଗୁଡ଼ା ଗ୍ରାମର ସନା ଦୁରୁଆ(୧୯)। ସନା ପାଣିରେ ବୁଡ଼ିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିବା କୁନ୍ଦୁରା ଥାନା ତଦନ୍ତକାରୀ ଅଧିକାରୀ ସ୍ୱରୂପା ମଲ୍ଲିକ ସୂଚନା ଦେଇଛନ୍ତି। ଜଣେ ଦୁରୁଆ ଜନଜାତିର ୯ ବ୍ୟକ୍ତି ଯାଇଥିଲେ। ପାଣିରୁ ବାହାରିବା ସମୟରେ ଜଣେ ଅନୁପସ୍ଥିତ ଥିବାରୁ ଖୋଜାଖୋଜି କରାଯାଇଥିଲା। ସନା ବୁଡ଼ିଯାଇଥିବା ଦେଖି ଅନ୍ୟ ୮ ସହଯୋଗୀ ତାଙ୍କୁ କୂଳକୁ ଆଣିଥିଲେ। ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସନାଙ୍କ ସହ ଗ୍ରାମର ମଙ୍ଗୁଡୁ ଦୁରୁଆ, ମାଗୁ ଦୁରୁଆ,ଲକ୍ଷ୍ମଣ ଦୁରୁଆ, ଦଶମୁ ଦୁରୁଆ, ରାମକୃଷ୍ଣ ଦୁରୁଆ, ବିଶ୍ୱନାଥ ଦୁରୁଆ, ଲାଲୀ ଦୁରୁଆ ମାଛ ଧରିବାକୁ ଯାଇଥିଲେ। ରାତି ହୋଇ ଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# ଖୁଲମଖୁଲା ଚାଲିଛି ଖୁଡୁଖୁଡ଼ି, ସଟ୍ଟା ଖେଳ

ଚନ୍ଦାହାଣ୍ଡି, ୧୧।୧୦(ଦିଲୀପ ଦାସ)

**ଚଢ଼ାଉକରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ସଦର ସହ ଫଟକି, ଫଲସାପଡ଼ା, ପୂଜାରୀଗୁଡ଼ା, କୋଇଲିମୁଣ୍ଡା, ଫୁଣ୍ଡେଲପଡ଼ା ପ୍ରମୁଖ ଓ ଅନ୍ୟ ଗ୍ରାମରେ


ଚନ୍ଦାହାଣ୍ଡିରେ ଖୁଡୁଖୁଡ଼ି ଖେଳ ଚାଲିଛି।

ଖୁଲମ୍‌ଖୁଲା ଖୁଡୁଖୁଡ଼ି ଓ ଜୁଆଖେଳ ଚାଲିଥିବା ଅଭିଯୋଗ ହୋଇଛି। ଏବେ ପାର୍ବଣ ବେଳେ ମନୋରଞ୍ଜନ ପାଇଁ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଟକ, ନୃତ୍ୟ ପ୍ରତିଯୋଗିତା, ଘୁମୁରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହାର ଫାଇଦା ନେଇ କେତେଜଣ ବ୍ୟକ୍ତି ବିଶେଷ ରୋଜଗାରର ଏକ ମାଧ୍ୟମ ସଦୃଶ ଏହି ଖୁଡୁଖୁଡି ଓ ସଟ୍ଟା ଜୁଆଖେଳ ଖେଳୁଥିବା ସୂଚନା ମିଳିଛି। ପୋଲିସ ପାଟ୍ରୋଲିଂ କରି ଏହାକୁ ବନ୍ଦ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, କେବଳ ପାର୍ବଣ ସମୟରେ ନୁହେଁ, ଏହା ପୂର୍ବରୁ ମଧ ଏଠାରେ ଖୁଲମଖୁଲା ବିଟ୍ ରାସ୍ତାରେ ଏହି ଖୁଡୁଖୁଡ଼ି ଓ ଜୁଆଖେଳ ଚାଲିଆସୁଛି। ପ୍ରତି ସାପ୍ତାହିକ ହାଟରେ ଏବଂ ଯାନିଯାତ୍ରାରେ ବେଧଡ଼କ ଭାବରେ ଖୁଡୁଖୁଡି, ସଟ୍ଟା ଜୁଆଖେଳ ହେଉଛି। ବିଭିନ୍ନ ସମୟରେ ଏହାକୁ ନେଇ ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। କିନ୍ତୁ ଏବେ ମଧ ଏଥିରେ ରୋକ ଲଗାଯାଇପାରିନାହିଁ। ପୋଲିସର ନିଷ୍କ୍ରିୟତା ଯୋଗୁ ଏହି ଖୁଡୁଖୁଡି ଓ ସଟ୍ଟାଖେଳ ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏନେଇ ଥାନାଧିକାରୀ ଯୁଗଳ କିଶୋର ସାହୁଙ୍କୁ ଯୋଗାଯୋଗ କରିବାରୁ ଏଭଳି ଖେଳକୁ ପ୍ରଶ୍ରୟ ଦିଆଯିବ ନାହିଁ। ପାଟ୍ରୋଲିଂ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ଫସଲକୁ ଦାଉ ସାଧିଲା ଲଗାଣ ବର୍ଷା, ରୋଗପୋକ

**ଏକର ଏକର ଧାନ, ମକା ଫସଲ ନଷ୍ଟ: ଚିନ୍ତାରେ ଚାଷୀ**

ଚନ୍ଦାହାଣ୍ଡି, ୧୧।୧୦ (ଦିଲୀପ ଦାସ)


ନଷ୍ଟ ହୋଇଥିବା ଧାନ ଫସଲ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଚଳିତ ଖରିଫ ଋତୁରେ ଧାନ ଫସଲରେ ବିଭିନ୍ନ ପ୍ରକାର ରୋଗ ପୋକ ଲାଗି ଏକର ଏକର ଫସଲ ନଷ୍ଟ ହୋଇଯାଇଛି। ଏନେଇ ଅଞ୍ଚଳର ଚାଷୀ ଚିନ୍ତାରେ। ଚନ୍ଦାହାଣ୍ଡିରେ ସ୍ଥାୟୀ କୃଷି ଅଧିକାରୀ ନ ଥିବାରୁ ନବରଙ୍ଗପୁର ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

ପ୍ରକାଶ ଯେ, ଏହି ଅଞ୍ଚଳରେ ଲୋକେ ବିଶେଷଭାବେ ଖରିଫ ଧାନଚାଷ ଉପରେ ନିର୍ଭରଶୀଳ। କିନ୍ତୁ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ଉପରେ ଦାଉ ସାଧି ଥାଏ। ଜଳସେଚନ ବିହୀନ ଏହି ବ୍ଲକରେ ଗତ କିଛିବର୍ଷ ହେଲା ନିଅଣ୍ଟିଆ ଓ ଅନିୟମିତତା ବର୍ଷା ଯୋଗୁ ଚାଷ କ୍ଷତିଗ୍ରସ୍ତ ହୋଇ ଆସୁଛି। ବ୍ଲକରେ କମ୍ ବର୍ଷା ସତ୍ତ୍ୱେ ମଧ ଚାଷୀ ବୁଣା ଓ ରୁଆ କାର୍ଯ୍ୟ ଠିକ୍ ସମୟରେ ସାରିଥିଲେ। ମକା ଫସଲ ମଧ ଭଲ ହୋଇଥିଲା । ଚାଷୀ ପରିଶ୍ରମ କରି ଚାଷ କରିଥିଲେ। ଠିକ୍ ସମୟରେ ସାର ନ ମିଳିବା ସତ୍ତ୍ୱେ ଚଢ଼ା ଦରରେ ସାର କିଣି ଧାନ ଓ ମକା ଚାଷ କରିଥିଲେ। ଚଳିତବର୍ଷ ଦୁଇଟା ଯାକ ଫସଲ ଭଲ ହୋଇଥିଲା। ଏବର୍ଷ ଦୁଇ ପଇସା ଅଧିକା ପାଇବାକୁ ଚାଷୀ ଆଶା ରଖିଥିଲେ। କିନ୍ତୁ ଚାଷୀଙ୍କ ଛୋଟ ଧାନ ପାଚି ଯାଇଥିବାବେଳେ, ମକା ମଧ ଅମଳ ଉପଯୋଗୀ ହୋଇଯାଇଛି। କିନ୍ତୁ ବଡ ଧାନ ଏବେ ବାହାରୁଥିବା ବେଳେ ବିଭିନ୍ନ ରୋଗ ପୋକ ଓ ଝିଣ୍ଟିକା ଧାନକୁ ସମୂଳେ ନଷ୍ଟ କରୁଛନ୍ତି। ଅକ୍ଟୋବର ମାସ ସାରା ଲଘୁଚାପ ବର୍ଷା ଯୋଗୁ ଛୋଟ ଧାନ ସମ୍ପୂର୍ଣ୍ଣ ଜମିରେ ଗଜା ହୋଇଯାଇଛି। ବଡ଼ ଧାନ ମୂଳରୁ ଶଢ଼ି ଯାଇଛି। ବ୍ଲକରେ ୨ ମାସ ହେଲା କୃଷି ଅଧିକାରୀମାନେ ରହୁ ନ ଥିବାରୁ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟକୁ ଆସି ପରାମର୍ଶ ନ ପାଇ ଫେରି ଯାଉଛନ୍ତି। ତେବେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ସତ୍ତ୍ୱେ ଧାନ ଫସଲ ଅଞ୍ଚଳର କିଛି ଭାଗରେ ଭଲ ହୋଇଥିବା ଦେଖିବାକୁ ମିଳିଛି। କିନ୍ତୁ ଚାଷୀଙ୍କୁ ଦୁର୍ଗତି ଯେମିତି ପିଛା ଛାଡିବାର ନାଁ ଧରୁନି। କିଆରିରେ ଧାନ ଫସଲ ଲହରି ଭାଙ୍ଗୁ ଥିବାବେଳେ ଭିତରେ ରୋଗପୋକ ଲାଗି ଏକର ଏକର ଚାଷ ଜମିରେ ଧୀରେ ଧୀରେ ଧାନ ଗଛ ଅଗ ସବୁ ହଳଦିଆ ଓ ଲାଲ ପଡ଼ିଯାଉଛି। ଧାନ ଗଛରେ ବିଏଲବି, ଚକଡା, କାଣ୍ଡ ବିନ୍ଧା ଓ ବ୍ଲାଷ୍ଟ(ମହିଷା), ପିନିକଲମାଇଟ୍ସ ଲାଗିଥିବା କୃଷି ବିଭାଗ କର୍ମଚାରୀମାନେ କହୁଥିବାବେଳେ ଏହାର ଉପଚାର ପାଇଁ କୀଟନାଶକ ସିଞ୍ଚନ କଲେ ବି ଲାଭ ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସ୍ଥିତି ଅଧିକ ବିଗିଡିବା ପୂର୍ବରୁ କୃଷି ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। କୀଟନାଶକ ମାଗଣାରେ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

# ଗୁଳିମାଡ଼ ପଛରେ ବାବାଙ୍କ ଯୌନ ଶୋଷଣ

ଭୁବନେଶ୍ୱର,୧୧।୧୦(ସତ୍ୟଜିତ ରାଉତ)





ଗିରଫ ବାବା ଅଜୟ ସାମନ୍ତରାୟ ଏବଂ ସୁକାନ୍ତ।

ଜବତ ବନ୍ଧୁକ,ଗୁଳି ଓ ମୋବାଇଲ।

ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଦେଉଳିପାଟଣା ଗାଁ ନିକଟ ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା ପଛରେ ବଡ଼ ଗୁମର ପଦାକୁ ଆସିଛି। ଏହି ଘଟଣା ପଛରେ ବାବାଙ୍କ ଯୌନଶୋଷଣ ମୂଳ କାରଣ ବୋଲି କମିଶନରେଟ୍ ପୋଲିସ କହିଛି। ୩ବର୍ଷ ତଳେ ମା'ଙ୍କ ସହ ମଠକୁ ଆସିଥିବା ଜଣେ ନାବାଳିକାଙ୍କୁ ବାବା ଓ ତାଙ୍କ ସହଯୋଗୀ ବାରମ୍ବାର ବଳାତ୍କାର କରିଥିଲେ। ଏହାର ପ୍ରତିଶୋଧ ନେବାକୁ ତାଙ୍କ ପୁରୁଷବନ୍ଧୁ(ବର୍ତ୍ତମାନ ସ୍ୱାମୀ) ନିଜ ସାଙ୍ଗଙ୍କ ସହ ବାବାଙ୍କୁ ହତ୍ୟା କରିବାକୁ ଏହି ଘଟଣା ଭିଆଇଥିଲେ। ବନ୍ଧୁକର ଟାର୍ଗେଟ୍‌ରେ ବାବା ଥିବାବେଳେ ଭୁଲବଶତଃ ମଠରେ ରହୁଥିବା ଅନ୍ୟ ଦୁଇ ଜଣ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁଳିମାଡ଼ ଘଟଣାରେ ପୋଲିସ ପୀଡ଼ିତାଙ୍କ ସ୍ୱାମୀ ଓ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସୁରଜ ରାଉତ ଓରଫ ଟିଙ୍କୁନ୍(୨୩) ଓ ତାଙ୍କ ସାଙ୍ଗ ମୁକ୍ତିକାନ୍ତ ଦାସ ଓରଫ ଶ୍ରୀରାମ (୨୮)। ଉଭୟଙ୍କ ପାଖରୁ ଗୁଳିମାଡ଼ରେ ବ୍ୟବହୃତ ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ, ବାଇକ ଆଦି ଜବତ ହୋଇଛି। ଅପରପକ୍ଷରେ ୩ବର୍ଷ ତଳେ ବାବାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୀଡ଼ିତା (ଏବେ ୨୦ବର୍ଷ) ପୋଲିସ ଠାରୁ ସାହସ ପାଇ ବାବାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଇନ୍‌ଫୋଭ୍ୟାଲି ଥାନା ତାଙ୍କ ଏତଲାକୁ ଭିତ୍ତି କରି ଶୁକ୍ରବାର ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୬୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ବାବା ତଥା ଅବସରପ୍ରାପ୍ତ ସିପାହି ଅଜୟ ସାମନ୍ତରାୟ(୭୮) ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ସହଯୋଗୀ ଜଣକ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନୂଆପୋଖରୀ ଗାଁର ସୁକାନ୍ତ କୁମାର ବିଶ୍ୱାଳ(୫୬)। ସେ ଭରତପୁର ଅଞ୍ଚଳରେ ଥିବା ୱାର୍କୋ ପମ୍ପ ହାଉସରେ କାମ କରନ୍ତି। ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଉକ୍ତ ମଠକୁ ସିଲ୍ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ତେବେ ସୁରଜ ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିବାବେଳେ ଏହି ଲିଙ୍କ୍‌ରେ ମଧ ତଦନ୍ତ କରାଯାଉଥିବା କମିଶନର କହିଛନ୍ତି।





ଗୁଳିକାଣ୍ଡ ଘଟଣାରେ ଗିରଫ ସୁରଜ ରାଉତ ଓ ମୁକ୍ତିକାନ୍ତ ଦାଶ।

### ୩ବର୍ଷ ତଳେ ନାବାଳିକାଙ୍କୁ ମଠକୁ ଡାକି ବଳାତ୍କାର କରିଥିଲେ

ଧାମନଗର ଅଞ୍ଚଳର ପୀଡ଼ିତା ଜଣକ ୨୦୨୨ରେ ମଠକୁ ପାଠ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆସିଥିବାବେଳେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ସମ୍ପର୍କୀୟ ହେଲେ ସୁକାନ୍ତ। ସୁକାନ୍ତଙ୍କ ପ୍ରରୋଚନାରେ ପୀଡ଼ିତା ତାଙ୍କ ମା'ଙ୍କ ସହ ମଠକୁ ଆସିଥିଲେ। ସେଠାରେ ବାବା ଅଜୟ ଓ ସୁକାନ୍ତ ତାଙ୍କୁ ଲଗାତର ଯୌନଶୋଷଣ କରିଥିଲେ। ଏହି ଘଟଣା ପୀଡିତାଙ୍କ ମା' ଜାଣିଥିଲେ ମଧ୍ୟ ଭୟ ଓ ଲୋକ ଲଜ୍ଜାରେ ଚୁପ ରହିଥିଲେ। ପୀଡ଼ିତା ଜଣକ ଏହି ଘଟଣା ବିଷୟରେ ସେତେବେଳେ ପୁରୁଷବନ୍ଧୁ ସୁରଜଙ୍କୁ କହିଥିଲେ। ତେବେ ସୁରଜ ସେହିଦିନଠାରୁ ବାବାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଇତିମଧ୍ୟରେ ୨୦୨୪ରେ ସୁରଜ ତାଙ୍କ ପ୍ରେମିକା (ପୀଡ଼ିତା)ଙ୍କୁ ବିବାହ ମଧ୍ୟ କରିଥିଲେ। କିଛିମାସ ତଳେ ସୁରଜ ଉତ୍ତରପ୍ରଦେଶରୁ ୨ଟି ବନ୍ଧୁକ କିଣି ଆଣିଥିଲେ। ଏପରିକି ବାବାଙ୍କୁ ହତ୍ୟା କରିବା ଲାଗି ଗତ ଅଗଷ୍ଟ ମାସରେ ଦୁଇ ଥର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସେ ବିଫଳ ହୋଇଥିଲେ। ଏପରିକି ସୁକାନ୍ତଙ୍କୁ ଗତ ମେ' ମାସରେ ଭଦ୍ରକକୁ ଡାକି ସୁରଜ ମାରପିଟ୍ ମଧ୍ୟ କରିଥିଲେ। ତେବେ ଏହି ଘଟଣା ପଦାକୁ ନ ଆସିବା ପାଇଁ ସୁକାନ୍ତ ତାହା ପ୍ରକାଶ କରି ନ ଥିଲେ।

### ଅକ୍ଟୋବର ୫ ସନ୍ଧ୍ୟା, ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ ବାବା

୨୦୨୫ ଅକ୍ଟୋବର ୫(ଗୁଳିକାଣ୍ଡ ଦିନ)ରେ ସୁରଜ ତାଙ୍କ ସାଙ୍ଗ ଶ୍ରୀରାମଙ୍କୁ ନେଇ ବାଇକ୍‌ରେ ଭଦ୍ରକରୁ ଭୁବନେଶ୍ୱର ଆସିଥିଲେ। ସେମାନେ ବାବାଙ୍କୁ ଗୁଳିମାଡ଼ କରି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ବେଳେ ଦେଉଳିପାଟଣାସ୍ଥିତ ଭାଇଭାଇ ମଠ ଗେଟ ପାଖରେ ପହଞ୍ଚି ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ମଠରେ ରହୁଥିବା ସୁନୀଲ କୁମାର ମହାନ୍ତି ଗୁରୁତର ହୋଇଥିବାବେଳେ ୫ଦିନ ହେବ ସେଠାକୁ ଆସିଥିବା ଯାଜପୁରର ଅଶୋକ ମହାନ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ରହୁଥିବା ବାବାଙ୍କ ଝିଅ ଜ୍ୟୋତିର୍ମୟୀ ରାୟ(୪୬)ଙ୍କ ଏତଲାକୁ ଆଧାର କରି ଇନ୍‌ଫୋଭ୍ୟାଲି ପୋଲିସ ମାମଲା (ନଂ.୨୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା**

- ବାବା, ସହଯୋଗୀ ଗିରଫ, ମଠ ସିଲ୍
- ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ, ସାଙ୍ଗ ଗିରଫ
- ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିଲେ ସୁରଜ

### ବାବାଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା

ବାବା ଅଜୟଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା ଅଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଠ ନାଁରେ ସେ ଲୋକଙ୍କ ଭାବନାର ସହ ଖେଳ ଖେଳିବା ସହ ଅଳ୍ପ ବୟସ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସୁକାନ୍ତ ଝିଅ ଯୋଗାଉଥିଲେ। ଏପରିକି ବହୁ ମହିଳା ଓ ଯୁବତୀ ମଠକୁ ଆସି ରହୁଥିବାବେଳେ ନିଶା ଦେଇ ସେମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାବାଙ୍କ ଦ୍ୱାରା ଅପରାଧର ଶିକାର ହୋଇ ଏଭଳି ବହୁ ପୀଡ଼ିତା ମୁହଁ ଖୋଲି ନ ଥିଲେ।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଠାକୁରମୁଣ୍ଡା,୧୧।୧୦(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ପଞ୍ଚାୟତ ଆସନକୁଦର ଗ୍ରାମ ପୁରୁଣା ଖଡ଼ିଆସାହିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଲେ ସାହିର ସୁବୁଦ୍ଧି ଦେହୁରୀ(୫୫)ଙ୍କ ସ୍ତ୍ରୀ ଚୁନି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ସୁବୁଦ୍ଧି ଉତ୍କ୍ଷିପ୍ତ ହୋଇ ଘର ଭିରରେ ଥିବା ଟାଙ୍ଗିଆରେ ଚୁନିଙ୍କ ବେକକୁ ଆକ୍ରମଣ କରିଥିଲେ। ସୁବୁଦ୍ଧିଙ୍କ ପୁଅ ପବିତ୍ର ସାପ୍ତାହିକ ହାଟରୁ ଫେରିବା ପରେ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ଜରିଆରେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଅ ପବିତ୍ରଙ୍କ ଅଭିଯୋଗ ଆଧାରରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା (ନଂ. ୧୧୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତକରି ପୋଲିସ ତଦନ୍ତ କରୁଛି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୧।୧୦(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ଜଣୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜଣୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ରଞ୍ଜନ କୁମାର ସ୍ୱାଇଁ (୨୦)। ଏନେଇ କେସ୍ ନଂ ୬୩୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଏକ ଘରୋଇ ଫାଇନାନ୍ସରେ କାମ କରୁଥିଲେ। ତେବେ ବଳାତ୍କାର ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡ଼ି ଦେଇଥିବା ବେଳେ ପୀଡ଼ିତା ଯୁବତୀ ଜଣକ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ।

# କକାଙ୍କୁ ପିଟି ହତ୍ୟାକଲେ ପୁତୁରା

ସୁନ୍ଦରଗଡ଼,୧୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କିରେଇ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ କକାଙ୍କୁ ପିଟି ପୁତୁରା ହତ୍ୟା କରିଛନ୍ତି। ଶନିବାର ସକାଳେ ପୋଲିସ ଅଭିଯୁକ୍ତ ପୁତୁରା ବିଶାଲ ନାଏକ(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ ହୋଇଛି। କକା ସଚ୍ଚିନ୍ଦ୍ର ନାଏକ(୪୭)ଙ୍କୁ ପିଟି ହତ୍ୟା କରିଥିବା ନେଇ ବିଶାଲ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଥାନା ଆଇଆଇସି ସସ୍ମିତା ଦେବତା ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ କକା ସଚ୍ଚିନ୍ଦ୍ର ଓ ପୁତୁରା ବିଶାଲ ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକାଠି ମଦ୍ୟପାନ କରୁଥିଲେ। ପରେ ଘରୋଇ କଳିକୁ ନେଇ ଉଭୟ କକା ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁତୁରା ବିଶାଲ ସଚ୍ଚିନ୍ଦ୍ରଙ୍କ ମୁହଁକୁ ହାତରେ ପିନ୍ଧିଥିବା ବଳାରେ ମୁଥମାରିବା ସହ ଏକ ଠେଙ୍ଗାରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଘଟଣାସ୍ଥଳରେ ସଚ୍ଚିନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ବିଶାଲ ସେଠାରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ କେତେଜଣ ଲୋକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଚ୍ଚିନ୍ଦ୍ରଙ୍କ ମୁହଁରେ ମାଡ଼ ହୋଇଥିବାରୁ ଚିହ୍ନଟ ହେବାରେ ବିଳମ୍ବ ହୋଇଥିଲା। ପରେ ତାଙ୍କର ପରିଚୟ ମିଳିବାପରେ ପୋଲିସ ବିଳମ୍ବିତ ରାତିରେ ଅଭିଯୁକ୍ତ ବିଶାଲଙ୍କୁ ଭେଡ଼ାବାହାଲ ନିକଟରୁ ଧରିଥିଲା। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବିଶାଲ କିଛିଦିନ ହେବ ଘରକୁ ଜଣେ ଝିଅ ଆଣିଛନ୍ତି। ଏହାକୁ ତାଙ୍କ ମା' ଓ କକା ବିରୋଧ କରିଆସୁଥିଲେ। ଘଟଣା ରାତିରେ କକା ପୁତୁରାଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା ଓ ପୁତୁରା କକାଙ୍କୁ ପିଟି ପିଟି ହତ୍ୟା କରିଥିବା ବିଶାଲ ସ୍ୱୀକାର କରିଥିବା ପୋଲିସ କହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**

Phone : 06842 254004 Email : sernbphulbani@gmail.com

INVITATION FOR BIDS (IFB)
Bid Identification No. CCE_R and B_PLB_12 of 2025-26

No.B-590 **No.1660 Dated 08.10.2025**

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors | |
| 2 | Nature of work | : Road Work |
| 3 | No. of tenders | : One No. |
| 4 | Tender cost | : Rs. 10,000/- (through online) only |
| 5 | Class of Contractor | : A class |
| 6 | Date & Time of sale & receipt of bids | : 10.00 A.M. of 16.10.2025 to 5.00 P.M. of 30.10.2025 |
| 7 | Date of Opening of bid | : 11.00 A.M. of 31.10.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer,
Phulbani (R&B) Circle, Phulbani

OIPR-34129/11/0029/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1973

No.-CHEP/TW-202 (Vol.-V)/3824 Date: 08.10.2025

TENDER CALL NOTICE NO.-CHEP-32/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Earth Resistance Measurement Tester, DC Milli Ampere Digital Clamp Meter and AC / DC Digital Clamp Meter for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,970/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.14.10.2025 up to 12:30 PM of dtd.28.10.2025.

OIPR-04006/11/0103/2526 Sd/- C & P Head, CHEP, Chiplima

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in

No.O-965

'E' PROCUREMENT NOTICE NO. RWD-II/KPD-7/25-26
DTD 08.10.2025

| | | |
|---|---|---|
| 1 | Name of work | Road works in the District of Kendrapara for the year 2025-26 |
| 2 | Total No. of work | 43 Nos. Roads |
| 3 | Estimated Cost | Rs.5.04 Lakhs to 33.61 lakhs (Approx) |
| 4 | Period of Completion | As specified in the Annexure |
| 5 | Class of contractors | B, C & D Class |
| 6 | Cost of Tender Paper | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | As specified in the Annexure |

Other details as follows :

| | | |
|---|---|---|
| a) | Procurement Officer | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | 15.10.2025 at 11:00 A.M. to 23.10.2025 up to 5:00 P.M. |
| c) | Last date & time of seeking of tender clarification | 22.10.2025 up to 5:00 P.M. |
| d) | Opening of Tender | 23.10.2025 at 5:30 P.M. |
| e) | Date of lottery | 07.11.2025 at 11:30 A.M. |

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II
Kendrapara

OIPR-25098/11/0023/2526

**OFFICE OF THE SORO MUNICIPALITY, SORO, BALASORE**

No.4477 Date : 10.10.2025

'e' Procurement Notice
Bid Identification No. SOROM_04_2025-26

No.C-1250 : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 13.10.25 at 10.00 A.M. to 22.10.25 up to 5.00 P.M.
6. Last date & time for receipt of bids in the portal : 22.10.25 up to 05.00 P.M.
7. Bid received online shall be opened on : 23.10.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Soro Municipality

OIPR-13166/11/0017/2526

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
No.A-708
Letter No. 4433/Dt. 08.10.2025
GOVERNMENT OF ODISHA e-Procurement Notice
Bid Identification No. online SECMID - 18/2025-26
eemidcuttack@yahoo.co.in

| | | |
|---|---|---|
| 1 | Name of work | : **Improvement of MIPs under Improvement to CAPEX ROAD and MIPSP scheme in MI Sub-Division Athagarh, Banki and Narasinghpur.** |
| 2 | Total Number of work | : **05 (Five) nos.** |
| 3 | Estimated cost | : **Various from 57.79 to 82.65 lakhs** |
| 4 | Tender paper cost (Online) | : **Rs.10,000/-** |
| 5 | Bid Security (Online) | : As per DTCN |
| 6 | Period of Completion | : As per DTCN |
| 7 | Availability of Bid Document | : From **15.10.2025, 10.00 A.M. to 28.10.2025, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | : **28.10.2025 at 5.00 P.M.** through online Bid |
| 9 | Date of opening of Technical Bid documents | : **29.10.2025 - at 11.00 A.M.** in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : **04.11.2025 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | : **15.11.2025 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack

OIPR-32121/11/0046/2526

**Directorate of Higher Secondary Education Odisha, Bhubaneswar**

**Notice**

**No.N-175** : It is informed to all concerned that the online applications are invited on SAMS portal for opening of new Higher Secondary School, new stream, new subject, increase of seats, Permanent Recognition, Temporary Recognition etc. for the Academic Session 2025-26 (Admission Session 2026-27). The online application link (www.samsodisha.gov.in/juniorweb.aspx) is active and last date for applying is up to **30th November, 2025 (11.55 P.M.). For Guidelines /User Manual and other details, please log in on** www.samsodisha.gov.in/juniorweb.aspx

OIPR-11033/11/0024/2526 Sd./- Director

**ଭାରତ ସରକାର**
**ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ**
**(ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରସାର ବିଭାଗ)**
**ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**

**ସର୍ବସାଧାରଣ ବିଜ୍ଞପ୍ତି**

ସରକାରଙ୍କ ଦୃଷ୍ଟିକୁ ଏହା ଅଣାଯାଇଛି ଯେ, ଅତୀତରେ ମିଥ୍ୟା ଘୋଷଣାନାମା ଅଧୀନରେ ଭାରତକୁ ବେଆଇନ ଭାବେ ବିଦେଶ ନିର୍ମିତ ଆତସବାଜି ସାମଗ୍ରୀ ଆମଦାନୀ କରାଯାଇଛି । ଏତଦ୍ୱାରା ସୂଚିତ କରିଦିଆଯାଉଅଛି କି, ଆମଦାନୀ ସଂକ୍ରାନ୍ତରେ ଆଇଟିସି (ଏଚ୍‌ଏସ୍) ଅଧୀନରେ ଆତସବାଜି ସାମଗ୍ରୀଗୁଡ଼ିକୁ ପ୍ରତିବନ୍ଧିତ ସାମଗ୍ରୀ ରୂପେ ଘୋଷଣା କରାଯାଇଛି । ଆଜି ତାରିଖ ସୁଦ୍ଧା, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ ଦ୍ୱାରା ବିସ୍ଫୋରକ ସାମଗ୍ରୀ ନିୟମାବଳୀ, ୨୦୦୮ ଅଧୀନରେ ଆତସବାଜି ସାମଗ୍ରୀ ପାଖରେ ରଖିବା ଏବଂ/କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଆମଦାନୀ କରିବା ପାଇଁ କୌଣସି ଲାଇସେନ୍ସ ମଞ୍ଜୁର କରାଯାଇନାହିଁ ।

ଚୋରାରେ ଚାଲାଣ ହେଉଥିବା ବିଦେଶ ନିର୍ମିତ ଆତସବାଜି ସାମଗ୍ରୀରେ 'ପୋଟାସିୟମ୍ କ୍ଲୋରେଟ୍' ରହିଥାଏ, ଯାହା ଏକ ବିପଜ୍ଜନକ ଓ ଘାତକ ରାସାୟନିକ ଅଟେ ଏବଂ ସେଥିରେ ସ୍ୱତଃପ୍ରବୃତ୍ତ ଭାବେ ନିଆଁ ଲାଗିବାର ଆଶଙ୍କା ରହିଥାଏ । ଏପରି ଆତସବାଜି ସାମଗ୍ରୀ ଗୁରୁତର ଅଘଟଣର କାରଣ ସାଜିବା ସହିତ ଧନଜୀବନ ଏବଂ ଦେଶ ପାଇଁ ବିବିଧ ପରିବେଶୀୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ।

ଧନଜୀବନର ସୁରକ୍ଷା ଓ ନିରାପତ୍ତା ପାଇଁ ଏପରି ଆତସବାଜି ସାମଗ୍ରୀ ରଖିବା ଏବଂ/କିମ୍ବା ବିକ୍ରି କରାଯିବା ସମ୍ବନ୍ଧୀୟ ସୂଚନାକୁ ନିକଟତମ ଥାନା କିମ୍ବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବା ଲାଗି ଜନସାଧାରଣ ଏବଂ ହିତଧାରକଙ୍କୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

CBC 05209/12/0003/2526 ମୁଖ୍ୟ ବିସ୍ଫୋରକ ସାମଗ୍ରୀ ନିୟନ୍ତ୍ରକ

No.T-92

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା13.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0199/2526

No.CAD-1966

**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(UNIT-HATADIHI BLOCK,GHASIPURA BLOCK, ANANDAPUR BLOCK & ANANDAPUR MUNICIPALITY, KEONJHAR SADAR BLOCK & KEONJHAR MUNICIPALITY, BANSPAL BLOCK, TELKOI BLOCK, SAHARPADA BLOCK, PATNA BLOCK, GHATAGAON BLOCK, HARICHANDANPUR BLOCK, JHUMPURA BLOCK,CHAMPUA BLOCK & NAC)**

**TENDER No.: 3029 to 3040** **Dated: 06/10/2025**
**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside district).

| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only |
| 9 | Help Desk telephone no. | CCSO-cum-DM, OSCSC Ltd., Keonjhar Contact No : 9438200048 |

**Sd./- Chief CSO-cum-District Manager**
**OSCSC Ltd., Keonjhar**

**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(LEVEL-I)**

**TENDER No.: 3041** **Dated: 06/10/2025**
**Cost of Tender Document :- Rs.11800/- Inclusive of GST**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date **14/10/2025** Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | At-O/o the Mini Conference Hall, Collectorate, Keonjhar |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only |
| 10 | Help Desk telephone no | (i) OSCSC Ltd. :- District Manager :- No. 9438200048 Account Head No. 9437201773 (ii) State Procurement Cell :- 0674-2530998 / 18003456765 |

**Sd./- Chief CSO-cum-District Manager**
**OSCSC Ltd., Keonjhar**

OIPR-07048/11/0010/2526

**ନାବାଳିକାଙ୍କ ଆତ୍ମହତ୍ୟା**

ବୈପାରୀଗୁଡ଼ା,(ପବନ ପାଣିଗ୍ରାହୀ)-ବୈପାରୀଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ କୌଣସି ପାରିବାରିକ ଘଟଣାକୁ ନେଇ ନାବାଳିକା ଝୁଲି ପଡ଼ିଥିଲେ। ଏ ନେଇ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରି ନଂ ୪୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଏଡିଆରଏମଙ୍କ କୋରାପୁଟ ଗସ୍ତ

କୋରାପୁଟ,୧୧।୧୦ (ଅମିତାଭ ବେହେରା)

ୱାଲଟିୟର ଡିଭିଜନର ଚାଲୁଥିବା ଯାତ୍ରୀ ସମ୍ପର୍କ ଏବଂ ମତାମତ ନେଇ ଏଡିଆରଏମ କୋରାପୁଟ ଗସ୍ତ କରିଛନ୍ତି। ଏ ନେଇ କୋରାପୁଟ ରେଳ ଷ୍ଟେସନରେ ଅମୃତ ସମ୍ବାଦ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାତ୍ରୀ ବିଭିନ୍ନ ସଂଘର ପ୍ରତିନିଧି ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। କୋରାପୁଟ ରେଳ ଷ୍ଟେଶନରେ, ଏଡିଆରଏମ (ଅପରେସନ) କେ. ରାମା ରାଓ ଯୋଗଦେଇ ସମାବେଶକୁ ସମ୍ବୋଧିତ କରିଥିଲେ। ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର ଏମ.ଏସ.ଏନ ମୂର୍ତ୍ତି ମଧ୍ୟ ଉପସ୍ଥିତ ଥିଲେ। ଯାତ୍ରୀଙ୍କ ସୁବିଧା, ପରିଷ୍କାର ପରିଚ୍ଛନ୍ନତା ନେଇ ପରାମର୍ଶ ବାଣ୍ଟିଥିଲେ।

# ଚାଷୀଙ୍କ ଆୟ ବୃଦ୍ଧି ମୂଳ ଲକ୍ଷ୍ୟ


କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ,୧୧।୧୦(ଅମିତାଭ ବେହେରା)

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶନିବାର ଶୁଭାରମ୍ଭ ହୋଇଛି। ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ ଏହି ଯୋଜନାର ସୁଫଳ ସମ୍ପର୍କରେ ସୂଚନା ଦେଇଥିଲେ। ଚାଷୀମାନେ ଦେଶର ଅନ୍ନଦାତା ହୋଇଥିବାରୁ ସେମାନଙ୍କ ଆୟ ବୃଦ୍ଧି କରିବା, ଡାଲି ଜାତୀୟ ଚାଷ ଓ ସମନ୍ୱିତ ଚାଷର ଚାହିଦା ବୃଦ୍ଧି, ଉତ୍ପାଦିତ ଶସ୍ୟର ଚାହିଦା ଓ ମୂଲ୍ୟ ବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ। ଏହି ଆଭାସି ମାଧ୍ୟମରେ ଯୋଜନାର ସୁଫଳ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଅଭିଭାଷଣ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଟ୍ରକ୍-ସ୍କୁଟି ମୁହାଁମୁହିଁ ଧକ୍କା: ନାବାଳକ ମୃତ

କୋରାପୁଟ,୧୧।୧୦ (ଅମିତାଭ ବେହେରା)

କୋରାପୁଟ ସହରର ଭବାନୀନଗରସ୍ଥିତ ୨୬ ନଂ. ଜାତୀୟ ରାଜପଥରେ ଏକ ଟ୍ରକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କାହୋଇ ଜଣେ ନାବାଳକଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ମୃତକ ହେଲେ ସେମିଳିଗୁଡ଼ା ଅଞ୍ଚଳର ପ୍ରତାପ ଚନ୍ଦ୍ର ପାତ୍ରଙ୍କ ପୁଅ ତେଜେଶ(୧୭)।

ସୂଚନାନୁଯାୟୀ, ଶନିବାର ଅପରାହ୍ନରେ ତେଜେଶ ସ୍କୁଟିରେ କୋରାପୁଟରୁ ସେମିଳିଗୁଡ଼ା ଯାଉଥିବା ବେଳେ ସୁନାବେଡ଼ା ପଟୁ କୋରାପୁଟ ଅଭିମୁଖେ ଆସୁଥିବା ଏକ ଟ୍ରକ୍(ନଂ. ଏପି-୩୯ ୟୁଏଫ୍-୩୨୨୨) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ସ୍କୁଟିଚାଳକ ତେଜେଶ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିଲେ। ଖବର ପାଇ କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ତେଜେଶଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଟାଉନ ଥାନାରେ ୨୫୨/୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଟ୍ରକ୍‌କୁ ଜବତକରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, କୋରାପୁଟରୁ ସୁନାବେଡ଼ା ୨୬ ନଂ. ଜାତୀୟ ରାଜପଥ କାର୍ଯ୍ୟ ପ୍ରାୟ ୨ ବର୍ଷ ହେବ ଶେଷ ହୋଇପାରୁ ନାହିଁ। ଏହାଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବୋରିଗୁମ୍ମା ଛାତ୍ରୀ



ଏନ୍. ତ୍ରିଶା ତାନ୍ୟା।

ବୋରିଗୁମ୍ମା,୧୧।୧୦(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାର ଏନ୍. ତ୍ରିଶା ତାନ୍ୟା ୩ ଇଂଲିଶ ପୁସ୍ତକ ରଚନା କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ୧୯ ବର୍ଷ ବୟସରେ 'ଏ ନୋଟ୍ ୱାଟ୍ ଆଇ ଥଟ୍', 'ସେଣ୍ଟିମେଣ୍ଟସ ଅଫ୍ ଏଡଲସେଣ୍ଟ' ଏବଂ 'ଡିଜାଇନ ଡେଜିରେବଲ ଡେପିକସନ' ଆଦି ପୁସ୍ତକ ଲେଖିଛନ୍ତି। ନୂଆଗାଁ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏନ.ରାଜେଶ କୁମାର ଓ ଜି.ଗାୟତ୍ରୀଙ୍କ ଝିଅ ତ୍ରିଶା ସେପ୍ଟେମ୍ବର ୨୫ରେ ଇଣ୍ଡିଆନ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଥିଲେ। ଏହି ଅବସରରେ ତାଙ୍କୁ ଏକ ମାନପତ୍ର, ମେଡାଲ, ଆଇବିଆର ରେକର୍ଡ ବହି, କଲମ, ବ୍ୟାଚ୍‌ଜ ଓ ଆଇ କାର୍ଡ ପ୍ରଦାନ କରାଯାଇଛି। ସେ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ। ଏ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ ଆଗାମୀ ଦିନରେ ୨ ଇଂଲିଶ ଉପନ୍ୟାସ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଦାବି


ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଉଛି।

କୁନ୍ଦୁରା,୧୧।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ କଣ୍ଟାପଦର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜୟନ୍ତୀ ଧାରୁଆଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରାଯାଇଥିବା ପ୍ରତିବାଦରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଶନିବାର ସ୍କୁଲରେ ତାଲା ପକାଇଛନ୍ତି। ଶିକ୍ଷୟିତ୍ରୀ ଧାରୁଆଙ୍କୁ ୭ ମାସ ହେବ ଅନ୍ୟ ସ୍କୁଲରେ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୨ ଥର ଲିଖିତ ଅଭିଯୋଗ ହେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପପେୟା ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ସ୍ଥାନାନ୍ତର କରାଯାଇଛି। ଗତ ମାର୍ଚ୍ଚ ୩ ଓ ଜୁନ ୬ରେ ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ୨ ମାସ ଭିତରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ୭ମାସ ବିତିଥିଲେ ସୁଦ୍ଧା ଶିକ୍ଷୟିତ୍ରୀ ସ୍କୁଲକୁ ଫେରି ନ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶିକ୍ଷାଧିକାରୀଙ୍କୁ ଶିକ୍ଷୟିତ୍ରୀ ସ୍କୁଲକୁ ନ ଫେରିଲେ ବିଦ୍ୟାଳୟରେ ତାଲା ପକାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାକୁ ଅଧିକାରୀ ଗୁରୁତ୍ୱ ନ ଦେବାରୁ ତାଲା ପକାଯାଇଥିବା କୁହାଯାଇଛି। ଶିକ୍ଷୟିତ୍ରୀ

## ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ସ୍କୁଲକୁ ନ ଫେରିବା ଯାଏ ତାଲା ଖୋଲିବେ ନାହିଁ ବୋଲି ଦାବିପତ୍ରରେ କୁହାଯାଇଛି। ପ୍ରଧାନଶିକ୍ଷକ ଗୁପ୍ତ ଚନ୍ଦ୍ର ଭୁଏ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସୂଚନା ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବେହେରା, ସିଆର୍‌ସିସି ସଞ୍ଜୟ ସାମନ୍ତରାୟ, ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ଉପସଭାପତି ରାକେଶ ଚନ୍ଦ୍ର ଗୁରୁ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଏସଏମସି ସଭାପତି ଅଭି ସାନ୍ତା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ଶିକ୍ଷୟିତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ବୁଝାଶୁଝା କରି ଗୋଷ୍ଠୀ ଶିକ୍ଷାଧିକାରୀ ପାଙ୍ଗୀଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ପରେ ସ୍କୁଲ ତାଲା ଖୋଲାଯାଇଥିଲା। ସପ୍ତାହକ ଭିତରେ ଶିକ୍ଷୟିତ୍ରୀଙ୍କୁ ସ୍କୁଲକୁ ଫେରାଇ ନ ଆଣିଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍କୁଲରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବେହେରା କହିଛନ୍ତି, ଏହି ସ୍କୁଲରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ରହିଛନ୍ତି। ଅନ୍ୟ ଶିକ୍ଷକମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ପ୍ରକ୍ରିୟା ଚାଲିଛି। ଅତିଶୀଘ୍ରଘ ୨ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯିବ ବୋଲି ସେ କହିଛନ୍ତି।

# ଭାରତମାଳା ଟୋଲ୍ ଗେଟ୍ ଆଗରେ ଚନ୍ଦକା ପଞ୍ଚାୟତବାସୀଙ୍କ ଧାରଣା

ପଟ୍ଟାଙ୍ଗି,୧୧।୧୦(ଶରତ କୁମାର ଧଳ)

## ବିଭିନ୍ନ ଦାବି ନେଇ ଏକତ୍ର ହେଲେ ଲୋକେ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ଚନ୍ଦକା ପଞ୍ଚାୟତ ବାରଜ ଗ୍ରାମ ନିକଟରେ ପଞ୍ଚାୟତବାସୀ ଏକତ୍ର ହୋଇ ଭାରତମାଳା ଟୋଲ୍ ଗେଟ୍ ନିକଟରେ ଶନିବାର ଧାରଣା ଦେଇଛନ୍ତି। ବିଭିନ୍ନ ଦାବି ନେଇ ଧାରଣା ଦେଇଥିଲେ। ବ୍ଲକ୍‌ର ପୁକାଲି ଚନ୍ଦକା, ଅମ୍ବାବାଲି ଓ ତଳଗୋଲୁର ଆଦି ପଞ୍ଚାୟତ ବିଭିନ୍ନ ଗ୍ରାମ ଦେଇ ରାୟପୁରରୁ ବିଶାଖାପାଟଣା କରିଡର୍ ଭାରତମାଳା ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ଏଥିରେ ଅନେକ ଗ୍ରାମବାସୀ ଚାଷ ଜମି, ଘର ହରାଇଥିବା ସତ୍ତ୍ୱେ ସେମାନଙ୍କୁ କ୍ଷତିପୂରଣ ଦିଆଯାଇନଥିବା ଅଭିଯୋଗ କରିଥିଲେ। ଏହାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଇଛି। ପାହାଡ଼କୁ ଗୋରୁଗାଈଙ୍କୁ ନେବା ଆଣିବା, ଦେବତାଗୁଡ଼ା ଏବଂ ଚିକୁଡୁଗୁଡା ଗ୍ରାମକୁ ଯିବା ପାଇଁ ରାସ୍ତା ନ ଥିବା, ୨୭ ଜଣଙ୍କ ଘର ଭଙ୍ଗା ବାବଦକୁ କ୍ଷତିପୂରଣ ଦାବି କରିଥିଲେ। ପଞ୍ଚାୟତବାସୀଙ୍କ ଦାବିକୁ ସମର୍ଥନ ଜଣାଇ ପଞ୍ଚାୟତର ସରପଞ୍ଚ ଦେବକୀ ଗଣ୍ଡ ଓ ସମିତିସଭ୍ୟ ଲଛମନ୍ ପଡାଲା ଧାରଣାରେ ସାମିଲ ହୋଇଥିଲେ। ପୋଲିସ୍ ସୁରକ୍ଷା ବଳୟରେ ଭାରତମାଳା ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପଞ୍ଚାୟତବାସୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲା। ଏହା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ସତ୍ତ୍ୱେ ଭାରତମାଳା ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ବରୁ କ୍ଷତିପୂରଣ ପାଇଥିବା ୨୭ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଲୋକେ ଦୋହରାଇଥିଲେ। ଉଚିତ୍ ମୂଲ୍ୟର କ୍ଷତିପୂରଣ ସହ ଏଯାଏ ବିକ୍ରମ ଜେଟିକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପଞ୍ଚାୟତବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ସହ ଉପସ୍ଥିତ କର୍ତ୍ତୃପକ୍ଷ ତର୍ଜମା କରାଯିବ। କ୍ଷତିଗ୍ରସ୍ତ ପରିବାରଙ୍କୁ ନିଶ୍ଚୟ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତବାସୀ ଧାରଣାରୁ ଉଠିଥିଲେ। ପ୍ରକାଶ ଯେ, ପୂର୍ବରୁ କ୍ଷତିପୂରଣ ପାଇଥିବା ବେଳେ ୨୭ ପରିବାର ପାଇ ନ ଥିବା ଦର୍ଶାଇ ଘର ଖାଲି କରି ନ ଥିଲେ। ଶୁକ୍ରବାର ଭାରତମାଳା କର୍ତ୍ତୃପକ୍ଷ ପୋଲିସ ସହାୟତାରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଙ୍ଗ୍ ଧାରୁଆଙ୍କ ଉପସ୍ଥିତରେ ଘରଗୁଡ଼ିକୁ ଖାଲି କରାଯାଇ ଭଙ୍ଗା ଯାଇଥିଲା। ଏହାର ଦିନକ ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରତିବାଦ ଦେଖିବାକୁ ମିଳିଛି।


ଭାରତମାଳା ଟୋଲ ଗେଟ୍ ସମ୍ମୁଖରେ ଲୋକେ ଆଲୋଚନା କରୁଛନ୍ତି।

# ବିଶ୍ୱ ଅଣ୍ଡା ଦିବସ : ଅଣ୍ଡା ଉତ୍ପାଦନ ବୃଦ୍ଧି ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ

କୋରାପୁଟ,୧୧।୧୦(ଅମିତାଭ ବେହେରା)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରାଣୀ ଚିକିତ୍ସାଳୟ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାରେ ଦୈନିକ ୨ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ଏହାକୁ ୪ ଲକ୍ଷ ୫୦ ହଜାରକୁ ବୃଦ୍ଧି କରାଯିବା ନେଇ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟ ଅତିଥି ବିଧାୟକ ରଘୁରାମ ମାଛ କହିଛନ୍ତି। ଜିଲାରେ ଅଣ୍ଡା ବୃଦ୍ଧି ଦିଗରେ ସମସ୍ତେ ଉଦ୍ୟମ କରି ନିଜେ ସ୍ୱାବଲମ୍ବୀ ହେବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରେଷ୍ଠ କୁକୁଡ଼ା ଚାଷୀ ଭାବେ କୋରାପୁଟ ୯ନମ୍ବର ୱାର୍ଡର ଆରସିଆ ଦାସ, ଦାମନଯୋଡ଼ି ମାଥାଲପୁଟର ସାଣ୍ଡ୍ରା ଶିଷା ଓ ବୋରିଗୁମା ବ୍ଲକ୍ କାମତା ଗ୍ରାମର ଜଗଦୀଶ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଦନାର୍ଦ୍ଦନ ଦଳାଇ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀଧର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏଲ୍.ପି. ପ୍ରକାଶ ମହାନ୍ତି ଧନ୍ୟବାଦ ଦେଇଥିଲେ। ଜିଲାର ସମସ୍ତ ଏଲ୍ଆଇ ଓ ଚାଷୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗିରିଶ ବେହେରା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅଚଳ ହୋଇପଡ଼ିଛି ହାଇମାଷ୍ଟ ଲାଇଟ୍

ସୁନାବେଡ଼ା,୧୧।୧୦ (କୃତ୍ତିବାସ ପ୍ରଧାନ)



ସୁନାବେଡ଼ା ପୌର ପରିଷଦ ଅଧୀନ ୧୮ ନଂ. ୱାର୍ଡ ସେମିଳିଗୁଡ଼ା ଓସିସି ନଗର ମୁଖ୍ୟ ଛକ ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟ ଅଚଳ ହୋଇ ପଡ଼ିରହିଛି। ଏହା ଜନଗହଳିପୂର୍ଣ୍ଣ ଛକ ହୋଇଥିବା ବେଳେ ଲାଇଟ ଲୋକଙ୍କ ଯାତାୟାତରେ ସହାୟକ ହୋଇଥାଏ। ଏହି ରାସ୍ତା ଉପରେ ୨୫ନଂ. ୱାର୍ଡବାସୀ ନିର୍ଭର କରିଥାନ୍ତି। ଲାଇଟ୍ ଦୀର୍ଘଦିନରୁ ଅଚଳ ହୋଇଥିବାରୁ ସନ୍ଧ୍ୟା ବେଳେ ବରିଷ୍ଠ ନାଗରିକ, ମହିଳା, କୁନିକୁନି ପିଲାଙ୍କ ଯାତାୟାତରେ ଅସୁବିଧା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଅତିଶୀଘ୍ର ଉକ୍ତ ହାଇମାଷ୍ଟ ଲାଇଟକୁ ମରାମତି କରିବାକୁ ସାଧରଣରେ ଦାବି ହେଉଛି।

# ଜୋନାଲସ୍ତରୀୟ ରେଳ ବିଭାଗ ସୁରକ୍ଷା ସମ୍ପର୍କିତ କର୍ମଶାଳା

କୋରାପୁଟ,୧୧।୧୦ (ଅମିତାଭ ବେହେରା)

କୋରାପୁଟସ୍ଥିତ କୋଟସ ସଭାଗୃହରେ ଅଲ ଇଣ୍ଡିଆ ଷ୍ଟେଶନ ମାଷ୍ଟର ଆସୋସିଏଶନ(ଇଷ୍ଟ କୋଷ୍ଟ ୱାଲଟିୟର)ଡିଭିଜନ ପକ୍ଷରୁ ରେଳ ବିଭାଗର ସୁରକ୍ଷା ସମ୍ପର୍କିତ ଜୋନାଲସ୍ତରୀୟ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର ଅବସରପ୍ରାପ୍ତ ଷ୍ଟେଶନ ମାଷ୍ଟର ପି.କେ. ସାମଲଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଏନ୍.ପି. ରାଓ, ଅର୍ଥ ସମ୍ପାଦକ ପି.ଏନ୍. ମୂର୍ତ୍ତି,ଡିଟିଆଇ ଏନ୍. ନାରାୟଣ ରାଓ, ଭୁବନେଶ୍ୱର ଷ୍ଟେଶନ ମାଷ୍ଟର ପ୍ରତାପ ସ୍ୱାଇଁ ଏବଂ ଜି.ବି. ପ୍ରଧାନ ପ୍ରମୁଖ ରେଳ ବିଭାଗର ସୁରକ୍ଷାର ବିଭିନ୍ନ ଦିଗ ନେଇ ଆଲୋଚନା କରିଥିଲେ। ଯାତ୍ରୀମାନଙ୍କ ସୁରକ୍ଷା, କର୍ମଚାରୀଙ୍କ ସୁରକ୍ଷା, ରେଳ ବିଭାଗର ଆର୍ଥିକ ଅଭିବୃଦ୍ଧି ଘଟିବା ଓ ରେଳ ଚଳାଚଳ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ଏଥିରେ ୱାଲଟିୟର ଜୋନ୍ ମଧ୍ୟରେ ଥିବା ସମ୍ବଲପୁର, ଖୋର୍ଦ୍ଧା ଓ ବିଶାଖାପାଟଣା ଡିଭିଜନର ୬୦ରୁ ଊର୍ଦ୍ଧ୍ୱ ଷ୍ଟେଶନ ମାଷ୍ଟର ଯୋଗଦେଇଥିଲେ। ଏହି ଅବସରରେ ଜୋନାଲର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାକୁ ଏସ୍.ଏନ୍. ଅହମ୍ମଦ ପରିଚାଳନା କରିଥିଲେ। ସ୍ଥାନୀୟ ଷ୍ଟେଶନ ମାଷ୍ଟର ରାଜ କୁମାର ପାତ୍ର ଓ ବଳରାମ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଷ୍ଟେଶନ ମାଷ୍ଟରମାନେ।

# 'ଗ୍ରାମବାସୀଙ୍କ ବିନା ଗ୍ରାମସଭା ଆଇନ ସଙ୍ଗତ ନୁହେଁ'

ନନ୍ଦପୁର,୧୧।୧୦(ତୁଷାର କାନ୍ତ ମହାନ୍ତି)

## ବାଲଡା ଲୋକ ପ୍ରତିନିଧି, ମାଳି ଡଙ୍ଗର ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ


ଖରବଦାତା ସମ୍ମିଳନୀରେ ଲୋକ ପ୍ରତିନିଧି ଓ ଅନ୍ୟ ସଦସ୍ୟମାନେ।

କୋରାପୁଟ ଜିଲା ନନ୍ଦପୁର ବାଲଡା ବକ୍ସାଇଟ୍ ଖଣି ଖନନକୁ ନେଇ ହୋଇଥିବା ଦୁଇ ଗ୍ରାମସଭା ବେଆଇନ ବୋଲି ଲୋକ ପ୍ରତିନିଧି ଓ ମାଳି ଡଙ୍ଗର ସୁରକ୍ଷା ସମିତିର ସଦସ୍ୟମାନେ ଖବରଦାତା ସମ୍ମିଳନୀ କରି ଶନିବାର ସୂଚନା ଦେଇଛନ୍ତି। କୌଣସି ଗ୍ରାମସଭା ୱାର୍ଡ କିମ୍ବା ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହ ଗ୍ରାମବାସୀଙ୍କ ବିନା କରିବା ଆଇନ ସଙ୍ଗତ ନୁହେଁ ବୋଲି କହି କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାତୟର ୨ ଗ୍ରାମସଭାରେ ଲୋକ ପ୍ରତିନିଧି ଓ ଗ୍ରାମବାସୀ ଅନୁପସ୍ଥିତ ଥିଲେ। କେତେଜଣ ବାହାର ଲୋକଙ୍କ ସହ ସରକାରୀ କର୍ମଚାରୀଙ୍କୁ ନେଇ ଗ୍ରାମସଭା କରାଯାଇଥିଲା। ଏହାକୁ ଆମେ ବିରୋଧ କରୁଛୁ ବୋଲି ସେମାନେ କହିଛନ୍ତି। ୨ ଗ୍ରାମସଭାରେ ଆଇନର ଧାରା ୪(୧), ୪(୪), ୪(୫), ୫ ଓ ୬(୧)ର ଉଲ୍ଲଂଘନ କରାଯାଇଥିବା ଗଣମାଧ୍ୟମ ଜରିଆରେ ବ୍ଲକ୍,ଜିଲା ଓ ରାଜ୍ୟ ସରକାରଙ୍କୁ ଜଣାଇ ଦେଉଛୁ ବୋଲି କହିଥିଲେ। ଜଙ୍ଗଲ ଅଧିକାର ଆଇନ ୨୦୦୬ ମାର୍ଗଦର୍ଶିକା ପାରା ୫, ପେଶା ଆଇନ ୧୯୯୬ର ଧାରା ୪ କ, ଖ, ଗ ଓ ଦକୁ ଉଲ୍ଲଂଘନ କରାଯାଇଥିବା ସୂଚନା ଦୁଇ ଗ୍ରାମସଭାରେ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟ ଗ୍ରାମସଭାର ପୂର୍ବଦିନ ବାତିଲ କରିବାକୁ ଓ ପରଦିନ ଅସଫଳ ବୋଲି ଲିଖିତପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଗତ ୯ ତାରିଖରେ ଖଣି ଖନନ ପାଇଁ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମି ଭାବେ ମାନ୍ୟତା ଦେବାକୁ ହୋଇଥିବା ବାଲଡ଼ା ଓ ବନୂର ଗ୍ରାମସଭାକୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ନଚେତ୍ ୧୯୯୮ ଏସସି/ଏସ୍‌ଟି ଆକ୍ଟ ୩ର ଆଇ, ଏଫ୍‌ଓଜି ଅନୁସାରେ ଅଦାଲତର ଆଶ୍ରୟ ନେବୁ ବୋଲି କହିଛନ୍ତି।

ସମ୍ମିଳନୀରେ ବାଲଡା ପଞ୍ଚାୟତ ସମିତି ସଦସ୍ୟ ତଥା ବ୍ଲକ ଅଧ୍ୟକ୍ଷ ସାବିତ୍ରୀ କାର୍ତ୍ତୁଲ, ୱାର୍ଡସଭ୍ୟା ରୁକ୍ମଣୀ ଖୁବା, ଆଦୂ ଖିଲ, ପାର୍ବତୀ ଆର୍ଲାବ, ମୁନା ଜାନମ, ଶିଧେସ ଜାନମ, ଚକ୍ରଧର ଖରା, ରୁକ୍ମଣୀ ହନ୍ତାଳ, ବୈଦେହି ଶୀସା, ଜଗବନ୍ଧୁ ସୁକ୍ରୀ, ରୁକ୍ମଣୀ ଖରା, ରମ୍ଭା ଶୀସା, ନାଗେଶ୍ୱରି ମାଳି ଡଙ୍ଗର ସୁରକ୍ଷା ମଞ୍ଚ ସଭାପତି ମଧୁସୂଦନ ଦାଡିଆ, ସମ୍ପାଦକ ବିଜୟ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଅତଣ୍ଡା ପଞ୍ଚାୟତରେ ସମିତିସଭ୍ୟ ଏବଂ ୱାର୍ଡ ସଭ୍ୟ ମିଳିତ ହୋଇ ପ୍ରତିବାଦ କରିଛନ୍ତି। ନନ୍ଦପୁର ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ୨ ଗ୍ରାମସଭାରେ ସମସ୍ତ ନିୟମକୁ ପାଳନ କରାଯାଇଥିବା କୁହାଯାଇଛି। ୨ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗ୍ରାମସଭାର ଡାକରା ଦେଇ ପରିଚାଳନା କରିଥିଲେ। ପୋଲିସ ଓ ମାଜିଷ୍ଟ୍ରେଟ ଶାନ୍ତି ଶୃଙ୍ଖଳା ପାଇଁ ଉପସ୍ଥିତ ଥିଲେ। ଗ୍ରାମସଭା ପରେ ପ୍ରୋଶିଡିଂକୁ ଜିଲା ପ୍ରଶାସନ ଜରିଆରେ ରାଜ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ...

ଡାକ୍ତରୀ ଶିକ୍ଷା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଏହି ଘଟଣା ୨୦୨୪ ଅଗଷ୍ଟ ୯ରେ କୋଲକାତାସ୍ଥିତ ଆର୍.ଜି. କଲେଜ ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ସ୍ମୃତିକୁ ଉଜ୍ଜୀବିତ କରିଛି। ଆର୍.ଜି. କର ଘଟଣା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିବା ସହ କ୍ୟାମ୍ପସ୍ ସୁରକ୍ଷାରେ ସଂସ୍କାର ପାଇଁ ଦାବି ଉଠିଥିଲା। କିନ୍ତୁ ଏହାର ୧୪ ମାସ ପରେ ପୁନର୍ବାର ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ମମତା ବାନାର୍ଜୀ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା ବିରୋଧୀ ଭାଜପା ସମାଲୋଚନା କରିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର Xରେ କହିଛନ୍ତି, ପଶ୍ଚିମବଙ୍ଗ ବଳାତ୍କାରୀ ଓ ଅପରାଧୀଙ୍କ ପାଇଁ ଚରାଭୂଇଁ ପାଲଟିଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅମଳରେ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ମଧ୍ୟ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ମମତା ସରକାର ବିରୋଧରେ ସ୍ଲୋଗାନ ଦେଉଥିବାବେଳର ଫଟୋ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ବିରୋଧୀ ଦଳଗୁଡ଼ିକୁ ଟିଏମ୍‌ସି ପରାମର୍ଶ ଦେଇଛି।

ସେପଟେ ପୀଡ଼ିତାଙ୍କ ବାପା ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରୁନାହିଁ। ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ଦୋଷୀଙ୍କ ବିରୋଧୀରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ପୀଡ଼ାଦାୟକ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ଏକ ପୋଷ୍ଟକରି କହିଛନ୍ତି, ଏହି ଖବର ଶୁଣି ସେ ଗଭୀର ମର୍ମାହତ। ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମମତାଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରିବା ସହ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ଯୋଗାଯୋଗକରି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ବିବାଦରେ ଆଫଗାନ...

ନୁହେଁ ବୋଲି ଶନିବାର ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏଭଳି ଭେଦଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ତାଙ୍କର ନାରୀ ଶକ୍ତି ସ୍ଲୋଗାନ୍‌ର ଫମ୍ପା ଆବାଜକୁ ପଦାରେ ପକାଇଥିବା ବିରୋଧୀ କହିଛନ୍ତି। ଏକ ସର୍ବସାଧାରଣ ଫୋରମ୍‌ରୁ ମହିଳା ଖବରଦାତାଙ୍କୁ ବାଦ୍‌ଦେବା ଘଟଣାରେ ପ୍ରଧାନମନ୍ତ୍ରୀଙ୍କର ଏହା ବିରୋଧରେ ଛିଡ଼ାହେବାକୁ ଦୁର୍ବଳ ବୋଲି ପ୍ରତ୍ୟେକ ଭାରତୀୟ ମହିଳାଙ୍କୁ ଜଣାଇଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏଭଳି ଘଟଣା ଦେଶର ଅଧିକାଂଶ ଦକ୍ଷ ମହିଳାଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଭାରତରେ ମହିଳା ସାମ୍ବାଦିକଙ୍କୁ ନିଷେଧ କରିବା ଘଟଣାକୁ ଭାରତ ସରକାର କିପରି ଗ୍ରହଣ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଏଥିରେ କୌଣସି ଭୂମିକା ନ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଫଗାନ ମନ୍ତ୍ରୀଙ୍କ ଗସ୍ତ ପାଇଁ ଦିଲ୍ଲୀରେ ଅବସ୍ଥାପିତ ମୁମ୍ବାଇର ଆଫଗାନ କନସୁଲ୍ ଜେନେରାଲ ନିର୍ଦ୍ଦିଷ୍ଟ ଖବରଦାତାମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତ ସରକାରଙ୍କ କ୍ଷମତା ପରିସରରେ ଆସୁ ନ ଥିବା ମନ୍ତ୍ରଣାଳୟ ସଫେଇ ଦେଇଛି।

## ତାଲିବାନ୍‌ଙ୍କ ପାଇଁ...

ମାନଙ୍କର ବିବେକ ଥିଲେ, ସେମାନେ ସେଠାରୁ ଉଠି ଚାଲିଯାଇଥାନ୍ତେ କହି ତସ୍‌ଲିମା ସେମାନଙ୍କୁ ସମାଲୋଚନା କରିଛନ୍ତି। ଆଫଗାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଖବରଦାତା ସମ୍ମିଳନୀରେ ମହିଳା ଖବରଦାତାଙ୍କୁ ଯୋଗଦେବା ଲାଗି ଅନୁମତି ମିଳି ନ ଥିଲା। ତାଲିବାନ୍ ଦ୍ୱାରା କାର୍ଯ୍ୟକାରୀ ଇସ୍‌ଲାମ ଅନୁଯାୟୀ, ମହିଳାମାନେ କେବଳ ଘରେ ରହି ପିଲାଙ୍କ ଯତ୍ନ ନେବା ସହ ସ୍ୱାମୀ ଓ ପିଲାମାନଙ୍କ ସେବା କରିବେ ବୋଲି ଆଶା କରାଯାଏ। ସେଠାର ସ୍ତ୍ରୀଦ୍ୱେଷୀ ପୁରୁଷମାନେ ମହିଳାଙ୍କୁ ଘର ବାହାରେ ଦେଖିବାକୁ ଚାହାନ୍ତି ନାହିଁ ବୋଲି ତସ୍‌ଲିମା କହିଛନ୍ତି।

## ମହାକାଶ ଯିବ...

ଟେକ୍ନୋଲୋଜି ମାଧ୍ୟମରେ ସୃଷ୍ଟି କରାଯାଇଥିବା ଏହି ମହିଳା ରୋବୋ ମହାକାଶରେ ତଥ୍ୟ ସଂଗ୍ରହ କରି ଇସ୍ରୋକୁ ପଠାଇବ। ମହାକାଶର ପରିବେଶ ମଣିଷଙ୍କ ଉପରେ କିଭଳି ପ୍ରଭାବ ପକାଇବ, ସେଠାରେ ମଣିଷ ଜୀବିତ ରହିପାରିବେ କି ନାହିଁ ସେ ସମ୍ପର୍କରେ ବ୍ୟୋମମିତ୍ର ମାଧ୍ୟମରେ ଅନୁଧ୍ୟାନ କରାଯିବ। ଏଥିସହ ସେଠାକାର ତାପମାତ୍ରା, ବାୟୁର ଚାପ, ଆର୍ଦ୍ରତା ସମ୍ବନ୍ଧୀୟ ତଥ୍ୟ ପୃଥିବୀ ପୃଷ୍ଠକୁ ପଠାଇବ ରୋବୋ। ସେହିପରି ଚନ୍ଦ୍ରୟାନ-୨ ପାଇଁ ମଧ୍ୟ ଆବଶ୍ୟକ ଯନ୍ତ୍ରାଂଶ ଏଠାରେ ତିଆରି କରାଯାଇଥିଲା ବୋଲି ସିଟିସି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସିଟିସି ପକ୍ଷରୁ ଏକ ଡକିଂ ଫାସିଲିଟି ମଧ୍ୟ ବିକଶିତ କରାଯାଉଛି, ଯାହାକୁ ଇସ୍ରୋ ମହାକାଶର କ୍ଲିନିଂ କାର୍ଯ୍ୟରେ ବ୍ୟବହାର କରିପାରିବ। ସିଟିସିର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର କହିଛନ୍ତି, ସ୍ପେସ୍‌ରେ ଯେଉଁସବୁ ପୁରୁଣା ସାଟେଲାଇଟ ଘୂରିବୁଲୁଛି, ସେ ସବୁକୁ କ୍ଲିନ୍ କରିବା ପାଇଁ ଏହି ଡକିଂ ଫାସିଲିଟି ପ୍ରସ୍ତୁତ ହୋଇଛି। ଏହା ଚନ୍ଦ୍ରୟାନ ଲାଣ୍ଡିଂ କରିଥିବା ସ୍ଥାନ ଅନୁସାରେ ଏହାର ନାମ 'ଶିବଶକ୍ତି' ରହିଛି। ଏହି ଅତ୍ୟାଧୁନିକ ମେଶିନ ସ୍ପେସ୍ ଷ୍ଟେଶନରୁ ସମସ୍ତ ଅଦରକାରୀ ବା ପୁରୁଣା ସାଟେଲାଇଟ୍‌କୁ ସଂଗ୍ରହ କରିବ ବୋଲି ସେ କହିଛନ୍ତି। ସେହିପରି ସିଟିସିର ପ୍ରଡକ୍ସନ ମ୍ୟାନେଜର କେ. ବିଜୟ କୁମାର କହିଛନ୍ତି, ଇସ୍ରୋ ପାଇଁ ସିଟିସି ବହୁ ଦିନରୁ କାର୍ଯ୍ୟ କରୁଛି। ଏହି ଜିନିଷ ସବୁ ତିଆରି କରିବା ପାଇଁ ବହୁ କମ୍ପୋନେଣ୍ଟ୍‌ର ବ୍ୟବହାର କରାଯାଇଛି। ତେବେ ରୋବୋ 'ବ୍ୟୋମମିତ୍ର'ର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଆରମ୍ଭ କରାଯାଇଛି। ଏଥିରେ ୩ଡି ସହିତ ବହୁ ଆଧୁନିକ ଉପକରଣ ବ୍ୟବହାର କରାଯାଇଛି। ମହାକାଶରେ ରୋବୋ ସ୍କାନିଂ କରିବା ସହିତ ରାଡାରର ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।

---

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (17.10.2025 - 195th & 196th E-auction)**
**IRON ORE CLO & FINES**

**No.CAD-1964** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna - Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 17.10.2025**. For details, please visit the website of MSTC i.e. www.mstcecommerce.com

OIPR-30005/11/0279/2526 — Chief General Manager (S&M)

---

**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT,**
**GOVERNMENT OF ODISHA**

**ADDENDUM**

No.CAD-An addendum to the Request for Proposal (RFP) No.865 dated 26.09.2025 has been uploaded on the official websites of ST & SC Development Department and OMTES, regarding the conduct of the 4th National EMRS Sports Meet, 2025, scheduled to be held in Sundargarh District from 11th to 15th November 2025.

For details of the Addendum, please visit website- www.omtes.org and http://stsc.odisha.gov.in.

OIPR-26009/11/0012/2526 — **Sd./- Secretary, OMTES**

---

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୬୫ — **ବିଜ୍ଞାପନ** — ତା:୧୮।୯।୨୫

No. CAD-1983: ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.–୧–୬୩ (MIG-1-63), ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ, ଝାରସୁଗୁଡ଼ାରେ ଶ୍ରୀ ବିଭୂତି କୁମାର ତିୱାରୀ, ପିତା: ସୁଦିଶ ତିୱାରୀ, ଗ୍ରା: ଗୋଶାଳା ରୋଡ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଭୂତି କୁମାର ତିୱାରୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଦଲଜିତ କଉର, ପିତା: ଚରଣ ସିଂ, ଗ୍ରା: ହାଉସିଂ ବୋର୍ଡ କଲୋନୀ, ପୋ: ଏକାତାଲୀ, ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0884/2526

---

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com

**"e" Procurement Notice for Road Works**
**Identification No. Online NCB - 08/2025-26**
No.O-959

1 Name of the work : Road Works
2 Total Number of Work : 24 Nos.
3 Estimated Cost : Rs.5.08 Lakhs to Rs.52.54 Lakhs
4 Class of Contractor : 'D', 'C' & 'B' Class
5 Period of Completion : As per annexure of e-Procurement Notice No.08/2025-26
6 Other Details :

| Procurement Officer | Bid Identification No. | Availability of tender Online for bidding: From | Availability of tender Online for bidding: To | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.08 | Dt.15.10.25 at 11.00 A.M. | Dt.30.10.25 up to 5.00 P.M. | Dt.29.10.25 up to 5.00 P.M. | Dt.31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

OIPR-25093/11/0022/2526 — Sd./- Executive Engineer, R.W.Divn. No.-II, Keonjhar

---

GOVERNMENT OF ODISHA — No.B-592
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com

**e-Procurement**
**BID IDENTIFICATION NO. CCENC (R AND B) / 14 / 2025-26**
No. 3703 Dtd. 06.10.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road Work and Bridge Work** as detailed in the DTCN from the eligible class of contractors.
2. No. of works : **(02 Nos) (Road Works)**
3. Tender Cost : **Rs. 10,000/-**
4. Class of contractor : **"A" Class and "Special" Class**
5. Date & Time of available in website & receipt of Bids from **14.10.2025** to **17.00 hours of 29.10.2025.**
6. Date of opening of Technical Bid **30.10.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

Sd./- Chief Construction Engineer, Northern (R&B) Circle, Sambalpur
OIPR-34035/11/0047/2526

---

**GOVERNMENT OF ODISHA** — No.MM-227
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.07/2025-26
**Tender Notice Call for Construction of Civil Work**
Office Order No.212 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Construction of Forest Guard Qtr. of Gaddwar Beat, Gopalpur Section, Gopalpur Range under Sundargarh Forest Division 2.Construction of Forest Guard Qtr. of Gambharidihi Beat, Ujalpur Section, Ujalpur Range under Sundargarh Forest Division. 3.Construction of Forester Qtr. at Gundiadihi in Lephripara Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D", "C" & Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.14.10.2025 to 5.00 P.M. of Dt.24.10.2025. |
| 7 | Date of Opening of Bid | :- | At 11.00 A.M. of Dt.27.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer, Sundargarh Forest Division
OIPR-08034/11/0024/2526

---

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**ଘୋଷଣା**

**File No.PT1-COLKHD-LA-MISC-0076-2023**
**Declaration No-1408/LA/KHD/25, Dated 16.08.2025**

**No.XXXIII-21**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୁବନେଶ୍ୱର ସହର**, ୟୁନିଟ-୩୯, ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୦.୧୩୫ ଡିସିମିଲି ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା.୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୁବନେଶ୍ୱର ସହର** ୟୁନିଟ-୩୯ ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା — ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯, ଗାଡକଣ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୩୩୦ ଡିସିମିଲ | ଏ ୦.୧୩୫ ଡିସିମିଲ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା — ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୦୯.୨୦୨୫।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଖୋର୍ଦ୍ଧା

**ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ**
(ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,
ମୌଜା-ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକରଣ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୯୧୦ | ୪୧ | ଶାରଦ ଅଣ ଜଳ ସେଚିତ-୨ | ଏ. ୦.୨୦୦ ଡି. | ଏ ୦.୦୦୫ ଡି | ସୁନାକର ସାହୁ, ପି:ଡମେଇ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୩୬୧୭ | ୪୨/ ୧୦୯୩୨ | ଘରବାରି | ଏ ୦.୦୬୦ ଡି | ଏ ୦.୦୬୦ ଡି | ରୋହିତାଶ୍ୱ ନାୟକ, ପି: ବିଶ୍ୱନାଥ ନାୟକ, ଜା:ଭୂୟାଁ, ବା:ନିଜଗାଁ |
| | | | ୨୯୧୦ | ୪୨/ ୧୧୧୨୩ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୦୭ ଡି. | ଏ ୦.୦୦୦୭ ଡି. | ସୁନାକର ସାହୁ, ପି: ଡମେଇ ସାହୁ, ଜା: ତେଲି, ବା:ନିଜଗାଁ |
| | | | ୪୭୧୧ / ୩୦୨୪ | ୪୨/ ୧୧୧୨୩ /୧୪୩୯୦ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୯୩ ଡି. | ଏ ୦.୦୦୯୩ ଡି. | ପ୍ରଫୁଲ୍ଲ କୁମାର ମଲ୍ଲିକ, ପି:ଧନେଶ୍ୱର ମଲ୍ଲିକ, ଜା:କଣ୍ଡରା, ବା: ପ୍ଲଟ ନଂ.ଏମଆଇଜି-୧ ୫୭/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |
| | | | ୨୮୯୦ | ୪୨/ ୧୧୩୨୭ | ଶାରଦ ଅଣ ଜଳ ସେଚିତ-୨ | ଏ.୦.୦୬୦ ଡି. | ଏ ୦.୦୬୦ ଡି | ଜୟମାଳା ନାୟକ, ସ୍ୱା: ଭାବ ଭଞ୍ଜନ ନାୟକ, ହେମ ଗୌର ଚିନ୍ମୟ କୁମାର ନାୟକ, ଟୋମାସ ନାୟକ, ପି: ଭାବ ଭଞ୍ଜନ ନାୟକ, ଜା:ଗଣ୍ଡ, ବା: ସୁନାମୁହିଁ, ଥାନା-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ ହା ବା:ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ ୦.୧୩୫ ଡିସିମିଲ

OIPR-24381/14/0009/2526 — ସ୍ୱା./– ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

---

**Government of Odisha** — No.O-967
**"e" Procurement Notice**
Letter No.3933, Dated 09.10.2025
Bid Identification No.TENDER ONLINE SNPR-03 OF 2025-26

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 02 (Two) Nos.
3. Approximate Estimated Cost : Vary from Rs.23.57 lakh to Rs.47.70 Lakh
4. Period of Completion: 06 (Six Calendar Months) to 9 (Nine Calendar Months)
5. Period and time of availability of bid document in the portal for bidding : 13.10.2025 at 11.00 AM to 24.10.2025 upto 5.00 PM.
6. Date and Time of Opening of Tender: 27.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

Sd./- Executive Engineer, Rural Works Division, Sonepur
OIPR-25054/11/0037/2526

---

**OFFICE OF THE**
**SORO MUNICIPALITY, SORO, BALASORE**
No. 4471 — Date: 10.10.2025

**"e" Procurement Notice**
**BID Identification No. SOROM_03_2025-26**

No. C-1257: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN
2. No. of Works : 02 Nos.
3. Estimated Cost : As per Work List
4. Period of Completion : 180 days
5. Date & time of availability of Bid documents in the portal : 13.10.25 at 10.00 A.M. to 22.10.25 upto 5.00 P.M.
6. Last date & time for receipt of bids in the portal : 22.10.2025 upto 05.00 P.M.
7. Technical Bid received online shall be opened on : 23.10.2025 at 10.00 A.M.
8. Financial Bid received online shall be opened on : 24.10.2025 at 10.00 A.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersodisha.gov.in**.

Sd./- Executive Officer, Soro Municipality
OIPR-13166/11/0019/2526

---

**"e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-03/25-26**

No.1792 — Date : 08.10.2025

**No.L-78** : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No. of work : 18
2. Estimate cost : Rs.2,25,764.00 To Rs.39,52,939.00
3. Period of completion : 60 days to 150 days
4. Date & time of availability of the Bid documents in the portal : Dt.13.10.2025 at 10.30 A.M. to Dt.24.10.2025 at 5.30 P.M.
5. Online Submission Last date in portal : Dt.24.10.2025 at 5.30 P.M.
6. Last date & time receipt of bids in offline drop : Dt.14.10.2025 at 10.30 A.M. to Dt.27.10.2025 at 5.30 P.M.
7. Bids received online shall be opened on : Dt.28.10.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

Sd./- Executive Engineer (Agril.), Mayurbhanj Division, Baripada
OIPR-01474/11/0013/2526

---

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR- 12
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com

**REQUEST FOR PROPOSAL (e-Tender)**
**RFP Advt. No. IT-25/2025/8359/OLIC, Dated : 09.10.2025**

**No.CAD-1986** : Request for Proposals are Invited from Eligible Bidders for "Selection of Recruitment Agency to conduct Computer Based Test (CBT) for Recruitment of different Posts for and on behalf of 'Odisha Lift Irrigation Corporation Limited' .The tender document with all information relating to the tender process, including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website http//:odishalift.com and www.tendersodisha.gov.in

| | | |
|---|---|---|
| 1 | Availability of RFP document | From Date 10.10.2025 at 11.00 AM Downloadable from website: http//:odishalift.com and www.tendersodisha.gov.in |
| 2 | Pre-Bid Meeting | On Date 18.10.2025 at 16:00 Hours at OLIC Conference Hall. |
| 3 | Last date and time for online Submission of completed proposal. | Through e-Procurement Portal: <www.tendersodisha.gov.in> Dt. 01.11.2025 up-to 17:00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On dt. 03.11.2025 at 11:30 Hours at OLIC Head Office |
| 5 | Technical Presentation by the prequalified Bidders only | Shall be communicated to such bidders only via e-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |
| 7 | Place of opening of Technical & Financial Bids | Odisha Lift Irrigation Corporation Ltd., Plot No. N-17/2, Nayapalli, Bhubaneswar 751012 |

Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The authority reserves the right to cancel any or the entire selection process, may increase or decrease the quantity without assigning any reason thereof.

OIPR-32135/11/0064/2526 — Sd./- Managing Director, OLIC Ltd, Bhubaneswar

---

**GOVERNMENT OF ODISHA** — No.MM-225
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.08/2025-26
**Tender Notice Call for Construction of Civil Work**
Office Order No.214 — Dated 09.10.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Excavation of Large Water Body (50x40x3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division. 2.Excavation of Large Water Body (50x40x3 mtr) at Garjanpahad RF near Ostali village of Hemgir Section in Hemgir Range under Sundargarh Forest Division. 3.Excavation of Large Water Body (50x40x3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D" & "C" Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.17.10.2025 to 5.00 P.M. of Dt.27.10.2025. |
| 7 | Date of Opening of Bid | :- | At 11.00 A.M. of Dt.30.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer, Sundargarh Forest Division
OIPR-08034/11/0022/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସଫଳତା



**ଭୁବନେଶ୍ୱର,୧୧।୧୦**

ବିଏମ ବିର୍ଲା ହାର୍ଟ ହସ୍ପିଟାଲ ପୂର୍ବ ଭାରତରେ ପ୍ରଥମ କେନ୍ଦ୍ର ଭାବେ ଡୁଆଲ-ଚାମ୍ବର୍ ଲିଡ୍‌ଲେସ୍ ସଫଳତାର ସହ ପ୍ରତ୍ୟାରୋପଣ କରିଛି। ଡାକ୍ତର ଅନିଲ ମିଶ୍ରଙ୍କ ନେତୃତ୍ୱରେ ଏହି ଅଭିନବ ଏଭେଇର୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଭିଟାମିନ କ୍ୟାପସୁଲ୍ ଆକାରର ଏହି ବେତାର ପେସମେକର୍ ଅପେକ୍ଷାକୃତ କମ୍ ବିପଦପୂର୍ଣ୍ଣ, ୧୮-୨୦ ବର୍ଷ ଆୟୁଷ ଓ ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ। ଏହା ହୃଦରୋଗ ଚିକିତ୍ସାରେ ଏକ ବିପ୍ଳବ ବୋଲି ହସପିଟାଲ ପକ୍ଷରୁ କୁହାଯାଇଛି।

# ମାଲାବାରର ହୀରା ଅଳଙ୍କାର ପ୍ରଦର୍ଶନୀ



**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଷ୍ଟୋରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଶନିବାର ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମାଲାବାରର ସବ୍‌ବ୍ରାଣ୍ଡ 'ମାଇନ୍ ଡାଇମଣ୍ଡସ୍'ରୁ ଉତ୍କୃଷ୍ଟ ଡିଜାଇନ ଏଠାରେ ପ୍ରଦର୍ଶନ କରାଯାଇଛି। ହୀରା ହାର, ମୁଦି,କାନଫୁଲ, ନାକଫୁଲ, ବାଙ୍ଗେଲ ଆଦି ସ୍ୱତନ୍ତ୍ର ଡିଜାଇନ ସହ ଏଠାରେ ଉପଲବ୍ଧ ରହିଛି। ଧନ୍‌ତେରସ୍ ଏବଂ ଦୀପାବଳି ଅବସରରେ ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା, ମୂଲ୍ୟବାନ୍ ପଥର ଏବଂ ଅନ୍‌କଟ୍ ହୀରା ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀଙ୍କୁ ୨୫୦୦ ଟଙ୍କା କ୍ୟାଶ୍ ବ୍ୟାକ୍ ପ୍ରଦାନ କରୁଛି। 'ମାଲାବାର'ର ଅଧକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଚନ୍ଦ୍ରଶେଖରପୁରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଆରମ୍ଭକରି ଖୁବ୍ ଆନନ୍ଦିତ। ଗ୍ରାହକଙ୍କ ପାଇଁ ଏକ ଉତ୍କୃଷ୍ଟ ହୀରା କଲେକ୍ସନ ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ଷ୍ଟୋର ଜିଏମ୍ ଗୌରୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ମାଲାବାର ସର୍ବନିମ୍ନ ୧୫ ହଜାର ଟଙ୍କାରୁ ହୀରା ଅଳଙ୍କାର ପ୍ରଦର୍ଶନୀ ବିକ୍ରି ଆରମ୍ଭ କରିଛି। ଆଡଭାନ୍ସ ବୁକିଂକରି ଗ୍ରାହକ ଅଧିକ ଉପକୃତ ହୋଇପାରିବେ । ବୁକିଂ ତାରିଖ ଓ କ୍ରୟ ତାରିଖ ମଧ୍ୟରୁ ସୁନା ଦାମ କମ୍ ରହିଥିବା ଦିନର ଦାମରେ ଗ୍ରାହକ ବୁକ୍ କରିଥିବା ଅଳଙ୍କାର ନେଇପାରିବେ। ଏହି ଅଫର ସାରା ଓଡ଼ିଶାର ୮ଟି ଷ୍ଟୋରରେ ବୈଧ ରହିବ ବୋଲି ସେ କହିଛନ୍ତି।

# ୨ୟ ଥର ପାଇଁ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ




**ଭୁବନେଶ୍ୱର,୧୧।୧୦**

ଦ୍ୱିତୀୟ ଥର ପାଇଁ ରାଜ୍ୟର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ କମ୍ପାନୀ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଡିଅନ୍ ଗ୍ରୁପ୍ ଗତ ୧ ଦଶନ୍ଧି ମଧ୍ୟରେ ଭୁବନେଶ୍ୱର ଏବଂ କଟକରେ ଏକାଧିକ ରିୟଲ ଇଷ୍ଟେଟ ପ୍ରୋଜେକ୍ଟ ସମ୍ପନ୍ନକରି ପ୍ରତିଷ୍ଠା ଲାଭ କରିଛି । ଏହି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ମନୋଜ କୁମାର ସାହୁଙ୍କୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଥାଉକି, ଡିଅନ୍ ଗ୍ରୁପ୍ ପକ୍ଷରୁ କଟକ ତ୍ରିଶୂଳିଆଠାରେ ୯୦୦ ମେଗା ଫ୍ଲାଟ୍ ବିଶିଷ୍ଟ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।


## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜଚିନ୍ଦ୍ର କୁମାର ରାୟ**
ଜିଡିକାରସ୍ଥାଁଲୋ, ଭିଙ୍ଗାରପୁର, ଗୋର୍ଦ୍ଧା

ଆବିର୍ଭାବ - ୨୭/୦୭/୧୯୭୮ ● ତିରୋଧାନ - ୧୯/୧୦/୨୦୧୯

ଆଜିର ଏହି ପୁଣ୍ୟତିଥିରେ ଆମେ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ
ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ବନ୍ଧୁ ଓ ପରିବାରବର୍ଗ

ଧ-୨୨୪୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାର ଦାସ**
ବାରିପଦା, ମୟୂରଭଞ୍ଜ

ଆବିର୍ଭାବ: ୦୧।୦୨।୧୯୪୬
ତିରୋଧାନ: ୦୫।୧୧।୨୦୨୦


ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୨୨୪୭

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଫେଷ୍ଟିଭ କଲେକ୍ସନ୍




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ) ଚଳିତ ପାର୍ବଣଋତୁରେ ଏହାର ଧନ୍‌ତେରସ୍ ସଗୁନ୍ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଏହି ଜୁଏଲେରି ବ୍ରାଣ୍ଡ ପାର୍ବଣ ଋତୁର ଉତ୍ସାହକୁ ପାଳନକରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସଗୁନ୍ କଲେକ୍ସନ ଯଥା ୟେଲୋ ଗୋଲ୍ଡ ଡାଇମଣ୍ଡ, ଆଣ୍ଟିକ୍ ଓ ପୋଲ୍‌କିରେ ନିର୍ମିତ ଡିଜାଇନଗୁଡିକର ଏକ ଫେଷ୍ଟିଭ ରେଞ୍ଜ ଆଣିଛି। ଏହି ସିଗ୍ନେଚର କଲେକ୍ସନକୁ ପରିପୂର୍ଣ୍ଣ କରୁଛି ସ୍ୱତନ୍ତ୍ର ଭାବେ ନିର୍ମିତ ଫେଷ୍ଟିଭ ଅଫରିଙ୍ଗ। ଦ ଲୋଟସ୍ କଲେକ୍ସନ ବାଏ ଏଭରଲାଇଟ୍‌ରେ ୯ କ୍ୟାରେଟ୍ ଗୋଲ୍ଡ ଜୁଏଲେରିରେ ଟ୍ରେଣ୍ଡି ଓ ହାଲୁକା ଜୁଏଲେରି, ଦ ତତ୍ତ୍ୱ କଲେକ୍ସନ ବାଏ ଗସିପ୍ ଫ୍ୟାଶନ-ଫର୍‌ୱାର୍ଡ ସିଲ୍‌ଭର ଜୁଏଲେରି, ପୁରୁଷଙ୍କ ପାଇଁ ଅହମ କଲେକ୍ସନ ଜୁଏଲେରି ରହିଛି । ପର୍‌ଫେକ୍ଟ ଲଭ୍ ହାର୍ଟସ ଆଣ୍ଡ ଆରୋସ୍ କଟ୍ ଡାଇମଣ୍ଡ ଜୁଏଲେରି ରହିଛି। ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ଜୋଇତା ସେନ୍ କହିଛନ୍ତି, ଧନତେରସ୍ ସଗୁନ୍ କ୍ୟାମ୍ପେନ ସୁନାର ପ୍ରତ୍ୟେକ ଝଲକ ପ୍ରେମର ଉଷ୍ମତାକୁ ପ୍ରତିଫଳନ କରୁଛି। ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଟୋବର ୭ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶୋ'ରୁମ୍‌ରେ ଉତ୍ସାହଜନକ ଡିଲ୍‌ର ଏକ ରେଞ୍ଜ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତିର ଲାଭ ଉପଭୋଗ କରିପାରିବେ।

# ସିଏମ୍‌ପିଡିଆଇ ପକ୍ଷରୁ ଖଣିଜ ସମ୍ଭାବନା ଉପରେ କର୍ମଶାଳା



**ଭୁବନେଶ୍ୱର,୧୧।୧୦**

ରାଞ୍ଚିସ୍ଥିତ ଏକ ହୋଟେଲରେ ସିଏମ୍‌ପିଡିଆଇ ପକ୍ଷରୁ 'ମିନରଲାଇଜ-୨୦୨୫: ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜକୁ ଉନ୍ମୁକ୍ତ କରିବା: ଅନୁସନ୍ଧାନ ଓ ଲାଭକାରୀ ମାର୍ଗ' ବିଷୟରେ ଦିନିକିଆ ରାଷ୍ଟ୍ରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଭାରତର ଆତ୍ମନିର୍ଭରତା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ସହାୟକ ହେବ। କୋଲ ଇଣ୍ଡିଆ ଅଧକ୍ଷ ପି.ଏମ. ପ୍ରସାଦ ଭର୍ଚୁଆଲ ମାଧ୍ୟମରେ କର୍ମଶାଳାର ଉଦ୍‌ଘାଟନ କରିଥିଲେ। କୋଲ ଇଣ୍ଡିଆର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ, ସିଏମ୍‌ପିଡିଆଇର ଅଧକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଅନୁସନ୍ଧାନ) ଆର୍.କେ. ସିଂହ ନେଇଥିଲେ। ପ୍ରସାଦ ରେୟାର୍ ଆର୍ଥ ଏଲିମେଣ୍ଟ ଉପରେ କର୍ମଶାଳା ଆୟୋଜନ ପାଇଁ ସିଏମ୍‌ପିଡିଆଇକୁ ପ୍ରଶଂସା କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନରେ ବିବିଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।


# Classified Everyday
0674-2580101, 9692975378



**MATRIMONIAL**

**BRIDE WANTED**

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

**GROOM WANTED**

ବୟସ 27, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244



**REAL ESTATE**
**SALE**

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Book 3/4BHK premium flat at Jharapada canal road & Pokhariput, near Government Hospital @ 6000/- sqft. Handover December 2026. Contact- 7978584549.** D-76863

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497



**CONSTRUCTION**

Construct your home with branded materials, all complete furnishing, price start 1350/- per sqft. 9827152441. D-76865




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

**AFFIDAVIT**

I, Bibhuti Bhusan Mallick, S/o- Jogendra Mallick, At- Andarpur, P.O.- Kalyaninagar, P.S.- Madhupatna, Cuttack- 753013 declare by affidavit No.- 9998, dt 08.10.25 that henceforth I shall be known as Bibhuti Bhusan Mallick, S/o- Jogendra Mallick for all purposes. D-2239

I, Gautam Kumar Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha-752101 declare by this Affidavit No. 253, Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2226

By virtue of an affidavit sworn before the Executive Magistrate, Muniguda on dated 09.10.2025, (Sl No.- 1695/25) I, Yerukula Krishna Rao on behalf of my (minor) son Y. Akhil of Village/ P.O./P.S.- Muniguda, Dist.- Rayagada declare that I have changed my son's name from Y. Akhil to Yerukula Akhil. Henceforth, my son shall be known as Yerukula Akhil for all purpose. D-2236

By virtue of an affidavit sworn before the Executive Magistrate, Muniguda on dated 09.10.2025 (SL No.- 1694/25) I, Yerukula Lakshmi of Village/P.O./ P.S.- Muniguda, Dist.- Rayagada declare that I have changed my name from Y.Lakshmi to Yerukula Lakshmi. Henceforth, I myself shall be known as Yerukula Lakshmi for all purpose. D-2237

By virtue of affidavit sworn before Notary Public, Angul, dt 02.01.2025, I, Jitu Sahu, Address- Sanakerjanga, Golabandha Nisha, Angul, Odisha, India declare that I have changed my daughter's name from Ranee Sahu to Biswabijayani Sahu. Henceforth, she shall be known as Biswabijayani Sahu for all purposes. D-76498

By virtue of an affidavit sworn before the Notary Public, Cuttack on 23.07.2025, I, do hereby declare that I have changed my name & husband name from Bijay Pradarshanni Achary, W/o- Mrutyonjaya Acharya to Bijoya Priyadarshani Acharya, W/o- Mrutyunjay Acharya, Res.- Tarando, P.O.- Barua, Dist.- Kendrapara. Henceforth, I will be known as Bijoya Priyadarshani Acharya, W/o- Mrutyunjay Acharya for all purposes.
Sd./- BIJOYA PRIYADARSHANI ACHARYA D-2240

I, Natik Jain, S/o- Amit Kumar Jain, resident of Chauliaganj Main Road, Panna Villa, Nayabazar, Cuttack, Odisha 753004 declared by this affidavit No.- 77AA 229483, dtd. 10.08.2025 that now onwards I shall be known as Naitik Jain for all future purposes. D-2242

By virtue of an affidavit sworn before Notary Public, Bhubaneswar on dt. 04.10.2025, I, Jaya Narayan Akshil Nath, S/o- Late Krushna Chandra Nath, resident of Plot No.- 2072/2517, Gothapatana, Infront of Mantra Manor, P.O.- Malipada, Bhubaneswar, Dist.- Khurda-751029, Odisha declare that my actual and real name is Jaya Narayan Akshil Nath which reflect in my service record but in some documents my name was written as J. N. Akhil Nath and some other documents it is Jayanarayan Akhila Nath and other documents also written as J.N.A. Nath instead of my actual name i.e. JAYA NARAYAN AKSHIL NATH. That, Jaya Narayan Akshil Nath and J.N. Akhil Nath and Jayanarayan Akhila Nath and J.N.A. Nath is one and same person who is myself. Henceforth, I shall be known as JAYA NARAYAN AKSHIL NATH for all purposes. D-2233

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manoranjan Sahu, S/o- Haripad Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, PIN- 756019, Odisha declare by this affidavit No.- 2454, Vol.- XX, dated 25.09.2025, that now onwards I shall be known as MANORANJAN SAHOO for all future purposes. D-2243

By virtue of an affidavit sworn before the Executive Magistrate, Vyasanagar, dated- 04.07.2025, I, Santosh Kumar Jena, Address: At/P.O.- Manatira, P.S.- Jakhapura, Dist.- Jajpur declare that I have changed my name from Santosh Jena to Santosh Kumar Jena. Henceforth, I shall be known as Santosh Kumar Jena for all purposes.
Sd./- Santosh Kumar Jena D-2245

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୟାରିୟର ପାଇଁ ସ୍ପୋର୍ଟ୍ସ



**କ୍ରୀଡ଼ା! ଏହା ନା କେବଳ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରେ, ବରଂ ଏହା କେବେ ସମାଜରେ ଜଣଙ୍କୁ ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ତ ଆଉ ପୁଣି କେବେ କ୍ୟାରିୟର ଗଢ଼ିବା ଦିଗରେ ବି ହୋଇଥାଏ ସହାୟକ...**

କ୍ରୀଡ଼ା ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଯେଉଁଥିପାଇଁ ସ୍କୁଲ୍, କଲେଜସ୍ତରରେ ବି ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ଛଡ଼ା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ଲାଗି ଜିଲା, ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କୁ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ତଥା ଖେଳ କୋଟାରେ ଭଲ ଜବ୍ ପାଇବାର ଭରପୂର ସୁଯୋଗ ବି ରହିଛି।

**ସ୍କୁଲ୍ ସ୍ତରରୁ ପଡ଼େ ମୂଳଦୁଆ:** କ୍ରୀଡ଼ାର ଆରମ୍ଭ ସ୍କୁଲ୍‌ସ୍ତରରୁ ହିଁ ହୋଇଥାଏ। ସିବିଏସ୍‌ସି, ଆଇସିଏସ୍‌ଇ ସହ ଷ୍ଟେଟ୍ ବୋର୍ଡ ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଖେଲୋ ଇଣ୍ଡିଆ ସ୍କୁଲ୍ ଗେମ୍ସ, ସ୍କୁଲ୍ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ, ବିଭିନ୍ନ ଇଣ୍ଟର ସ୍କୁଲ୍ ଟୁର୍ନାମେଣ୍ଟ ସହିତ ବିଭିନ୍ନ ଜିଲା, ରାଜ୍ୟ ତଥା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଏଥିରେ ଭଲ ପ୍ରଦର୍ଶନ କରୁଥିବା ଏବଂ ଏ ଦିଗରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ କ୍ରୀଡ଼ା ଏକାଡେମୀରେ ପ୍ରଶିକ୍ଷଣ ନେବା ଲାଗି ଭରପୂର ଅବସର ଯୋଗାଇ ଦିଆଯାଉଛି।

**କଲେଜରେ କ୍ରୀଡ଼ା ଏବଂ ସ୍କଲାରଶିପ୍:** କେତେକ କଲେଜରେ ପାଠ ପଢ଼ିବା ଲାଗି ଖେଳ କୋଟାରେ ଆଡ୍‌ମିଶନ୍ ବ୍ୟବସ୍ଥା ବି ରହିଛି। ଦିଲୀ ୟୁନିଭର୍ସିଟି, ପଞ୍ଜାବ ୟୁନିଭର୍ସିଟି, ବନାରସ୍ ୟୁନିଭର୍ସିଟି ସମେତ ବିଭିନ୍ନ ରାଜ୍ୟର ଅନେକ ୟୁନିଭର୍ସିଟିରେ ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତ୍‌ମାନଙ୍କୁ ମାଗଣା ଆଡ୍‌ମିଶନ୍ ସହ ସ୍କଲାରଶିପ୍ ମଧ୍ୟ ମିଳିଥାଏ।

**ଟ୍ୟାଲେଣ୍ଟ ହଣ୍ଟ ଦେଉଛି ସୁଯୋଗ:** କ୍ରୀଡ଼ା ମନ୍ତ୍ରଣାଳୟର ୨୦୨୩-୨୪ର ବାର୍ଷିକ ରିପୋର୍ଟ ମୁତାବକ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ ଦ୍ୱାରା ଏହି ବର୍ଷ ମଧ୍ୟରେ ପ୍ରାୟ ୩ ହଜାର କ୍ରୀଡ଼ାବିତ୍‌ଙ୍କୁ ଟ୍ୟାଲେଣ୍ଟ ହଣ୍ଟ ଜରିଆରେ ସ୍କଲାରଶିପ୍ ଦିଆଯାଇଛି । ସେମାନଙ୍କ ମଧ୍ୟରେ ପ୍ରାୟ ୬୦% ଗ୍ରାମାଞ୍ଚଳରୁ ଆସିଛନ୍ତି। ଏହି ସ୍କଲାରଶିପ୍‌ରେ ଖେଳାଳିଙ୍କୁ ବାର୍ଷିକ ୬.୨୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମିଳିଥାଏ ; ଯେଉଁଥିରେ ସେମାନଙ୍କୁ ସରକାରୀ ପ୍ରଶିକ୍ଷଣ କେନ୍ଦ୍ରରେ ମାଗଣା ରହିବା, ଖାଇବା ସହ କୋଚିଂ, ଟ୍ୟୁଶନ୍, ଉପକରଣ ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଓଡ଼ିଶା, କର୍ନାଟକ, ହରିୟାଣା, ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟସ୍ତରୀୟ ସ୍ପୋର୍ଟ୍ସ ଏକାଡେମୀ ଦ୍ୱାରା ସ୍କଲାରଶିପ୍ ଏବଂ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି।


**ଖେଳ କୋଟାରେ ନିଯୁକ୍ତି:** ଏହି କୋଟାରେ ବର୍ତ୍ତମାନ ସରକାରୀ ସ୍ତରରେ ଭଲ ନିଯୁକ୍ତି ସୁଯୋଗ ମିଳିପାରୁଛି। ସ୍କୁଲ୍, କଲେଜ କିମ୍ବା ବିଭିନ୍ନ ସଂସ୍ଥାରେ ସ୍ପୋର୍ଟ୍ସ ଟିଚର, ଟ୍ରେନର୍, କୋଚ୍ ଭାବେ ନିଯୁକ୍ତି ପାଇପାରିବେ। ଏହା ବ୍ୟତୀତ ବିଶେଷକରି ରେଲ୍‌ୱେ, ସେନା ବିଭାଗ ଏବଂ ପୋଲିସ୍ ବିଭାଗ ପକ୍ଷରୁ ଏହି କୋଟାରେ ନିଯୁକ୍ତି ସୁଯୋଗ ରହିଛି। ରେଲ୍‌ୱେରେ କେତୋଟି ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଥିବା ବେଳେ କେତେକ ବିଭାଗରେ ରାଷ୍ଟ୍ରୀୟ ଏବଂ ଆନ୍ତଃରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରମାଣପତ୍ର ଓ ପଦକ ହାସଲ କରିଥିବା ଖେଳାଳିଙ୍କୁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ବିନା ଭଲ ସ୍ତରରେ ନିଯୁକ୍ତି ଦିଆଯାଇଥାଏ।

**ସଠିକ୍ ଦିଗ ଜାଣିବା ଆବଶ୍ୟକ:** ସ୍କୁଲ୍-କଲେଜସ୍ତରରୁ ଯଦି କ୍ରୀଡ଼ାରେ ଭଲ ପ୍ରଦର୍ଶନ କରିବା ସହ ଏହାକୁ କେବଳ ଏକ ସଉକ ନୁହେଁ, ବରଂ ନିଶା ଭାବେ ଗ୍ରହଣ କରି ଅଭ୍ୟାସ ଜାରି ରଖିବେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ତେବେ ଭବିଷ୍ୟତରେ ଏହା କ୍ୟାରିୟର ପାଇଁ ବେଶ୍ ସହଯୋଗ କରିବ। ଏଥିପାଇଁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ମିଶନ୍ ଏବଂ ଯୋଜନା ବିଷୟରେ ମଧ୍ୟ ଭଲ ଭାବେ ଜାଣିବା ଆବଶ୍ୟକ, ଯାହାକି ଏ ଦିଗରେ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ।

**ଜାଣିରଖନ୍ତୁ:** ଯଦି କ୍ରୀଡ଼ାରେ ରୁଚି ରହିଛି, ତେବେ ପାଠପଢ଼ା ସହିତ ଏଥିପାଇଁ ମଧ୍ୟ ସମୟ ଦେବାକୁ ପଡ଼ିଥାଏ। ତେଣୁ ଠିକ୍ ଭାବେ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଅଭ୍ୟାସ ଜାରି ରଖନ୍ତୁ। କେଉଁଠାରେ, କେବେ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ କିଭଳି ଅଂଶଗ୍ରହଣ କରିବେ, ସେନେଇ ସମସ୍ତ ତଥ୍ୟ ଜାଣିରଖନ୍ତୁ। ଆବଶ୍ୟକସ୍ଥଳେ ଆରମ୍ଭରୁ କୋଚିଂ ନେଇପାରିଲେ ଅଧିକ ଉପକୃତ ହୋଇପାରିବେ।









## କ'ଣ କୁହନ୍ତି ଏମାନେ...



**ଜଗନ୍ନାଥ ମହାନ୍ତ** (ସଫ୍ଟୱେର ଇଞ୍ଜିନିୟର, ଭୁବନେଶ୍ୱର)- ମୁଁ ଜଣେ ଅନ୍ତର୍ଜାତୀୟ ପର୍ବତାରୋହୀ। ଏହି ନିଶା ମୋତେ ବିଶ୍ୱ ରେକର୍ଡ ହାସଲ କରି ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ ଉଚ୍ଚତାରେ -୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ କରିବାରେ ସଫଳ ହୋଇପାରିଛି। ଏହାବ୍ୟତୀତ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଭଳି ବିଭିନ୍ନ ରେକର୍ଡରେ ନିଜ ନାମ ପଞ୍ଜୀକରଣ କରାଇବାର ସୁଯୋଗ ପାଇଛି। ସେହିପରି ମାରାଥନ୍ ଦୌଡ଼ରେ ବି ସଫଳତା ହାସଲ କରିଛି। ବର୍ତ୍ତମାନ ୱିପ୍ରୋ ଭୁବନେଶ୍ୱର ଓଡ଼ିଶାରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଟେକ୍ନୋଲୋଜିରେ ମୋର ବୃତ୍ତିଗତ କାର୍ଯ୍ୟ ସହିତ, ଗର୍ବର ସହ ୱିପ୍ରୋ ସ୍ପୋର୍ଟସ ଦଳକୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଖୁସି। କାରଣ କର୍ପୋରେଟ ଜଗତରେ ମଧ୍ୟ କ୍ରୀଡ଼ା କିପରି ଶୃଙ୍ଖଳା, ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଲିଡରଶିପ୍ ଏବଂ ଟିମ୍‌ୱାର୍କ କରିବାର କଳାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ତାହା ନିଜେ ଅନୁଭବ କରିଛି। ତା'ଛଡ଼ା ଏହା ଶାରୀରିକ ସୁସ୍ଥତା ବଜାୟ ରଖିବା, କାର୍ଯ୍ୟର ଚାପକୁ ଠିକ୍ ଭାବେ ପରିଚାଳନା କରିବା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ତେଣୁ ମୋ ମତରେ ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା କୋଟା କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ କ୍ରୀଡ଼ା କ୍ଷେତ୍ରରେ ରୁଚି ରଖୁଥିବା କ୍ରୀଡ଼ାବିତ୍‌ମାନେ ଏହାକୁ ଗମ୍ଭୀରତାର ସହ ଗ୍ରହଣ କଲେ ଭବିଷ୍ୟତରେ ଏହା ସେମାନଙ୍କୁ ଏକ ସଫଳ କ୍ୟାରିୟର ଗଢ଼ିବାରେ ସହାୟକ ହୋଇପାରିବ ସେଥିରେ ସନ୍ଦେହ ନାହିଁ।



**ଜୟନ୍ତି ବେହେରା** (ଆସିଷ୍ଟାଣ୍ଟ ମ୍ୟାନେଜର, ଓଡ଼ିଶା ମାଇନିଂ କର୍ପୋରେଶନ୍)- କ୍ରୀଡ଼ା ପ୍ରତି ମୋର ପିଲାବେଳୁ ବେଶ୍ ଆଗ୍ରହ। ଆଉ ଏହା ମୋତେ ଏକ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ର ପରିଚୟ ଦେବା ସହ ସରକାରୀ କ୍ଷେତ୍ରରେ ଭଲ ଚାକିରି ପାଇବାରେ ବି ସାହାଯ୍ୟ କରିଛି। ବିଶ୍ୱ ଦିବ୍ୟାଙ୍ଗ ଦୌଡ଼କୁଦ ପ୍ରତିଯୋଗିତାରେ (୪୦୦ ମିଟର) ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିପାରିଛି। ଏହାବ୍ୟତୀତ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ଏବଂ ତିନୋଟି ରେକର୍ଡ, ଏସିଆନ୍ ଗେମ୍ସ ସମେତ ଅନେକ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ୨୦୧୯ରେ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ମୋ ପାଇଁ ଗୌରବର ବିଷୟ। ତେବେ ଭଲ କ୍ୟାରିୟର ଗଢ଼ିବା ଦିଗରେ ଏହି ଖେଳ କୋଟା କ୍ରୀଡ଼ାବିତ୍‌ମାନଙ୍କ ଦକ୍ଷତା ସହ ମନୋବଳ ବୃଦ୍ଧି କରିବାରେ ବିନିଶ୍ଚୟ ସହାୟକ ହୋଇପାରୁଛି ବୋଲି ନିଜସ୍ୱ ଅନୁଭବରୁ କହିପାରିବି। ତେଣୁ ଯେଉଁମାନେ ଏ ଦିଗରେ ଆଗ୍ରହୀ, ସେମାନେ ଆରମ୍ଭରୁ ଏଥିପାଇଁ ଉଦ୍ୟମ ଜାରି ରଖିଲେ ନିଶ୍ଚୟ ସଫଳ ହୋଇପାରିବେ।

## ଏ ସପ୍ତାହର ପ୍ରଶ୍ନ ?

୧-୧୦ମ ନ୍ୟାଶନାଲ ଲେଭଲ ପଲ୍ୟୁଶନ୍ ରେସ୍‌ପନ୍ସ ଏକ୍ସରସାଇଜ୍ ........ଠାରେ ଆୟୋଜିତ ହୋଇଛି ?
୨- କର୍ନାକ ମନ୍ଦିର ........ ଦେଶରେ ଅବସ୍ଥିତ ?
୩- ମାଇଁ ଭାରତ ନ୍ୟାଶନାଲ୍ ସର୍ଭିସ ସ୍କିମ୍ ଆୱାର୍ଡ .............. ପକ୍ଷରୁ ପ୍ରଦାନ କରାଯାଇଥାଏ ?
୪- .............. ଦେଶ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତିର ନାମକରଣ କରିଛି ?
୫- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ...........ର ସରକାରୀ ଭାଷା ?

## ଗତ ଥରର ଉତ୍ତର

୧ ଆଣ୍ଡାମାନ୍
୨ ମିନିଷ୍ଟ୍ରି ଅଫ୍ ଟ୍ରାଇବାଲ୍ ଆଫାୟାର୍ସ
୩ ଆୟୁଷ୍ମାନ୍ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ
୪ ଚାଇନା
୫ କ୍ରିକେଟ୍

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନି -୨୦୨୫

୧ ........ ଫିଜର୍
୨ ........ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍
୩ ........ ରୋଚେ
୪ ........ ମେର୍କ ଆଣ୍ଡ କୋ.
୫ ........ ଏଲି ଲିଲୀ
୬ ........ ନୋଭୋ ନର୍ଡିସ୍କ
୭ ........ ଆଷ୍ଟ୍ରାଜେନେକା
୮ ........ ଆବ୍‌ଭୀ
୯ ........ ନୋଭାର୍ଟିସ୍
୧୦ ........ ଆମ୍‌ଜେନ୍

## ୟୁଥ୍ ଆଲର୍ଟ

# ମେଦବୃଦ୍ଧି ହେଉଥିଲେ...

**ଶାରୀରିକ ପରିଶ୍ରମର ଅଭାବ, ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଭଳି ଅଭ୍ୟାସ ବର୍ତ୍ତମାନ ଅନେକଙ୍କ ଠାରେ ଯୁବାବସ୍ଥାରେ ମେଦ ବହୁଳତାର କାରଣ ସାଜୁଛି। ହେଲେ ମେଦ ବୃଦ୍ଧି ଶରୀର ପାଇଁ କ୍ଷତିକାରକ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଦିଗପ୍ରତି ସଚେତନ ରହିବା ଆବଶ୍ୟକ ...**



➔ମେଦ ବୃଦ୍ଧି ବା ମୋଟା ହୋଇଯାଉଥିଲେ ସର୍ବପ୍ରଥମେ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ। ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ।

➔ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ। ଏହା ମଧ୍ୟ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।

➔ଯଦି ମେଦବୃଦ୍ଧି ଯୋଗୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ବ୍ଲଡ୍ ସୁଗାର, କୋଲେଷ୍ଟରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ।

➔ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ।

➔ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ। ତେଣୁ ନିଜକୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖନ୍ତୁ। ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ।



## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ଅଧିକ ଚା ପିଅନ୍ତି

**ଆମ ଦେଶରେ ପ୍ରାୟ ଅଧିକାଂଶ ପରିବାରରେ ସକାଳ ହେବା ମାତ୍ରେ ଅନେକଙ୍କୁ ଚା ପିଉଥିବା ଦେଖିବାକୁ ମିଳେ। ଏମିତିକି ରାସ୍ତା କଡ଼ରୁ ଆରମ୍ଭ କରି ଛୋଟ ବଡ଼ ହୋଟେଲରେ ବି ଚା ସବୁବେଳେ ଉପଲବ୍ଧ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଆମ ଦେଶ ଲୋକଙ୍କଠାରୁ ମଧ୍ୟ ଆଉ କେତେକ ଦେଶର ଲୋକେ ଅଧିକ ଚା ପିଇଥା'ନ୍ତି। ଜାଣିବା କେଉଁ ଦେଶର ଲୋକେ ଅଧିକ ଚା ପିଅନ୍ତି...**

❖ଯଦିଓ ଚା ଉତ୍ପାଦନରେ ସମଗ୍ର ବିଶ୍ୱରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି, ହେଲେ ଅଧିକ ଚା ପିଇବା ଲିଷ୍ଟରେ ଏହାଠାରୁ ଅନେକ ଦେଶ ଆଗରେ ରହିଛି।

❖ଅଧିକ ଚା ପିଉଥିବା ଲିଷ୍ଟରେ ତୁର୍କୀ ଦେଶର ବାସିନ୍ଦା ସବୁଠୁ ଆଗରେ। ଏଠାରେ ଲୋକଙ୍କ ଦିନଚର୍ଯ୍ୟାରେ ଚା ପିଇବା ଏତେଥର ସାମିଲ ରହିଛି, ଯେମିତିକି ଚା ବିନା ସେମାନଙ୍କ ଦିନ ଅଧୁରା। ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୩.୨ କିଲୋଗ୍ରାମରୁ ଅଧିକ ଚା ପିଇଥାଏ। ଏହି ଦେଶରେ କୌଣସି ଆଲୋଚନାଠୁ ଆରମ୍ଭ କରି ବନ୍ଧୁଚର୍ଯ୍ୟା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଚା ପିଇବାକୁ ପ୍ରଥମ ଗୁରୁତ୍ୱ ଦିଆଯାଇଥାଏ।

❖ଏହାପରେ ଦ୍ୱିତୀୟ ସ୍ଥାନରେ ରହିଛି ଆୟର୍ଲାଣ୍ଡ। ଯେଉଁଠି ଜଣେ ଲୋକ ବର୍ଷକୁ ପ୍ରାୟ ୨.୧୯କେଜି. ଚା ପିଉଥିବା ରିସର୍ଚ୍ଚରୁ ଜଣାପଡ଼ିଛି।

❖ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛି ୟୁନାଇଟେଡ୍ କିଙ୍ଗଡମ୍। ଏଠାରେ ଜଣେ ବର୍ଷକୁ ପ୍ରାୟ ୧.୯୪ କେଜି ଚା ପିଇଥା'ନ୍ତି।

❖ପାକିସ୍ତାନ ଏବଂ ଇରାନ୍ ଦୁଇଟି ଦେଶର ନାଗରିକ ସର୍ବାଧିକ ଚା ପିଇବା ଲିଷ୍ଟରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏଠାରେ ଏକ ବର୍ଷ ମଧ୍ୟରେ ଜଣେ ମଣିଷ ପ୍ରାୟ ୧.୫୦ କେଜି ଚା ପିଇଥାନ୍ତି।

❖ସେହିପରି ପଞ୍ଚମ ସ୍ଥାନରେ ରହିଛି ରୁଷ୍। ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୧.୩୮ କେଜି ଚା ପିଉଥିବା ବେଳେ ବର୍ଷରେ ଜଣେ ବ୍ୟକ୍ତି ପ୍ରାୟ ୧.୨୨ କେଜି ଚା ପିଇବା ଅନୁଯାୟୀ ମରକ୍କୋ ଷଷ୍ଠ ସ୍ଥାନରେ ରହିଛି।

❖ଏହା ତଳକୁ ନ୍ୟୁଜିଲାଣ୍ଡ ଏବଂ ଚିଲୀ ୧.୧୯କେଜି. ହୋଇଥିବା ବେଳେ ମିଶର ୧.୦୧ କେଜି ଚା ପିଇବା ହିସାବରେ ଯଥାକ୍ରମେ ସପ୍ତମ ଏବଂ ଅଷ୍ଟମ ସ୍ଥାନରେ ରହିଛନ୍ତି।

❖ଏହି ତାଲିକାରେ ଭାରତ ୩୦ ନମ୍ବର ସ୍ଥାନରେ ରହିଛି।





# ଏସିଆନ ଟିଟି ଟିମ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ବହୁପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମସ୍ଥିତ ଆଥ୍‌ଲେଟିକ୍ସ ସେଣ୍ଟରରେ ଶନିବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ(ଆଇଟିଟିଏଫ୍), ଭାରତୀୟ ଟେବୁଲ ଟେନିସ ମହାସଂଘ(ଟିଟିଏଫ୍‌ଆଇ), ଏସିଆନ ଟେବୁଲ ଟେନିସ ୟୁନିୟନ (ଏଟିଟିୟୁ) ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୨ ଦେଶର ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଟିଟିୟୁର ଆଞ୍ଚଳିକ କାର୍ଯ୍ୟକାରୀ ସଭାପତି ଶେଖା ହୟାତ ଅଲ ଖଲିଫା, ଟିଟିଏଫ୍‌ଆଇ ସଭାପତି ଦୁଷ୍ୟନ୍ତ ଚୌଟେଲା, ମେଘନା ଏଲାୱତ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-କମ-ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଭାରତୀୟ ଟେବୁଲ ଟେନିସ କିମ୍ବଦନ୍ତୀ ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଏ. ଶରଥ କମଲ ଉପସ୍ଥିତ ଥିଲେ।


ଟେବୁଲ ଟେନିସ୍ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ପୁରୁଷ ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୧ରେ କିର୍ଗିଜସ୍ତାନକୁ ଓ କାଜାଖସ୍ତାନ ୩-୦ରେ କିର୍ଗିଜସ୍ତାନକୁ ପରାସ୍ତ କରିଛି। ଗ୍ରୁପ୍-ବି'ରେ ମାଲଦ୍ୱୀପ ଦୁଇଟି ମ୍ୟାଚ୍‌ରେ ୧-୩ ଓ ୦-୩ରେ ଯଥାକ୍ରମେ ମଙ୍ଗୋଲିଆ ଓ ଇରାନଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ଓମାନ ଦୁଇଟି ମ୍ୟାଚ୍‌ରେ ୦-୩ ବ୍ୟବଧାନରେ ଯଥାକ୍ରମେ ଉଜବେକିସ୍ତାନ ଓ ସିଙ୍ଗାପୁରଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ଡି'ରେ କୋରିଆ ଓ ମାଲେସିଆ ନିଜ ନିଜ ମ୍ୟାଚ୍‌ରେ ୩-୦ ବ୍ୟବଧାନରେ ମାକାଉ (ଚାଇନା)କୁ ହରାଇଛନ୍ତି। ଗ୍ରୁପ୍-ଇ'ରେ ଥାଇଲାଣ୍ଡ ୩-୦ରେ ବାଂଲାଦେଶକୁ, କତାର ୩-୧ରେ ନେପାଳକୁ, ଥାଇଲାଣ୍ଡ ୩-୦ରେ ନେପାଳକୁ ଓ କତାର ୩-୦ରେ ବାଂଲାଦେଶକୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୦ରେ ମଙ୍ଗୋଲିଆକୁ, ଗ୍ରୁପ୍-ବି'ରେ କାଜାଖସ୍ତାନ ୩-୦ରେ ମାଲଦ୍ୱୀପ, ଗ୍ରୁପ୍-ସି'ରେ ଚାଇନିଜ ତାଇପେ ୩-୦ରେ ବାଂଲାଦେଶକୁ ଓ ମାକାଉ (ଚାଇନା) ୩-୨ ଉଜବେକିସ୍ତାନକୁ ଏବଂ ଗ୍ରୁପ୍-ଡି'ରେ ମାଲେସିଆ ଓ ଇରାନ ୩-୦ ବ୍ୟବଧାନରେ ଯଥାକ୍ରମେ ନେପାଳ ଓ କିର୍ଗିଜସ୍ତାନକୁ ହରାଇଛନ୍ତି।

### ଜୋହର କପ୍ ହକି

## ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

**ଜୋହର ବାହାରୁ (ମାଲେସିଆ),୧୧।୧୦ (ପିଟି.)**

ଅଧିନାୟକ ରୋହିତଙ୍କ ଡବଲ୍ ଗୋଲ୍ ବଳରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜୋହର କପ୍ ହକି ଟୁର୍ନାମେଣ୍ଟରେ ଗ୍ରେଟ୍ ବ୍ରିଟେନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ରୋହିତ (୪୫+', ୫୨ତମ ମିନିଟ) ଓ ରବନୀତ ସିଂ (୨୩ତମ) ଗୋଲ୍ ସ୍କୋର କରିଥିବା ବେଳେ ଗ୍ରେଟ୍‌ବ୍ରିଟେନ ତରଫରୁ ମାଇକେଲ ରୟଡେନ୍ (୨୬ତମ) ଓ କାଡେନ୍‌ଡ୍ରେସେ (୪୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ସିନିୟର ଗେଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ଜାତୀୟ ଗେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କାର୍ଯ୍ୟାଳୟ ସଂଗଠନର ନିର୍ଦ୍ଦେଶକ ଚିଦାନନ୍ଦ ସ୍ୱାଇଁ, ଟିଟିନ ସାହୁ, ଶକ୍ତିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଶ୍ୱେତପର୍ଣ୍ଣା ପାଇବେ ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୧୧।୧୦(ଅନାଦି କର)**

ଓଡ଼ିଶା କ୍ରୀଡ଼ା ଜଗତର ଅନ୍ୟତମ ସମ୍ମାନଜନକ ପୁରସ୍କାର ଏକଲବ୍ୟ ଲାଗି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ବିବେଚିତ କରାଯାଇଛି। ଶନିବାର ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ଚଳିତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପୁରସ୍କାର ବାବଦକୁ ଆଗକୁ ହେବାକୁ ଥିବା ଏକଲବ୍ୟ ପୁରସ୍କାର ଉତ୍ସବରେ ତାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନ ରନରଅପ ହୋଇଛନ୍ତି। ଉଭୟଙ୍କୁ ପୁରସ୍କାର ବାବଦକୁ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ୧୯୯୩ରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ବିଗତ ଦୁଇ ବର୍ଷରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଆ ଆଥ୍‌ଲେଟଙ୍କୁ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ବିଜେତାଙ୍କ ନାମ ଏକଲବ୍ୟ କମିଟିର ଅଧକ୍ଷ ଓ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଘୋଷଣା କରିଛନ୍ତି। ଏହି ଅବସରରେ ଏକଲବ୍ୟ କମିଟିର ସଂଯୋଜକ ଅଶ୍ୱିନୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।


ଶ୍ୱେତପର୍ଣ୍ଣା ପଣ୍ଡା

# ଆନ୍ଧ୍ର ବିପକ୍ଷରେ ଓଡ଼ିଶା ୩ ଉଇକେଟରେ ବିଜୟୀ

### ଭିନୁ ମଙ୍କଡ଼ କ୍ରିକେଟ


ପୀୟୂଷ ରଞ୍ଜନ ମନ୍ତ୍ରୀ


ଆଦିତ୍ୟ ଆନନ୍ଦ

**ଭୁବନେଶ୍ୱର, ୧୧।୧୦ (ବିଜୟ ରଣା)**

ସୁଲତାନପୁରସ୍ଥିତ ଗୁର୍‌ଗାଁଓ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ୨୦୨୫-୨୬ର ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୩ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ୪୮. ୩ ଓଭରରେ ୨୨୯ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଭିଏମ୍‌ଭିଏସ୍ ରକ୍ଷଣ ୪୪ ଓ ଆନନ୍ଦ ଜୋସ୍‌ଲା ୩୧ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ୩ ଓ ସୟେଦ ତୁଫାଇଲ ଅହମଦ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୪୫.୨ ଓଭରରେ ୭ ଉଇକେଟ ବିନିମୟରେ ୨୩୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ୬୩ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୫୭ରନ କରି ଅପରାଜିତ ରହିଥିବା ବେଳେ ପୀୟୂଷ ରଞ୍ଜନ ମନ୍ତ୍ରୀ ୧୫ ବଲ୍‌ରୁ ୫ ଛକା ସହ ୩୮ରନ କରିଥିଲେ। ବିପକ୍ଷ ଦଳର ସାଇ ଏନ୍ ୩ ଏବଂ ଏନ୍. ରାଜେଶ ୨ ଉଇକେଟ ଅକ୍ତିଆର କରିଥିଲେ।

# ଦିବ୍ୟଦର୍ଶିନୀଙ୍କ ୫ ଉଇକେଟ ସଫଳତା ସତ୍ତ୍ୱେ ଓଡ଼ିଶା ହାରିଲା

### ସିନିୟର ମହିଳା ଟି୨୦ ଟ୍ରଫି

**ଭୁବନେଶ୍ୱର,୧୧।୧୦ (ବିଜୟ ରଣା)**

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫ଉଇକେଟ ସଫଳତା ସତ୍ତ୍ୱେ ଜାତୀୟ ସିନିୟର ମହିଳା ଟି୨୦ ଟ୍ରଫିରେ ଶନିବାର ଖେଳାଯାଇଥିବା ଛତିଶଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶା ୪୭ରନରେ ହାରିଯାଇଛି। ଗ୍ୱାଲିୟରସ୍ଥିତ କ୍ୟାପଟେନ୍ ରୁପ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ନିର୍ଦ୍ଧାରିତ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। କୀର୍ତ୍ତି ଗୁପ୍ତା ୨୫ ଓ ନେହା ବାଡୱେକ ୨୩ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ୧୧୫ ରନର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ମାଧୁରୀ ମେହେଟା ୧୮ ଏବଂ ସଙ୍ଗୀତା ଖାଡ଼ିଆ ୧୫ରନ କରିଥିଲେ।


ସୁଶ୍ରୀ ଦିବ୍ୟଦର୍ଶିନୀ

### ଆଇସିସି ମହିଳା ବିଶ୍ୱକପ୍

# ଆଜି ଭାରତ-ଅଷ୍ଟ୍ରେଲିଆ ମୁକାବିଲା

**ବିଶାଖାପାଟଣା, ୧୧।୧୦ (ପି.ଟି.)**

ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତ ରବିବାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ବିଶ୍ୱକପ୍ ଅଭିଯାନରେ ସ୍ଥିରତା ବଜାୟ ରଖିବାକୁ ହେଲେ କୌଶଳଗତ ଭାବେ ନମନୀୟ ହେବାକୁ ପଡ଼ିବ ଏବଂ ୬ଷ୍ଠ ବୋଲିଂ ବିକଳ୍ପ ଯୋଡ଼ିବା ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଗୁରୁବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ୩ ଉଇକେଟରେ ପରାଜିତ ହେବାପରେ ସମସ୍ତ କଣ୍ଡିଶନରେ ୫ବୋଲରଙ୍କୁ ନେଇ ଖେଳିବା ପ୍ରଯୁଜ୍ୟ ନୁହେଁ ବୋଲି ହୃଦ୍‌ବୋଧ ହୋଇଛି। ଅଧିନାୟିକା ହରମନପ୍ରୀତ କୌରଙ୍କୁ ୬ଷ୍ଠ ବୋଲର ଅନୁପସ୍ଥିତିରେ କାମଚଳା ଅଫ୍ ସ୍ପିନର ବୋଲର ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୪୦ଓଭର ପରେ ଦକ୍ଷିଣ ଆଫ୍ରିକା ବ୍ୟାଟରମାନେ ପେସ୍ ବୋଲରମାନଙ୍କୁ ଟାର୍ଗେଟ କରିଥିଲେ, କାରଣ ସେତେବେଳେ ଘରୋଇ ଦଳ ନିକଟରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିଲା। ୪୭ତମ ଓ ୪୯ତମ ଓଭରରେ କ୍ରାନ୍ତି ଗୌଡ଼ ଓ ଅମନଜୋତ କୌର ୧୨ ବଲ୍‌ରେ ୩୦ରନ ଦେଇଥିଲେ, ଯାହାଫଳରେ ଦକ୍ଷିଣ ଆଫ୍ରିକା ୨୫୨ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ବର୍ତ୍ତମାନର ଭାରତୀୟ ବୋଲିଂ ଲାଇନ୍‌ଅପ୍‌ରେ ଦୁଇ ଡାହାଣହାତୀ ପେସର (ଗୌଡ଼ ଓ କୌର), ଦୁଇ ଅଫ୍ ସ୍ପିନର (ଦୀପ୍ତି ଶର୍ମା ଓ ସ୍ନେହ ରାଣା) ଏବଂ ବାମହାତୀ ସ୍ପିନର ଶ୍ରୀ ଚାରାନୀ ସ୍ଥାନ ପାଇଛନ୍ତି। ଏସିଏ-ଭିଡିସିଏ ଷ୍ଟାଡିୟମର ପିଚ୍ ଯଦି ଏହାର ଲକ୍ଷଣ ବଜାୟ ରଖେ ତେବେ ଅଷ୍ଟ୍ରେଲୀୟ ବ୍ୟାଟିଂ ୟୁନିଟ ଆକ୍ରମଣାତ୍ମକ ଖେଳିବା ଥୟ। ଏଥିରୁ ଭାରତକୁ ୬ଷ୍ଠ ବୋଲର କଥା ଚିନ୍ତା କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଦଳରେ ଥିବା ଆସଲେ ଗାର୍ଡନର, ଏଲିସା ହିଲି, ଏଲିସି ପେରୀଙ୍କ ଭଳି ବିସ୍ଫୋରକ ବ୍ୟାଟର ହରମନପ୍ରୀତଙ୍କ ପାର୍ଟଟାଇମ୍ ସ୍ପିନର ଧୁଳେଇ କରିବେ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଉମା ଚେତ୍ରୀ, ରେଣୁକା ସିଂ ଠାକୁର, ଦିପ୍ତୀ ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ ଓ କ୍ରାନ୍ତି ଗୌଡ଼।

# ଭାରତ ୫୧୮/୫: ୱେଷ୍ଟଇଣ୍ଡିଜ୍ ୧୪୦/୪

### ଦ୍ୱିତୀୟ ଟେଷ୍ଟ

**ନୂଆଦିଲ୍ଲୀ, ୧୧।୧୦**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଶନିବାର ତା'ର ପ୍ରଥମ ଇନିଂସରେ ୫ ଉଇକେଟରେ ୫୧୮ ରନ କରି ପାଳି ଘୋଷଣା କରିଛି। ଜବାବରେ ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଅପରାଜିତ ଶତକ ଦ୍ୱିତୀୟ ଦିନର ଉଲ୍ଲେଖନୀୟ ବିଷୟ ଥିଲା।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୩୧୮/୨)ରୁ ବ୍ୟାଟିଂ ଆରମ୍ଭ କରି ୩ ଉଇକେଟରେ ୨୦୦ ରନ ଯୋଡ଼ିବା ପରେ ପାଳି ଘୋଷଣା କରିଥିଲା। ପୂର୍ବଦିନ ୧୭୩ ରନରେ ଅପରାଜିତ ଥିବା ଯଶସ୍ୱୀ ଜୟସ୍ୱାଲ ନିଜ ସ୍କୋରରେ ମାତ୍ର ୨ ରନ ଯୋଡ଼ି ପାରିଥିଲେ। ସେ ୧୭୫ (୨୨ ଚୌକା) ରନ୍ କରି ରନ୍ ଆଉଟ ହୋଇଥିଲେ। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ନୀତୀଶ କୁମାର ରେଡ୍ଡୀଙ୍କ ସହ ଅଧିନାୟକ ଶୁବମନ ଗିଲ୍ ମିଶି ଚତୁର୍ଥ ଉଇକେଟରେ ୯୧ ରନ ଯୋଡ଼ିଥିଲେ। ୪ ଚୌକା ଓ ୨ ଛକା ସହିତ ୪୩ ରନ କରିଥିବା ନୀତୀଶଙ୍କୁ ଜୋମେଲ ୱାରିକାନ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଧ୍ରୁବ ଜୁରେଲ ଓ ଗିଲ୍ ୫ମ ଉଇକେଟରେ ୧୦୨ ରନ ଯୋଡ଼ିଥିଲେ। ଜୁରେଲ ୫ ଚୌକା ସହିତ ୪୪ ରନ କରି ଆଉଟ୍ ହେବା ପରେ ଭାରତୀୟ ଦଳ ପାଳି ଘୋଷଣା କରିଥିଲା। ଗିଲ ୧୨୯ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦ମ ଓ ଚଳିତ ବର୍ଷର ପଞ୍ଚମ ଟେଷ୍ଟ ଶତକ ଥିଲା। ୱେଷ୍ଟଇଣ୍ଡିଜ ପାଇଁ ୱାରିକାନ ୩ ଓ ଅଧିନାୟକ ରୋଷ୍ଟନ ଚେଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ଦୁର୍ଭାଗ୍ୟଜନକ ଭାବେ ଜନ କାମ୍ପବେଲ(୧୦)ଙ୍କ ଉଇକେଟ ହରାଇଥିଲା। ଓପନର ଟାଗେନାରିନ ଚନ୍ଦ୍ରପାଲ ଓ ଆଲିକ୍ ଆଥାନେଜ ଦ୍ୱିତୀୟ ଉଇକେଟରେ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ୮୭ରେ ପହଞ୍ଚାଇଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଚନ୍ଦ୍ରପାଲ (୩୪), ଆଥାନେଜ (୪୧) ଓ ଅଧିନାୟକ ରୋଷ୍ଟନ ଚେଜ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ଶାଇ ହୋପ୍ (୩୧) ଓ ଟେଭିନ ଇମଲାଚ (୧୪) ଭାରତୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୩ ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ ଘୋଷଣା(ଯଶସ୍ୱୀ ଜୟସ୍ୱାଲ-୧୭୫, ଶୁବମନ ଗିଲ -୧୨୯*, ନୀତୀଶ ରେଡ୍ଡୀ-୪୩, ଧ୍ରୁବ ଜୁରେଲ-୪୪, ୱାରିକାନ-୩/୯୮)। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪(ଆଲିକ ଆଥାନେଜ-୪୧, ଟେଗନାରିନ ଚନ୍ଦ୍ରପାଲ-୩୪,ଶାଇ ହୋପ-୩୧*, ରବୀନ୍ଦ୍ର ଜାଡେଜା-୩/୩୭)।


ଶତକ ହାସଲ ପରେ ଶୁବମନ ଗିଲ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ